

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୩ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 MARCH 2025

Vol.No. 36 ■ No.69 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଦାବି ପୂରଣ ନହେଲେ ପ୍ରତି ଘଣ୍ଟାରେ ୫ ସୈନିକଙ୍କୁ ହତ୍ୟା କରିବୁ : ବିଏଲଏ



କ୍ୱେଟା ନୂଆଦିଲ୍ଲୀ, ୧୨/୩ : ପାକିସ୍ତାନର ବଲୋନରେ ଟ୍ରେନ୍ ଅପହରଣ ଘଟଣାକୁ ନେଇ ବେଲୁଚିସ୍ତାନ ଲିବରେସନ ଆର୍ମି ଏକ ନୂଆ ବୟାନ ଜାରି କରିଛି। ବଲୋଚ ସେନା କହିଛି ଯେ ପାକିସ୍ତାନ ସରକାର ନିଜ ବନ୍ଦୀ ସୈନିକମାନଙ୍କ ପ୍ରତି ଗମ୍ଭୀର ନୁହଁନ୍ତି । ଏହାର ପରିଣାମ ଅତ୍ୟନ୍ତ ଗମ୍ଭୀର ହେବାକୁ ଯାଉଛି। ବିଏଲ୍ଏ କହିଛି ଯେ ତାଙ୍କ ହେପାଜତରେ ଏବେ ବି ୨୦୦ରୁ ଅଧିକ ପାକିସ୍ତାନୀ ସୈନିକ ଅଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ବେଲୁଚିସ୍ତାନ ଲିବରେସନ ଆର୍ମି କହିଛି ଯେ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପାକିସ୍ତାନ ସରକାର ଆମ ଦାବିକୁ ଗମ୍ଭୀରତାର ସହ ନେଇନାହାନ୍ତି। ଅପରପକ୍ଷରେ ପାକିସ୍ତାନ ସରକାର ମିଥ୍ୟା ଖବର ପ୍ରଚାର କରୁଛନ୍ତି। ଆମେ ଶେଷ ଥର ପାଇଁ ଚେତାବନୀ ଦେଉଛୁ । ଦାବି ପୂରଣ ନହେଲେ ପ୍ରତି ଘଣ୍ଟାରେ ୫ ଜଣ ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରାଯିବ। ବଲୋଚ ସେନା କହିଛି ଯେ ସମସ୍ତ ପାକିସ୍ତାନୀ ସୈନିକ ଏବେ ବି ଆମ ହେପାଜତରେ ଅଛନ୍ତି। ଆମେ ପାକ୍ ସୈନିକ ଏବଂ ଏଥିରେ ପ୍ରାୟ ୨୦୦ ଲୋକଙ୍କୁ ଯୋଡ଼ି ରଖିଛୁ। ପରିସ୍ଥିତି ଆମ ନିୟନ୍ତ୍ରଣରେ ଅଛି, କିନ୍ତୁ ପାକିସ୍ତାନ ସେନା ଏକ ଭିନ୍ନ କାହାଣୀ କହୁଛି। ବିଏଲଏ କହିଛି ଯେ ପାକିସ୍ତାନ ସରକାର ସମଗ୍ର ମାମଲାକୁ ଏକ ଭିନ୍ନ ଦିଗକୁ ଦେବାରେ ନିୟୋଜିତ ଅଛନ୍ତି, କିନ୍ତୁ ଏହାର ସୈନିକମାନେ କିପରି ବେଲୁଚିସ୍ତାନର ଲୋକଙ୍କ ଉପରେ ବିପର୍ଯ୍ୟୟ ଘଟାଉଛନ୍ତି ତାହା ଏହା କହୁନାହିଁ। ବିଏଲଏ କହିଛି ଯେ ପାକିସ୍ତାନ ଜେଲରେ ଥିବା ବିଏଲଏ ବିଦ୍ରୋହୀମାନଙ୍କୁ ପାକିସ୍ତାନ ମୁକ୍ତ କଲେ ହିଁ ବନ୍ଧକମାନଙ୍କୁ ଛଡ଼ାଯିବ ।

## ଗିରଫ ହେବ ବିଜେଡି ନେତା ରାଜା ଚକ୍ର: ଅନ୍ତରୀଣ ସୁରକ୍ଷା ହଟାଇ ଦେଲେ ହାଇକୋର୍ଟ



ଭୁବନେଶ୍ୱର, ୧୨/୩ (ନି.ପ୍ର): ବିଜେଡି ନେତା ରାଜା ଚକ୍ରଙ୍କୁ ନେଇ ଆସିଲା ବଡ଼ ଖବର । ବିଜେଡି ନେତା ରାଜା ଚକ୍ରଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହେଲା । ଆଗୁଆ ଜାମିନ ଆବେଦନ ଖାରଜ କଲେ ହାଇକୋର୍ଟ । ରାଜାଙ୍କ ୪ ସହଯୋଗୀଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଛି। ଏମିତିକି ରାଜାଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ହଟାଇ ଦେଲେ ହାଇକୋର୍ଟ । ଏଥିସହ ରାଜାଙ୍କୁ ଗିରଫ ନେଇ ଥିବା ପ୍ରତିବନ୍ଧକ ହଟିଲା । ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କୋ ଅପରେଟିଭ ସୋସାଇଟି କେଳେଙ୍କାରୀ ମାମଲାରେ ବିଜେଡି ନେତା ରାଜା ଚକ୍ରଙ୍କୁ ଘନ ଘନ ରେଡ୍ କରିଥିଲା ରଞ୍ଜଡ। ଦୁଇ ଦିନ ତଳେ ଜଣେ ଇଝଚଙ୍କ ନେତୃତ୍ୱରେ ଗୋଟିଏ ଟିମ ରାଜାଙ୍କର କେନ୍ଦୁଝର ଜଗନ୍ନାଥପୁର ସ୍ଥିତ ଘରେ ଚଢାଉ କରିଥିଲା । ବହୁ ସମୟ ଧରି ଘରେ ଯାଞ୍ଚ ଚାଲିଥିଲା । ଖାଲି ଏତିକି ନୁହେଁ, ଯୋଡ଼ା ଖଣି କ୍ଷେତ୍ରର ବିଭିନ୍ନ ଜାଗାରେ ଆଉ ଏକ ଟିମ ତଦନ୍ତ ଜାରି ରଖିଛି । ଏହି ଚଢାଉ ବେଳେ ରଞ୍ଜଡ ବହୁ ତଥ୍ୟ ପାଇଥିବା ସୂଚନା ମିଳୁଛି । ଏହାରି ମଧ୍ୟରେ ରାଜା ଚକ୍ରଙ୍କୁ ନେଇ ଏକ ସଙ୍ଗୀନ ଅଭିଯୋଗ ଆଣିଥିଲେ ବିଜେପି ରାଜ୍ୟସଭା ସାଂସଦ ମମତା ମହାନ୍ତ । ମମତା କହିଛନ୍ତି, ବିଜେଡି ନେତା ରାଜା ଚକ୍ର ବବି ଦାସ ଓ ପାଣ୍ଡିଆନଙ୍କ ଯୋଗୁଁ ପାୱାରଫୁଲ ଥିଲେ । ସେମାନଙ୍କ ହାତ ନଥିଲେ, ସେ ଏତେ ଶକ୍ତିଶାଳୀ କେମିତି ହୋଇଥାନ୍ତେ ? ଖଣି ସମୃଦ୍ଧ କେନ୍ଦୁଝର ଜିଲ୍ଲାରେ ରାଜା ଚକ୍ରଙ୍କୁ କିଏ ଏତେ ପାୱାର ଦେଇଥିଲା ବୋଲି ପ୍ରଶ୍ନ କରିବା ସହ ମୋହନ ସରକାରରେ ଯିଏ

▶▶ପୃଷ୍ଠା ୭

## ବଦଳିଗଲା କି ବିଜେଡିର ସମଦୂରତା ନୀତି ?: ବିରୋଧୀ ଶିବିରରେ ଶଙ୍ଖଦଳ ମିଶୁଥିବା ନେଇ ଚର୍ଚ୍ଚା



ଭୁବନେଶ୍ୱର, ୧୧/୩ (ନି.ପ୍ର): ୨୪ ନିର୍ବାଚନ ବିପର୍ଯ୍ୟୟ ପରେ ନିଜ ସମଦୂରତା ନୀତିରୁ ଦୂରେଇ ଯାଉଛି କି ବିଜେଡି ? ଆସନ୍ତା ୨୨ରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ଷ୍ଟାଲିନ୍ ଡାକିଥିବା ବୈଠକକୁ ନବୀନଙ୍କ ସମର୍ଥନ ପରେ ଏଭଳି ପ୍ରଶ୍ନ ଛିଡ଼ା ହୋଇଛି । ତେବେ ବର୍ତ୍ତମାନ ସମୟରେ ସମଦୂରତା ଅପେକ୍ଷା ସମ୍ବିଧାନ ରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ବିଜେଡି କହିଛି । ଆଉ ନବୀନଙ୍କ ଏ ନିଷ୍ପତ୍ତି ପଛରେ ପାଣ୍ଡିଆନ୍ ବୋଲି ପରୋକ୍ଷରେ କହି କଡ଼ା ସମାଲୋଚନା କରିଛି ବିଜେପି । ବଳି ପଡ଼ିଲା କି ବିଜେଡିର ସମଦୂରତା ନୀତି ? ବିପର୍ଯ୍ୟୟ ପରେ ବିରୋଧୀ ଶିବିରରେ ଯୋଗ ଦେବ କି ବିଜେଡି ? ତାମିଲ ନେତାଙ୍କ ସମର୍ଥନରେ ବାହାରି ଜାତୀୟ ରାଜନୀତି ଆଡ଼କୁ ଆଖେଇଛନ୍ତି କି ନବୀନ ? ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଷ୍ଟାଲିନଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ଦଳୀୟ ସାଂସଦ ଦୟାନିଧି ମାରନ୍ ଓ ତାମିଲନାଡୁର ଶିକ୍ଷାମନ୍ତ୍ରୀ ରାଜା ନବୀନ ନିବାସ ଆସି ନବୀନଙ୍କୁ ଭେଟିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ଚେନ୍ନାଇରେ ଚଳିତ ମାସ ୨୨ ତାରିଖରେ ଡିଏମକେ

▶▶ପୃଷ୍ଠା ୭

## ହୋମଗାର୍ଡ ଚାକିରି ପାଇଁ ପାଠୁଆ ହାଉଜାଉ: ବିଟେକ୍- ଏମଟେକ୍ ଓ ଏମସିଏ ଡିଗ୍ରୀଧାରୀ ପକାଇଛନ୍ତି ଫର୍ମ



ରାଉରକେଲା, ୧୧/୩ (ନି.ପ୍ର): ହୋମଗାର୍ଡ ଚାକିରି ପାଇଁ ହାଉଜାଉ । ରାଉରକେଲା ପୋଲିସ ଜିଲ୍ଲାରେ ୧୦୭ଟି ହୋମଗାର୍ଡ ପଦବୀରେ ନିଯୁକ୍ତି ବାହାରିଥିବା ବେଳେ ଆବେଦନ ଟପିଲାଣି ୯ ହଜାର । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆବେଦନକାରୀଙ୍କ ମଧ୍ୟରେ ରହିଛନ୍ତି ବହୁ ଉଚ୍ଚଶିକ୍ଷିତ । ଏପରିକି ବିଟେକ୍, ଏମ୍ ଟେକ୍ ଏବଂ ଏମସିଏ କରିଥିବା ପିଲା ବି କରିଛନ୍ତି ଆବେଦନ । ପ୍ରଶ୍ନ ଉଠୁଛି, ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତ ପିଲାଙ୍କ ମଧ୍ୟରେ ଏଭଳି ରେସ୍ କାହିଁକି ? ବେକାରୀ ସମସ୍ୟା ଏହାର କାରଣ ନୁହେଁ ତ ? ଉଚ୍ଚଶିକ୍ଷିତ ପିଲାଙ୍କ ରେସ୍ ଲାଗିଛି ହୋମଗାର୍ଡ ଚାକିରି ପାଇଁ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ଆବେଦନକାରୀଙ୍କ ମଧ୍ୟରେ କିଏ କିଏ ବିଟେକ୍ ଓ ଏମଟେକ୍ କରିଛନ୍ତି ତ କିଏ ଏମସିଏ ଏବଂ ଡିଗ୍ରୀ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପ୍ରାଇଭେଟ୍ କଲେଜରେ ପାଠ ପଢି ବି ପିଲା ଧାଇଁ ଆସିଛନ୍ତି ହୋମଗାର୍ଡ ହେବା ଆଶାରେ । ପୋଷ୍ଟ ୧୦୭ଟାକୁ ଆବେଦନ ଟପିଲାଣି ୯ ହଜାର। ଆଜି ଆବେଦନର ଶେଷ ତାରିଖରେ

▶▶ପୃଷ୍ଠା ୭

## ମଦ ପିଇ ହୋଲି ଖେଳିଲେ ଗିରଫ

ଭୁବନେଶ୍ୱର , ୧୨/୩ (ନି.ପ୍ର): ହୋଲି ପର୍ବକୁ ଶୃଙ୍ଖଳିତ କରିବା ପାଇଁ ଗାଇଡଲାଇନ୍ ଜାରି କରିଛି କମିଶନରେଟ୍ ପୋଲିସ। ମଦ ପିଇ ହୋଲି ଖେଳିଲେ ଗିରଫ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ସେ କହିଛନ୍ତି ହୋଲି ପରେ ମଦ୍ୟପାନ କରି କୌଣସି ନଦୀ ଓ ପୋଖରୀରେ ଗାଧୋଇବା ଉପରେ କଟକଣା ଜାରୀ କରାଯାଇଛି। ହୋଲି ଦିନ ସହରରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ସମସ୍ତ ଗାଧୁଆ ଘାଟରେ ପୋଲିସ ସହ ଅଗ୍ନିଶମ କର୍ମଚାରୀ ରହିବେ। ରାସ୍ତା ଉପରେ ହୋଲି ଖେଳି ଗହଳି କଲେ ପିସିଆର ଭ୍ୟାନ୍ ଉଠାଇ ନେବ।

## ୨ଦିନ ନିଆଁ ବର୍ଷା: ସତର୍କ କରାଇଲା ପାଣିପାଗ କେନ୍ଦ୍ର





ଭୁବନେଶ୍ୱର, ୧୨/୩ (ନି.ପ୍ର): ଆସନ୍ତା ଦୁଇଦିନ ରାଜ୍ୟରେ ହେବ ନିଆଁ ବର୍ଷା। ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ ତାପମାତ୍ରା। କାଲି ଓ ତା' ପଅର ଦିନ ପଶ୍ଚିମ ଓଡ଼ିଶାରେ ପ୍ରବଳ ଖରା ହେବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର।

▶▶ପୃଷ୍ଠା ୭

## ୨୨ରେ ଓଡ଼ିଶା ଆସିବେ ଅମିତ ଶାହ

ଭୁବନେଶ୍ୱର, ୧୨/୩ (ନି.ପ୍ର): ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହା । ଦୁଇ ଦିନିଆ ଓଡ଼ିଶା ଗସ୍ତର ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଆସନ୍ତା ୨୨ ତାରିଖରେ ସେ ଆସିବା ନେଇ ସୂଚନା ମିଳିଛି । ଏହି ଅବସରରେ ଶାହ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସରେ ଯୋଗ ଦେବେ ।

## ଧାରଣାରୁ ଓହରିଲେ ସାମ୍ବାଦିକ: ସୂର୍ଯ୍ୟବଂଶୀ ସୂରଜ ବୁଝାଇବା ପରେ ମାନିଲେ ସାମ୍ବାଦିକ



ଭୁବନେଶ୍ୱର, ୧୨/୩ (ନି.ପ୍ର): ଧାରଣାରୁ ଓହରିଲେ ସାମ୍ବାଦିକ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବୁଝାସୁଝା ପରେ ଧାରାଣରୁ ଓହରିଛନ୍ତି । ବିଧାନସଭାକୁ ସାମ୍ବାଦିକଙ୍କ ମୋବାଇଲ ମନାକୁ ନେଇ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ ସାମ୍ବାଦିକ । ବିଧାନସଭା ପ୍ରେସ ଗ୍ୟାଲେରିକୁ ଆଜି ସାମ୍ବାଦିକମାନଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଥିଲା। ଯାହାକୁ ବିରୋଧ କରିବା ବିଧାସଭାରେ ପ୍ରଶ୍ନକାଳକୁ ବଏକଟ କରିଛନ୍ତି ସାମ୍ବାଦିକ। ପୂର୍ବରୁ ସମାନ ଢଙ୍ଗରେ ବିଧାନସଭାକୁ ସାମ୍ବାଦିକଙ୍କ କ୍ୟାମେରା ଉପରେ କଟକଣା ଲଗାଇଥିଲେ ପୂର୍ବ ସରକାର। ଆଉ ଏବେ ବିଜେଡି ଭଳି ବିଜେପି ମଧ୍ୟ ସାମ୍ବାଦିକଙ୍କ ମୋବାଇଲ ଉପରେ କଟକଣା ଲଗାଇଛି। ସେପଟେ ବିଧାୟକ ତାରା ବାହିନୀପତିଙ୍କ ନିଲମ୍ବନ ବିରୋଧରେ ଧାରଣା ଦେଇଛନ୍ତି କଂଗ୍ରେସ ବିଧାୟକ । ବିଧାନସଭା ବର୍ଜନ କରି ଗାନ୍ଧୀମୂର୍ତ୍ତି ତଳେ କଂଗ୍ରେସ ବିଧାୟକଙ୍କ ପ୍ରତିବାଦ । ତାରାଙ୍କୁ ନିଲମ୍ବନ ଅଗଣତାନ୍ତ୍ରିକ କହିଛି କଂଗ୍ରେସ ।

## ପୁରୀ ଶ୍ୱେତଗଙ୍ଗାରେ ବାପା ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ କଲେ ପୁଅ ବାବୁସାନ ଓ ବୋହୂ ତୃପ୍ତି

ଭୁବନେଶ୍ୱର, ୧୨/୩ (ନି.ପ୍ର): ଦିବଙ୍ଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଏକାଦଶାହ ସରିବା ପରେ ଆଜି ତାଙ୍କ ଅସ୍ଥି ବିସର୍ଜନ କରିଛନ୍ତି ପୁଅ ବାବୁସାନ । ଆଜି ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ କରିଛନ୍ତି ବାବୁସାନ । ପତ୍ନୀ ତୃପ୍ତୀଙ୍କ ସହ ପୁରୀ ଶ୍ୱେତଗଙ୍ଗା ଠାରେ ତିଳ ତର୍ପଣ ସହ ଶ୍ରାଦ୍ଧପିଣ୍ଡ ଦେଇଛନ୍ତି । ତେବେ ଶ୍ୱେତଗଙ୍ଗା ଠାରେ ଅଳ୍ପ କିଛି ଅସ୍ଥି ବିସର୍ଜନ କରାଯାଇଛି । ଏହାପରେ ୧୬ ତାରିଖରେ ବାବୁସାନ ବାରିପଦା ଯିବେ । ସେଠାରେ ଶ୍ରାଦ୍ଧ କାର୍ଯ୍ୟ ସହ ବ୍ରାହ୍ମଣ ଭୋଜନ କରାଇବେ । ତେବେ କେନ୍ଦୁଝରରେ ବାବୁସାନଙ୍କ ଫିଲ୍ମ ସୁଟିଂ ଚାଲିଥିଲା, ଯେତେବେଳେ ଉତ୍ତମ ମହାନ୍ତି ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହେଲେ । ସେତେବେଳେ ଅଧାରୁ ଫିଲ୍ମ ସୁଟିଂ ଛାଡି ଚାଲିଆସିଥିଲେ ବାବୁସାନ । ଆଉ ଏହି ସିନେମା ରଜରେ ରିଲିଜ ହେବା ନେଇ ସାଇନ୍ କରିଛନ୍ତି ଅଭିନେତା । ଫିଲ୍ମ ସୁଟିଂ ଅଧାରେ ଥିବାରୁ ନିଜ ବାପାଙ୍କ ଶୁଦ୍ଧି କାମରେ ଲଣ୍ଡା ହୋଇ ପାରିନାହାଁନ୍ତି । ତେବେ ଫିଲ୍ମର ସୁଟିଂ ଶେଷ ହେବା ପରେ ତ୍ରିବେଣୀ ସଙ୍ଗମ ଯାଇ ବାପା ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ ସହ ଶ୍ରାଦ୍ଧ କରିବେ ଓ ମୁଣ୍ଡନ ହେବେ ବୋଲି ସୂଚନା ଦେଇଛନ୍ତି ଅଭିନେତା ବାବୁସାନ ମହାନ୍ତି ।

## ପାକିସ୍ତାନରେ ଆତଙ୍କବାଦର ନିଆଁ ବ୍ୟାପିଚାଲିଛି : ଇମ୍ରାନ ଖାଁ



ନୂଆଦିଲ୍ଲୀ, ୧୨/୩ : ପାକିସ୍ତାନର ଜାଫର ଏକ୍ସପ୍ରେସ ଅପହରଣ ଘଟଣା ପରେ ମୁହଁ ଖୋଲିଛନ୍ତି ଆଡିଆଲା ଜେଲରେ ଥିବା ପାକିସ୍ତାନ ତେହରିକ-ଏ-ଇନସାଫ (ପିଟିଆଇ) ମୁଖ୍ୟ ଇମ୍ରାନ ଖାଁ । ମଙ୍ଗଳବାର (ମାର୍ଚ୍ଚ ୧୧, ୨୦୨୫) ପଠାଯାଇଥିବା ଏହି ବାର୍ତ୍ତାରେ ଇମ୍ରାନ୍ କହିଛନ୍ତି ଯେ ଆଜିକାଲି ପାକିସ୍ତାନରେ ଆତଙ୍କବାଦର ନିଆଁ ବ୍ୟାପିବାରେ ଲାଗିଛି, କିନ୍ତୁ ତାଙ୍କ କାର୍ଯ୍ୟକାଳରେ ତାହା ହୋଇନଥିଲା। ସେ କହିଛନ୍ତି, ଦେଶରେ ପୁଣି ଥରେ ଆତଙ୍କବାଦ ନିଜକୁ ଛିଡ଼ା କରିଛି। ଆମ କାର୍ଯ୍ୟକାଳ ରେ ପାକିସ୍ତାନ ଆତଙ୍କବାଦକୁ ସଫଳତାର ସହ ନିୟନ୍ତ୍ରଣ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଦିଗରେ ଆଗେଇ ଚାଲିଥିଲା । ବିଶ୍ୱ ଆତଙ୍କବାଦ ସୂଚକାଙ୍କରେ ଆମର ମାନ୍ୟତା ୪ ସ୍ଥାନ ଉନ୍ନତ ହୋଇଛି। ତେବେ କ୍ଷମତା ପରିବର୍ତ୍ତନ ଏହି ଅଗ୍ରଗତିକୁ ବଦଳାଇ ଦେଇଛି ଏବଂ ଦୁର୍ଭାଗ୍ୟବଶତଃ ପାକିସ୍ତାନ ପୁଣି ଥରେ ବିଶ୍ୱ ଆତଙ୍କବାଦ ସୂଚକାଙ୍କରେ ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ଦେଶ ପାଲଟିଛି। ସେ କହିଛନ୍ତି, ଦେଶରେ ପୁଣି ଥରେ ଆତଙ୍କବାଦ ନିଜକୁ ଛିଡ଼ା କରିଛି। ଆମ କାର୍ଯ୍ୟକାଳ ରେ ପାକିସ୍ତାନ ଆତଙ୍କବାଦକୁ ସଫଳତାର ସହ ନିୟନ୍ତ୍ରଣ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଦିଗରେ ଆଗେଇ ଚାଲିଥିଲା । ବିଶ୍ୱ ଆତଙ୍କବାଦ ସୂଚକାଙ୍କରେ ଆମର ମାନ୍ୟତା ୪ ସ୍ଥାନ ଉନ୍ନତ ହୋଇଛି। ତେବେ କ୍ଷମତା ପରିବର୍ତ୍ତନ ଏହି ଅଗ୍ରଗତିକୁ ବଦଳାଇ ଦେଇଛି ଏବଂ ଦୁର୍ଭାଗ୍ୟବଶତଃ ପାକିସ୍ତାନ ପୁଣି ଥରେ ବିଶ୍ୱ ଆତଙ୍କବାଦ ସୂଚକାଙ୍କରେ ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ଦେଶ ପାଲଟିଛି। ଇମ୍ରାନ୍ ଆହୁରି ମଧ୍ୟ କହିଛନ୍ତି, ପାକିସ୍ତାନର ବୈଦେଶିକ ନୀତିକୁ ଏହାର ଆଭ୍ୟନ୍ତରୀଣ ବ୍ୟାପାର ଭଳି ସବୁଠାରୁ ଖରାପ ଢଙ୍ଗରେ ପରିଚାଳନା କରାଯାଉଛି। ଆଫଗାନିସ୍ତାନ ସହ ଆମର ଏକ ଲମ୍ବା ସୀମା ରହିଛି ଏବଂ ସେମାନଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବା ଉଚିତ୍ । ପଡ଼ୋଶୀ ଦେଶମାନଙ୍କ ସହ ଆମର ବୈଦେଶିକ ନୀତି ସ୍ୱାଧୀନ ଓ ସାର୍ବଭୌମ ନ ହେବା ପର୍ଯ୍ୟନ୍ତ ଦେଶରେ ଶାନ୍ତି ଆଶା କରାଯାଇପାରିବ ନାହିଁ। ସାମରିକ ଅଭିଯାନ କେବେ ବି ସମସ୍ୟାର ସମାଧାନ ନୁହେଁ - ଏପରିକି ବଡ଼ ଯୁଦ୍ଧ ମଧ୍ୟ ଆଲୋଚନା ଏବଂ ଶାନ୍ତି ଏବଂ ସ୍ଥିରତା ପ୍ରୟାସ ମାଧ୍ୟମରେ ସମାଧାନ ହୋଇଥାଏ।

## ବାଂଲାଦେଶୀଙ୍କ ଉପରେ ନଜର: ଡ୍ରୋନ୍ ଜଗିବ ଜଳସୀମା

ଭୁବନେଶ୍ୱର, ୧୨/୩ (ନି.ପ୍ର): ବାଂଲାଦେଶୀ ଅନୁପ୍ରେବେଶ ରୋକିବା ପାଇଁ ଓଡ଼ିଶା ପୁଲିସ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି । ଜଳସୀମା ଉପରେ ଡ୍ରୋନ୍ ଯୋଗେ ନଜର ରଖାଯିବ। ଆହୁରି ଅନେକ ନିଷ୍ପତ୍ତି ନିଆଯାଇଥିବା ପୁଲିସ ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନରୁ ନିକଟରେ ୧୦ଜଣ ବାଂଲାଦେଶୀ ଗିରଫ ପରେ ସ୍ପେଶାଲ ଡ୍ରାଇଭକୁ ବ୍ୟାପକ କରାଯାଇଛି । ବାଂଲାଦେଶୀ ଏବେ ସ୍ପେଶାଲ ସର୍ଭେଲାନ୍ସରେ ଅଛନ୍ତି । ବିନା ପାସପୋର୍ଟ ଓ ଭିସାରେ

▶▶ପୃଷ୍ଠା ୭

# ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ କନ୍ଧମାଳ ପୋଲିସର ବଡ ପଦକ୍ଷେପ: ବିଭିନ୍ନ ଥାନା ଅଂଚଳରୁ ୮ ହଜାର ୨୮୫ କିଗ୍ରା ଗଞ୍ଜେଇ ଜବତ

କନ୍ଧମାଳ,୧୨/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ପୋଲିସ ଜିଲ୍ଲାର ବିଭିନ୍ନ ୪ ଟି ଥାନା ଅଂଚଳରେ ଏକକାଳୀନ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ, ପ୍ରାୟ ୮ ହଜାର ୨୮୫ କିଗ୍ରା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ ବି. ସି. ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଗୋଛାପଡ଼ା ଥାନା ଅନ୍ତର୍ଗତ କର୍ଟିଙ୍ଗିଆ ପଂଚାୟତର ବୁଡ଼େନପଙ୍ଗା ଜଙ୍ଗଲରୁ ୩୬୭୫ କେଜି ଗଂଜେଇ ଜବତ କରିଛି ପୁଲିସ। ଏଥି ସହ ଗୋଛାପଡା ଥାନାରେ ଏକ ମାମଲା ୬୮/୨୫ ରୁଜୁ କରି ତଦନ୍ତ ଚଳାଇଛି। ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବିଲାବାଡ଼ି ପଂଚାୟତର ସୁଦ୍‌କୁମ୍ପା ଅଂଚଳର ନିକିନଣ୍ଡା ଜଙ୍ଗଲରୁ ୧୪୪୦ କେଜି ଗଂଜେଇ ଜବତ କରିବା ସହ ସଦର ଥାନାରେ ୫୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ତୁମୁଡିବନ୍ଧର କୋଟଗଡ ପଂଚାୟତର ବାନିମିଳା ଜଙ୍ଗଲରୁ ୬୧୫ କେଜି ଗଂଜେଇ ଜବତ କରିବା ସହ ୩୭/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବ୍ରାହ୍ମଣୀ ଗାଁ ଥାନା ଅନ୍ତର୍ଗତ ରାଜାନଗ୍ରହ ଜଙ୍ଗଲ ଅଂଚଳର ପଡିକିଆ ନିକଟରୁ ୨୫୫୫ କେଜି ଗଂଜେଇ ଜବତ କରିବା ସହ ବ୍ରାହ୍ମଣି ଗାଁ ଥାନାରେ ୨୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଉପରୋକ୍ତ ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ସୂଚନା ଯୋଗ୍ୟ ଯେ, ନିଶା ବେପାରୀ ମାନେ ଜଙ୍ଗଲ ମଧ୍ୟରେ ଥିବା ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଗାତ ଖୋଳି ଏହି ଗଞ୍ଜେଇ ରଖି ଚୋରା ଚାଲାଣ କରୁଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ଉ କରିଥିଲା। ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଥିବା ବେଳେ ଏହାକୁ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜୈବିକ କୃଷି ନିମନ୍ତେ ମହିଳା ସ୍ୱୟଂସହାୟକ ଦଳ ରାଜ୍ୟସ୍ତରରେ ସମ୍ମାନିତ

କନ୍ଧମାଳ,୧୨/୩ (ନି.ପ୍ର): ସମାଜରେ ଧିରେ ଧିରେ ଦେଶୀ ଧାନ ଚାଷ ଲୋପ ପାଉଥିବା ବେଳେ ସମନ୍ୱିତ କୃଷି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କନ୍ଧମାଳ ଜିଲ୍ଲା କୃଷି ବିଭାଗ ଏହାକୁ ପୁର୍ନଉଧାର କରିବା ନିମନ୍ତେ ମହିଳା ସ୍ୱୟଂ ସହାୟକ ଦଳ ମାଧ୍ୟମରେ ଜୈବିକ ପଦ୍ଧତି ରେ ପ୍ରଚେଷ୍ଟା କରାଯାଉଛି। ଏହି ପରିପ୍ରେକ୍ଷିରେ ରାଇକିଆ ବ୍ଲକ୍‌ର ସ୍ଥାନୀୟ ସୁଗଡ ବାଡି ପଂଚାୟତର ଲାମ୍ବାଡିକିଆ ଗ୍ରମ ମା ଲକ୍ଷ୍ମୀ ସ୍ୱୟଂସହାୟକ ଦଳ ନିଜର ପ୍ରଚେଷ୍ଟା ଓ ଅନୁଷ୍ଠାନର ସହଯୋଗରେ ୧୩ ପ୍ରକାରର ଦେଶି ଧାନ ଜୈବିକ ପଦ୍ଧତିରେ ଚାଷ କରି ରାଜ୍ୟ ସ୍ତରର ଏକ ସମ୍ମିଳନୀ ରେ ସମ୍ମାନିତ ହୋଇଛନ୍ତି।

# ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ

ପୁରୀ,୧୨/୩ (ନି.ପ୍ର): ସୂଚନା ଅଧିକାର ଆଇନ ୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ସୂଚନା ଅଧିକାର ଆଇନ ୨୦୦୫ ଭାରତରେ ଲାଗୁହେବା ପର ଠାରୁ ବର୍ତମାନ ପର୍ଯ୍ୟନ୍ତ ଅନେକ ପରିବର୍ତନ ଘଟିଛି।ବିଭିନ୍ନ ବିଭାଗରେ ସ୍ୱଛତା ମଧ ବୃଦ୍ଧି ପାଇଛି।ଅଧିକାରୀ ଓ କର୍ମଚାରୀ ମାନେ ସାଧାରଣଙ୍କୁ ସୂଚନା ଓ ସେବା ପ୍ରଦାନରେ ଉତରଦାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଅଧିକାର କର୍ମୀ ମାନେ ମଧ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ବିଭିନ୍ନ ବିଭାଗକୁ ଅଧିକ କ୍ରିୟାଶୀଳ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଅନେକ ସୂଚନା ଅଧିକାରୀ ଜାଣି ପାରୁ ନ ଥିବାରୁ ବା କୌଣସି କାରଣରୁ ସୂଚନାଟି ପ୍ରଦାନରେ ବ୍ୟର୍ଥ ହେଉଥିବାରୁ ଦରଖାସ୍ତ ଗୁଡିକ ଫାଷ୍ଟ ଆପିଲେଟ ଅଥରିଟି ଏବଂ ପରେ ସୂଚନା କମିଶନଙ୍କ ନିକଟରେ ଅପିଲ ହେଉଛି। ଏହି ଅବହେଳା ପାଇଁ ସଂପୃକ୍ତ ସୂଚନା ଅଧିକାରୀ ଦଣ୍ଡିତ ହେବାର ଅନେକ ଉଦାହରଣ ମଧ ରହିଛି। ତେଣୁ ଅତି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଶିକ୍ଷଣ ନେଇ ସୂଚନା ଅଧିକାର ତଥ୍ୟକୁ ଅପଡେଟ କରିବାକୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ବିଷୟ ବିଶାରଦ ଭାବେ ଯୋଗ ଦେଇ ଲୁମିନସ ଇନଫୋସିସ ର ମାଷ୍ଟର ଟ୍ରେନର ସୁନିଲ କୁମାର ସେଠୀ ବିଭିନ୍ନ ବିଭାଗ ସେମାନଙ୍କୁ ମଗାଯାଉଥିବା ତଥ୍ୟ ସଠିକ ସମୟରେ ପ୍ରଦାନ ସହ ନିଜ ବିଭାଗର ତଥ୍ୟ ଗୁଡିକୁ ସାର୍ବଜନୀନ କରିବା ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ଦେଇଥିଲେ। ଏହି ତଥ୍ୟ ଗୁଡିକ ସାଧାରଣ ଲୋକ ମାନଙ୍କୁ ବୋଧଗମ୍ୟ ହେବା ପାଇଁ ଓଡ଼ିଆ ଭାଷାରେ ସାର୍ବଜନୀନ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହା ନିୟମ ଓ ମାନ୍ୟବର କୋର୍ଟଙ୍କ ଆଦେଶ ମଧ ବୋଲି ସେ କହିଥିଲେ।ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସେମାନଙ୍କ ମନରେ ଥିବା ସୂଚନା ଅଧିକାର ଦ୍ୱନ୍ଦକୁ ଶ୍ରୀ ସେଠୀ ଦୂର କରିଥିଲେ।କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିବା ସହ ଏହି ପ୍ରଶିକ୍ଷଣର ଉପଯୋଗ କରି ଯଥାଶୀଘ୍ର ସମସ୍ତ ବିଭାଗ ସେମାନଙ୍କ ନିଜସ୍ୱ ତଥ୍ୟକୁ ଅପଡେଟ କରିବା ସହ ଓଡ଼ିଆ ତଥ୍ୟକୁ ସାର୍ବଜନୀନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ଡା ଅରୁଣ କୁମାର ଦାସ, ବିଭିନ୍ନ ବିଭାଗର ଅଧିକାରୀ, ଲାଇନ ଡିପାର୍ଟମେଂଟ ର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ରାଣିପୁଟ ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର,୧୨/୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ରାଣିପୁଟ ଜଙ୍ଗଲରେ ଆଜି ସକାଳ ୮ଟାରେ ସମୟରେ ଅବକାରି ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ମଦ ଭାଟି ଭଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି। ଏହି ଚଢଉ ଅପରାହ୍ନ ୨ଟା ୩୦ ମିନିଟ ସମୟରେ ଶେଷ ହୋଇଥିବା ବିଷୟ ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଜାରକା ଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ

ଧର୍ମଶାଳା,୧୨/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ର ପ୍ରସିଦ୍ଧ ଜାରକା ମେଳଣ ଚଳିତ ୧୯ ତାରିଖ ରାତିରେ ଆରମ୍ଭ ହୋଇ ୨୦ ତାରିଖ ଅପରାହ୍ଣରେ ଉଦ୍‌ଯାପିତ ହେବ । ଏନେଇ ଜାରକା ସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ମେଳଣ କମିଟିର ପୂର୍ବତନ ସଂପାଦକ ଜଳଧର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଚଳିତ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା । ଉପଦେଷ୍ଟା ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ବିଡିଓ ଜ୍ୟୋର୍ତିମୟ କର ଓ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳଙ୍କୁ ଚୟନ କରାଯାଇଥିଲା । ସେହିପରି ସଭାପତି ଭାବେ ଜଳଧର ସାହୁ, ଉପସଭାପତି ଭାବେ ଅଜୟ କୁମାର ମହାପାତ୍ର, ସଂପାଦକ ଭାବେ ଅଜାମ୍ବର ସାହୁ, ସହସଂପାଦକ ଭାବେ ସବ୍ୟସାଚୀ ସୁନ୍ଦରାୟ, ଯୁଗ୍ମସଂପାଦକ ଭାବେ ରାଜେଶ ପାଳ, ସଂଯୋଜକ ଭାବେ ଦେବରାଜ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ରବିନାରାୟଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ନୂତନ ଓ ପୁରତନ ମୋଟ ୫୧ଜଣ ସଦସ୍ୟଙ୍କୁ ନେଇ ଜାରକା ମେଳଣ କମିଟି ଗଠନ କରାଯାଇଛି । ନୂଆ ସଭାପତି ଶ୍ରୀ ସାହୁ ମେଳଣ ପ୍ରସ୍ତୁତି ସଂପର୍କରେ ବିଭିନ୍ନ ସୂଚନା ଦେଇଥିଲେ । ଚଳିତ ବର୍ଷ ୨୦ଟି ବଡ଼ ରାଧାକୃଷ୍ଣ ବିମାନକୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତି ହୋଇଛି । ମେଳଣରେ କମ ଶବ୍ଦର ଡାକବାଜି ଯନ୍ତ୍ର ବ୍ୟବହାର କରାଯିବ । ଅଶ୍ଳୀଳ ନୃତ୍ୟଗୀତ ପରିବେଷଣକୁ ବାରଣ କରାଯାଇଛି । ଶୋଭାଯାତ୍ରାରେ କେବଳ ପାରମ୍ପରିକ ବାଦ୍ୟ ଘଂଟ, କିର୍ତନ, ବାଜା, ବାଣ, ଘୋଡ଼ା ନାଚ, ବାଡ଼ି ଖେଳ, ନଦିଆ କିର୍ତନ ଓ ଭଜନ ପରିବେଷଣ ପାଇଁ ଠାକୁର ବାଡ଼ିଆମାନଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ପାନୀୟଜଳ, ବିଦ୍ୟୁତ୍, ପରିମଳ, ମେଳଣ ପଡ଼ିଆରେ ଦୋଳ ବିମାନ ଓ ଉଠା ଦୋକାନ ବସାଇବା ପାଇଁ ସ୍ଥାନ ନିରୂପଣ କରିବାକୁ କମିଟି କର୍ମକର୍ତା ଓ ସଭ୍ୟମାନଙ୍କୁ ଦାୟିତ୍ୱ ବଂଟନ କରାଯାଇଛି । ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଧର୍ମଶାଳା ଥାନା ଓ ଜାରକା ବିଟ୍ ହାଉସ୍ ପୁଲିସଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଜାରକା ସରପଂଚ ସୁଦାମ ଚରଣ ବେହେରା, ମହୋତ୍ସବ ପୂଜା କମିଟିର ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କିଶୋର ଚନ୍ଦ୍ର ନାୟକ, ରାମଚନ୍ଦ୍ର ମଲ୍ଲିକ୍, କାଶୀନାଥ ସାହୁ, କରୁଣାକର ବରାଳ, ମହେଶ୍ୱର ସାହୁ, ଉପେନ୍ଦ୍ର କର, ବ୍ରଜକିଶୋର ମହାନ୍ତି, ନକୁଳ ସାହୁ, ଅଶୋକ ବରାଳ, ଅମରେନ୍ଦ୍ର ରାଉତ, ଧରଣୀଧର ପୃଷ୍ଟି, ମାନସ ମହାନ୍ତି, କଳ୍ପତରୁ ସାହୁ, ଉପେନ୍ଦ୍ର ଦାଶ ଓ ଚିତରଞ୍ଜନ ଶତପଥୀ ପ୍ରମୁଖ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପୋଲିସ ଆଖିରେ ଧୂଳି ଦେଇ କଫ ସିରପ ଆମ୍ବୁଲାନ୍ସରେ ଚାଲାଣ ହେଉଥିଲା ମାଡ଼ି ବସିଲା ଟାଉନ ପୋଲିସ

ବଲାଙ୍ଗିର,୧୨/୩ (ନି.ପ୍ର): ଆମ୍ବୁଲାନ୍ସରେ ଚାଲାଣ ହେଉଥିଲା ବେଆଇନ କଫ ସିରପ। ପୋଲିସ ଆଖିରେ ଧୂଳି ଦେଇ କଫ ସିରପ ବେପାରୀ ମାନେ ଏଭଳି ଅଭିନବ ଉପାୟରେ ବେଆଇନ ବେପାର ଚଲାଇଥିଲେ। ପୋଲିସ ଟିମ ଏକ ଘରୋଇ ଆମ୍ବୁଲାନ୍ସ ଓଡି୩୩ବି ୩୪୯୦, ଏକ ହ୍ୟୁଣ୍ଡାଇ ବେର୍ଣ୍ଣାଡବ୍ଲ୍ୟୁବି୨୦ଜେଡ ୮୧୫୨ କାର ଏବଂ ଏକ ସ୍କୁଟି ଓଡି୦୩ଏସ ୧୬୪୧କୁ ଅଟକାଇ ଥିଲେ। ବଲାଙ୍ଗୀର ଟାଉନ ଥାନା ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୮୦୦ ବୋତଲ କଫ ସିରଫ ଜବତ କରିଛି। ଏହା ସହିତ କଫ ସିରପ ଚାଲାଣ ହେଉଥିବା ଏକ ଘରୋଇ ଆମ୍ବୁଲାନ୍ସ, କାର ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଥିବା ଜଣାପଡିଛି। ବଲାଙ୍ଗୀର ଏସପି ଅଭିଲାଷ ଜି. ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି। ଏକ ଘରୋଇ ଆମ୍ବୁଲାନ୍ସରେ ବେଆଇନ କଫ ସିରପ ବଲାଙ୍ଗୀର ସହର ବ୍ରାହ୍ମଣପଡାରୁ ଟିଟିଲାଗଡ ରୋଡକୁ ଚାଲାଣ ହେଉଥିବା ସମ୍ପର୍କରେ ଟାଉନ ଥାନା ପୋଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ସୂଚନା ମୁତାବକ, ଟାଉନ ଥାନା ପୋଲିସ ସୋମବାର ଦିନ ପ୍ରାୟ ୧ଟା ସମୟରେ ବିଶାଳ ମେଗା ମର୍ଟ ନିକଟରେ ପୋଲିସ ପକ୍ଷରୁ ନାକା କରାଯାଇଥିଲା। ପୋଲିସ ଟିମ ଏକ ଘରୋଇ ଆମ୍ବୁଲାନ୍ସ ଓଡି୩୩ବି ୩୪୯୦, ଏକ ହ୍ୟୁଣ୍ଡାଇ ବେର୍ଣ୍ଣାଡବ୍ଲ୍ୟୁବି ୨୦ଜେଡ ୮୧୫୨ କାର ଏବଂ ଏକ ସ୍କୁଟି ଓଡି୦୩ଏସ ୧୬୪୧କୁ ଅଟକାଇ ଥିଲେ। ଦୁଇ ଗାଡି ଯାଂଚ୍ ବେଳେ ୧୫ ପେଟି ରେ ୧୮୦୦ ବୋତଲ ୱିନିରେକ୍ସ କଫ ସିରପକୁ ପୋଲିସ ଜବତ କରିଥିଲା। ଏହି ଘଟଣାରେ ପୋଲିସ ଦୁଇଜଣ ତରଭା ଥାନା ମେଣ୍ଡା ଗାଁର ଅଭିଯୁକ୍ତ ରାକେଶ ଓରଫ ମିଲୁ ପଧାନ (୨୮) ଏବଂ ବଲାଙ୍ଗୀର ଟାଉନ ଥାନା ଶାସ୍ତ୍ରୀନଗରର ବବଲୁ ଓରଫ ହରିହର ମିଶ୍ର (୩୭)ଙ୍କୁ ପୋଲିସ ଗିରଫ କରିଛନ୍ତି। ଅନ୍ୟଜଣେ ଅଭିଯୁକ୍ତ ସେଠାରୁ ବେଆଇନ କଫ ସିରପ ଥିବା କାର ଛାଡି ଫେରାର ମାରିବାକୁ ସକ୍ଷମ ହୋଇଯାଇଥିଲେ। ପୋଲିସ ଦୁଇଟି ମୋବାଇଲ ଫୋନ, ୧୩ ଟି ଏଟିଏମ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ନଗଦ ୧୧୫୦ ଟଙ୍କା, ଏକ ଗାଡି ରେଜିଷ୍ଟ୍ରେଶନ ସାର୍ଟିଫିକେଟ, ଏକ ଭୋଟର କାର୍ଡକୁ ପୋଲିସ ଜବତ କରିଛି। ଏସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (୧୮୩/୨୫) ରୁଜୁ କରାଯାଇଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି।

# ସୁନାରି ସାହି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର,୧୨/୩ (ନି.ପ୍ର): ଜୟପୁର ସହର ସୁନାରି ସାହି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧକ୍ଷ ଯୁଗଳ କିଶୋର ମିଶ୍ର ଯୋଗ ଦେଇଥିବା ବେଳେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରି କୈଳାଶ ଚନ୍ଦ୍ର ଶତପଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ସିଆରସିସି ସଂଯୁକ୍ତା ରାଉତ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବି ପ୍ରସାଦ ଦାସ, ପ୍ରଧାନ ଶିକ୍ଷୟତ୍ରୀ କେ ସୁନିତା, ଗୋଷ୍ଠି ସଦସ୍ୟ ବୈଦନାଥ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ମଂଚାସିନ ହୋଇଥିଲେ । ଅତିଥିଙ୍କ ଦ୍ୱାରା ଦ୍ୱିପ ପ୍ରଜ୍ୱଳନ କରାଯାଇ ସଭା କାଯ୍ୟ ଆରମ୍ଭ କରାଯାଇଥିଲା । ଗତ ଦିନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଥିଲା । ବିଦ୍ୟାଳୟ ଶିକ୍ଷୟତ୍ରି ମନ୍ଦାକିନି ମିଶ୍ର, ବବିତା ପାତ୍ର, ଗିତାଞ୍ଜଳି ମିଶ୍ର, ଗିତାଞ୍ଜଳି ପଣ୍ଡା, ପଦ୍ମଜା ଷଡଙ୍ଗୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଭିଭାବକ, ଏସଏଚଜି ଗ୍ରୁପ ସଦସ୍ୟ ସହଯୋଗ କରିଥିଲେ ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,୧୨/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ସତ୍‌ସଙ୍ଗ୍ ବିହାରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀମନ୍ଦିର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବ୍ରହ୍ମ ମୁହୂର୍ତରେ ପ୍ରାର୍ଥନା କରାଯାଇ ଠାକୁରଙ୍କ ସଦଗ୍ରନ୍ଥ ପଠନ କରାଯାଇଥିଲା । ସଙ୍ଗୀତା ଅଞ୍ଜଳି କାର୍ଯ୍ୟକ୍ରମ କରାଯିବା ସହ ୮ ଘଟିକା ସମୟରେ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଇଥିଲା । ପୂଜାପାଠ, ଯଜ୍ଞ ଆହୁତୀ କରାଯାଇ ଶ୍ରୀ ମନ୍ଦିର ଚୂଡ଼ାରେ ରତ୍ନମୁଦ ସ୍ଥାପନ କରାଯାଇ କରାଯାଇଥିଲା । ସତସଙ୍ଗ କେନ୍ଦ୍ରର ସଭାପତି ସହ ରିତ୍ୱିକ ରାମଚନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ମହାନ୍ତି, ଇଂ. ରଞ୍ଜନ କୁମାର ମୁଦୁଲି, ଶିବାଜୀ ମହାନ୍ତି, ରମେଶ ଚନ୍ଦ୍ର ଜେନା, ଅଭିରାମ ଜେନା ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଉତ୍ସବକୁ ଦ୍ୱରାନିତ୍ୱ କରିଥିଲେ । ଅଧର୍ଜ୍ୟୁ ଓ କର୍ମୀ ନାରାୟଣ ଚନ୍ଦ୍ର ସାମଲ, କୁଳମଣି ସାମଲ, ଅଜୟ କୁମାର ନାଥ, ପ୍ରଦୀପ କୁମାର ବରାଳ, ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ବିଜୟ କୁମାର ବରାଳ ଏବଂ ଗୁରୁଭାଇ, ଗୁରୁ ମାଆ ସମେତ ଧର୍ମଶାଳା ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଉତ୍ସବକୁ ପରିଚାଳନା କରିଥିଲେ ।

# ଶ୍ରୀ ଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ ସମ୍ପନ୍ନ

ପୁରୀ,୧୨/୩ (ନି.ପ୍ର): ଶ୍ରଦ୍ଧା ଶୁଦ୍ଧତା ଓ ପବିତ୍ରତା ପାଇଁ ସଚେତନତା ସୃଷ୍ଟି । ପୁରୀ ବ୍ରହ୍ମଗିରି ରାସ୍ତାର ଗିରଳ ଛକ ହୁଡକ ରାସ୍ତା ପାର୍ଶ୍ୱରେ ନବଦିନାତ୍ମକ ଶ୍ରୀ ଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି । ପୂଜାନନା ଯଜ୍ଞ ଫାଉଣ୍ଡେସନ ଓ ପରିବର୍ତନ ଓଡିଶା ପକ୍ଷରୁ ଏହି ଯଜ୍ଞ ଆୟୋଜିତ ହୋଇଥିଲା । ୫ଟି ଯଜ୍ଞ ସାଲାରେ ୨୫ଟି ଯଜ୍ଞ କୁଣ୍ଡରେ ଆହୂତି ପ୍ରଦାନ କରାଯାଇଥିଲା । ପ୍ରାୟ ୨୫ କ୍ୱିଂଟାଲ ଶୁଦ୍ଧ ଗାଇ ଘିଅରେ ଯଜ୍ଞ ହୋମ କରାଯାଇଥିଲା । ବାୟୁ ମଣ୍ଡଳର ଶୁଦ୍ଧତା ପାଇଁ ଏହି ଶୁଦ୍ଧ ଘୃତ ଯଜ୍ଞ ବେଶ ଉପକାରିତା ଥିବା ପ୍ରମାଣିତ ହୋଇଛି । ବାୟୁ କୋଣ ଓ ଅଗ୍ନି କୋଣରେ ପରିବେଶ ସୁଦ୍ଧତା ମାପକ ଯନ୍ତ୍ର ବ୍ୟବହାର କରାଯାଇଥିଲା । ବାୟୁ ମଣ୍ଡଳରେ ଶୁଦ୍ଧତା ଆସିଥିବା ଆୟୋଜକ କମିଟି ସୂଚନା ଦେଇଛନ୍ତି । ବାୟୁ ମଣ୍ଡଳ ପରିବେଶ ଶୁଦ୍ଧିକରଣ ହେଲେ ମଣିଷର ମନରେ ଶୁଦ୍ଧତା ଓ ସଦବୁଦ୍ଧି ଉଦୟ ହେବ । ୧୨ ଲକ୍ଷ ଶ୍ରୀ ମହାଲକ୍ଷ୍ମୀଙ୍କ ମନ୍ତ୍ର ଯପ କରାଯାଇଥିଲା । ଏକ ଲକ୍ଷ କୋଡିଏ ହଜାର ଆହୂତି ପ୍ରଦାନ କରାଯାଇଥିଲା । ଯଜ୍ଞ ହୋମ ଓ ଦୀପରେ ପ୍ରଭୁଙ୍କ ପାଇଁ ଶୁଦ୍ଧ ଘିଅ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ବାଉଁଶ କାଠି ଓ ରସାୟନିକ ପ୍ରଲେପ ଧୂପକାଠି ନ ଜାଳିବା ପାଇଁ ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ଯଜ୍ଞରେ ବହୁ ଅନୁଷ୍ଠାନ, ଗିରଳ, ପୋଖରିପଡା ସମେତ ଆଖପାଖ ଅଂଚଳବାସୀ ସହଯୋଗ କରିଥିଲେ । ଗୋ ସେବା ପାଇଁ ସାଧୁସନ୍ଥ ପରାମର୍ଶ ଦେଇଥିଲେ । ପୂଜାନନା ଯଜ୍ଞ ଫାଉଣ୍ଡେସନର ଅଧକ୍ଷ ଗୁରୁଚରଣ ପଣ୍ଡା, ପରିବର୍ତନ ଓଡିଶାର ଅଧକ୍ଷ ଜିତେନ୍ଦ୍ର ମହାପାତ୍ର, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ବିଭିନ୍ନ ମଠର ମଠାଧୀଶ, ଶତାଧିକ ସାଧୁସନ୍ଥ ଓ ଭକ୍ତ ମାନେ ଯୋଗ ଦେଇଥିଲେ । ଯଜ୍ଞ ପୂର୍ଣ୍ଣାହୁତି ପରେ ସହଯୋଗି ଅନୁଷ୍ଠାନ, ଗ୍ରାମବାସୀ, ଗଣମାଧମ ପ୍ରତିନିଧି ଓ ସାଧୁସନ୍ଥ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆରୁହା ପାହାଡରୁ ବେଆଇନ ଖନନ ଓ କଳା ପଥର ଚୋରା ଚାଲାଣ ଘଟଣା: ଜିଲା ଖଣି ବିଭାଗ ପକ୍ଷରୁ ମେସିନ, ଗାଡି ଓ ବିସ୍ଫୋରକ ସାମଗ୍ରୀ ଜବତ

ଧର୍ମଶାଳା,୧୨/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ରାଜ୍ୟରେ ଚର୍ଚ୍ଚାରେ ରହି ଆସୁଛି । ବେଆଇନ ଭାବେ ବିଭିନ୍ନ ପାହାଡ ଖନନ ଓ ବେଆଇନ ବାଲି ଚାଲାଣ ଘଟଣାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି । ଅନ୍ୟପକ୍ଷରେ ଏହି ସବୁ ଘଟଣା ଦିନ ରାତି ଖନନ ଓ ଚାଲାଣ ହେଉଥିବା ବେଳେ କିପରି ଭାବେ ଜିଲା ପ୍ରଶାସନର ନଜର ପଡୁ ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନୂଆ ସରକାର ଆସିବା ପରେ ବେଆଇନ କାର୍ଯ୍ୟ ହେବ ନାହିଁ ଯାହାକୁ ନେଇ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉଥିବା ବେଳେ ଯାଜପୁର ଜିଲା ଧର୍ମଶାଳା ଅଂଚଳ ପ୍ରତି ପ୍ରଶାସନର ନଜର ନ ପଡିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ଆରୁହା ଅଂଚଳର ଗ୍ରାମବାସୀ ଗତକାଲି ରାତିରେ ଆରୁହା ପାହାଡରେ ବେଆଇନ ଖନନ ବେଳେ ବ୍ୟବହୃତ ମେସିନ, ହାଇୱା, କମ୍ପ୍ରେସର ଓ ବିସ୍ଫୋରକ ସାମଗ୍ରୀକୁ ଅଟକାଇ ଶତାଧିକ ଲୋକେ ଧାରଣାରେ ବସିଥିଲେ । ଅନ୍ୟପକ୍ଷରେ ଖବର ପାଇ ଧର୍ମଶାଳା ବିଜେପି ନେତ୍ରୀ ଘଟଣାସ୍ଥଳରେ ପଂହଚି ଧାରଣାରେ ବସିଥିବା ଗ୍ରାମବାସୀଙ୍କ ସହ ଧାରଣାରେ ବସିଥିଲେ । ଏବଂ ଏନେଇ ଜିଲା ଓ ରାଜ୍ୟ ସ୍ତରୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ତେବେ ଆଜି ସକାଳେ ଖଣି ଅଧିକାରୀ କିମ୍ବା ଜିଲା ପ୍ରଶାସନ ଘଟଣାସ୍ଥଳରେ ନ ପଂହଚିବାରୁ ଧାରଣା ଜାରି ରହିଥିଲା । ପ୍ରଶାସନ ଉପରେ ଚାପ ପଡିବା ପରେ ଜିଲା ଖଣି ଅଧିକାରୀ ଝସକେତନ ସେଠୀ ଘଟଣାସ୍ଥଳରେ ପଂହଚି ଧର୍ମଶାଳା ପୋଲିସ ସହାୟତାରେ ମେସିନ, ହାଇୱା, ଟ୍ରାକ୍ଟର, କମ୍ପ୍ରେସର, ବ୍ୟବହୃତ ସାମଗ୍ରୀ ଓ ବିସ୍ଫୋରକ ଗୁଡିକୁ ଜବତ କରିଛି । ଆଗକୁ ଏଭଳି ବେଆଇନ ଖନନ ଓ କଳାପଥର ଚାଲାଣ କରାଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବିଜେପି ନେତ୍ରୀ ଓ ସ୍ଥାନୀୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଜୟପୁର ପୌର ପରିଷଦର ଜରୁରୀ ବୈଠକ

ଜୟପୁର,୧୨/୩ (ନି.ପ୍ର): ଜୟପୁର ପୌରପରିଷଦର ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପୌର ସଭାଗୃହରେ ଆୟୋଜିତ ବୈଠକରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରି ଆକାବରମ ଶଶ୍ୟା ରେଡ୍ଡି, ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାରି କୃତିବାସ ସାହୁ ଉପସ୍ଥିତ ଥିଲେ । ପୌରାଚଂଳର କାଉନସିଲର, ପୌର କର୍ମଚାରି ଉପସ୍ଥିତ ଥିଲେ । ଜଗନ୍ନାଥ ସାଗର ବିକାଶ ପାଇ ଟେଣ୍ଡର କରିବା ନେଇ ନିଷ୍ପତି ହୋଇଛି, ପରିମଳ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର କାର୍ଯ୍ୟ ସମୟ ବୃଦ୍ଧି କରାଯାଇଛି । ୧୦ ଦିନ ଭିତରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ସ୍ଥାପନ ନେଇ ଜାଗା ଚିହ୍ନଟ କରାଯିବ ନେଇ ଆଲୋଚନା ହୋଇଛି । ବଜେଟ ୨୦୨୫-୨୬ ଆର୍ଥିକ ବଜେଟ ଉପସ୍ଥାପନା କରିବା ସହ ବାର୍ଷିକ କାଯ୍ୟ ଖସଡା ପ୍ରସ୍ତୁତ କରାଯାଇଛି । ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇ ନୂତନ ଯୋଜନା ପ୍ରଣୟନ କରିବା ସହ ୪ଟି ଏମସିସିକୁ କାର୍ଯ୍ୟକ୍ଷମ ନିଷ୍ପତି ନିଆଯାଇଛି । ବ୍ଲିଚିଂ ଓ ଫିନାଇଲ ଓ ମଶା ତେଲ ଟେଣ୍ଡର ମଞ୍ଜୁରି ଦିଆଗଲା । ୨୮ ଓାର୍ଡ ରେ ଥିବା ଗୋଷ୍ଠି ଶୌଚାଳୟ ସମ୍ପୁର୍ଣ୍ଣ କାର୍ଯ୍ୟକ୍ଷମ ହେଉନାହିଁ । ତେଣୁ ମରାମତି କରିବା ପରେ ଟେଣ୍ଡର କରିବା ନିଷ୍ପତି ହୋଇଛି ।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ଜୟପୁର,୧୨/୩ (ନି.ପ୍ର): କୋରାପୁଟ ପୋଲିସ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କର୍ମଶାଳାରେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତିୱାସନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼ ଓ ଅନ୍ୟ ବିଡ଼ିଓ ମାନେ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଏମବିକେ ଓ ସିଆରପି ପ୍ରଭୃତି କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଯାଇଥିଲା। ଏସଏଚଜି ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀର ବିକ୍ରିବଟା ପାଇଁ କୋଲାବ ନାମରେ ଏକ ମୋବାଇଲ ଆପ ପ୍ରସ୍ତୁତ କରାଯାଇଛି ବୋଲି ଜିଲ୍ଲାପାଳ ଭି. କୀର୍ତିୱାସନ କହିଛନ୍ତି।ଏହି ଆପ ରେ ଉତ୍ପାଦିତ ସାମଗ୍ରୀକୁ ଲିଙ୍କେଜ କରିପାରିବେ। ଆଜି ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାରେ ୨୦ ହଜାରରୁ ଅଧିକ ଲକ୍ଷପତି ଦିଦି ଚିହ୍ନଟ କରାଯାଇଛି ବୋଲି ସେ କହିଛନ୍ତି। ପ୍ରତି ଗାଁରୁ ୫ ଜଣ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ପ୍ରଦାନ କରିଛନ୍ତି । ଏହାକୁ ପୂରଣ କରାଯିବ ବୋଲି ସେ ଆଶା ରଖିଛନ୍ତି। ମନରେଗା ଲୋକପାଳ ନଳିନୀ ଟାକ୍ରୀ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ମ୍ୟାନେଜର ବି. ସ୍ୱାତୀ ଯୋଗଦେଇ ପରିଚାଳନା କରିଥିଲେ।

# ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ମାଟିରେ ଖେଳଣା ତିଆରି କରିବା ଦ୍ୱାରା ପିଲାମାନଙ୍କର ବୌଦ୍ଧିକ ବିକାଶ ଘଟେ

ବଲାଙ୍ଗୀର,୧୨/୩ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ସ୍ଥିତ ଜବାହାରଲାଲ ସରକାରୀ ହାଇସ୍କୁଲ ପରିସରରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଧିନ ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପଂଚସଖା ସେତୁ ଅଭିଯାନର ସଭାପତି ଅନନ୍ତ ବିଶ୍ୱାଳ ମୁଖ୍ୟଅତିଥି,ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ମୁଖ୍ୟବକ୍ତା ଭାବେ ଉତ୍ସବରେ ଯୋଗ ଦେଇଥିଲେ। 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ସଂସ୍କୃତିର ସୁରକ୍ଷା ଓ ପୁନରୁଦ୍ଧାର କ୍ଷେତ୍ରରେ ଏକ ସମୟୋପଯୋଗୀ ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିଜ ବକ୍ତବ୍ୟ ରେ କହିଥିଲେ। ମାଟିରେ ଖେଳଣା ତିଆରି କରିବା ଦ୍ୱାରା ପିଲାମାନଙ୍କର ହାତର କୌଶଳ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ମୁଖ୍ୟଅତିଥି ଶ୍ରୀ ବିଶ୍ୱାଳ କହିଥିଲେ। ମୁଖ୍ୟବକ୍ତା ଶ୍ରୀ ପ୍ରଧାନ ଆମ ସଂସ୍କୃତିରେ ଖେଳଣାର ମହତ୍ୱ ଓ ଶିକ୍ଷଣୀୟ କାର୍ଯ୍ୟରେ ତାର ବ୍ୟବହାର ବିଷୟରେ କହିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ତିଆରି ବିଭିନ୍ନ ପ୍ରକାରର ସଂସ୍କୃତି ଆଧାରିତ ଖେଳଣା ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ପ୍ରମୋଦ ବିଶ୍ୱାଳ, ପ୍ରଦୀପ ଦଣ୍ଡସେନା, କାହ୍ନୁଚରଣ ଧରୁଆ, ରଶ୍ମୀତା ନନ୍ଦ, ସୁଭାଷିନୀ ସେଠୀ, ପ୍ରଜ୍ଞା ପରମିତା ଖୁଆସ ଯୋଗ ଦେଇଥିଲେ। କୃତୀ ଛାତ୍ର ସମ୍ରାଟଭୋଇ, ଶ୍ରୀୟାଂଶୀ ଭୋଇ, ପ୍ରୀତିମୟୀ ପଧାନ, ଅଭିଜିତ ଗଡତ୍ୟା, ଓମ ବାଗ, ପ୍ରୀତିରାଣୀ ମିଶ୍ର, ସତ୍ୟମ ରଣା, ଶୁଭମ ରଣା ଓ ସେବତୀ ମେହେରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ରଞ୍ଜିତ ମିଶ୍ର କରିଥିବା ବେଳେ ଶିକ୍ଷୟିତ୍ରୀ ନୀରୋତମା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୁଦାମ କୁମ୍ଭାର, ପଂକଜ ମେହେର, ମୁରାରୀ ପ୍ରସାଦ ପର୍ଡିଆ, ପ୍ରତିଶା ମିଶ୍ର, ସୁଷମା ମେହେର, ରଶ୍ମିତା ବିଶ୍ୱାଳ, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଗୁରୁବାର, ୧୩ ମାର୍ଚ୍ଚ ୨୦୨୫

## ଧାରାବାହିକ:

ଭାଗ-୪୪

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ। ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୨୩ଶ ଅଧ୍ୟାୟ**

**॥ ବଳିଙ୍କର ସୁତଳ ଗମନ ॥**

ବଳି ରୋମାଞ୍ଚିତ ଶରୀର ଓ ଆନନ୍ଦାଶ୍ରୁ ପୂର୍ଣ୍ଣ ନୟନରେ ଭଗବାନଙ୍କ ପାଦପଦ୍ମରେ ନମସ୍କାର କରି କହିଲା, ହେ ଦୟାମୟ, ଯିଏ ସ୍ୱୟଂ ବିଶ୍ର ସ୍ରଷ୍ଟା ମୁଁ ଛାର ଅସୁର କୁଳରେ ଜନ୍ମ ହୋଇ ମଧ ତାଙ୍କରି ହାତରେ ବିଶ୍ୱକୁ ଦାନ ଦେଲି ଏହାଠୁଁ ବଳି କଉ ଭାଗ୍ୟ ବ୍ରହ୍ମାଙ୍କ ସୃଷ୍ଟିରେ ଆଉ କାହାର ଅଛି । ମୁଁ କିଭଳି ମୋର କୃତଜ୍ଞତା ଅର୍ପଣ କରିବି କେବଳ ଆପଣଙ୍କ ପାଦପଦ୍ମରେ ନମସ୍କାର ଛଡା । ବଳି ଏହିପରି କହି ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ନମସ୍କାର ପୂର୍ବକ ସ୍ୱଜନ ଓ ଅନୁଚର ସହ ସୁତଳରେ ପ୍ରବେଶ କଲେ । ଏହାପରେ ଭଗବାନ ଇନ୍ଦ୍ରଙ୍କୁ ସ୍ୱର୍ଗ ପ୍ରତ୍ୟାର୍ପଣ କରିବା ସହ ଭକ୍ତଶ୍ରେଷ୍ଠ ପ୍ରହ୍ଲାଦକୁ କହିଲେ ତୁମେ କିଛିକାଳ ନିଜ ପୌତ୍ରସହ ସୁତଳରେ ସୁଖ ଶାନ୍ତିରେ ବାସକର । ସେଠାରେ ମୋତେ ସର୍ବଦା ଗଦାପାଣି ହୋଇ ଅବସ୍ଥାନ କରୁଥିବାର ଦେଖି ଆନନ୍ଦ ଲାଭ କରିବ । ପ୍ରହ୍ଲାଦ ଭଗବାନଙ୍କ ନିର୍ଦ୍ଦେଶ କ୍ରମେ ପ୍ରଣାମ ପୂର୍ବକ ସୁତଳକୁ ଗମନ କରିବା ପରେ ଭଗବାନ ଶୁକ୍ରାଚାର୍ଯ୍ୟଙ୍କୁ ଅବଶିଷ୍ଟ ଯଜ୍ଞାନୁଷ୍ଠାନ ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବାରୁ ସେ ତାହା ପୂରଣ କଲେ । ତଦନନ୍ତରେ ଶ୍ରୀ ବାମନ ଦେବ ବ୍ରହ୍ମାଙ୍କ ପ୍ରଦତ୍ତ ଉପେନ୍ଦ୍ର ନାମ ଧାରଣ କରି ସର୍ବ ଦେବଙ୍କ ସହ ଦେବଯାନରେ ସ୍ୱର୍ଗକୁ ଗମନ କଲେ । ଯେଉଁ ବ୍ୟକ୍ତି ଭଗବାନଙ୍କର ଏ ଚରିତ ପଢ଼ିବ କି ଶୁଣିବ ସେ ପରମଗତିକୁ ପ୍ରାପ୍ତ ହେବ ।

**୨୪ଶ ଅଧ୍ୟାୟ**

**॥ ଭଗବାନଙ୍କ ମତ୍ସ୍ୟାବତାର ॥**

ଏହାପରେ ଶ୍ରୀ ଶୁକଦେବ ରାଜା ପରୀକ୍ଷିତଙ୍କ ଆଗରେ ଶ୍ରୀ ଭଗବାନଙ୍କର ମତ୍ସ୍ୟ ରୂପ ଧାରଣ ପ୍ରସଙ୍ଗ ବର୍ଣ୍ଣନା କଲେ । ସେ କହିଲେ ହେ ରାଜା, ତୁମେ ତ ଜାଣ ଧର୍ମର ରକ୍ଷଣ ଓ ଅଧର୍ମର ବିନାଶ ପାଇଁ ଭଗବାନ ଯୁଗେ ଯୁଗେ ଅବତାର ଗ୍ରହଣ କରି ଦୁଷ୍ଟ ଦଳନ କରନ୍ତି । ଏକଦା ସୃଷ୍ଟିର ଆଦି କାଳରେ ବେଦବର ବ୍ରହ୍ମା ବେଦଗ୍ରନ୍ଥକୁ ତଳେ ଥୋଇ ସନ୍ଧ୍ୟା ତର୍ପଣ ନିମିତ୍ତ ଜଳରେ ପଶିଥିବା ସମୟରେ ହୟଗ୍ରୀବ ନାମକ ରାକ୍ଷସ ବେଦକୁ ହରଣ କରିନେଇ ଅଗାଧ ସମୁଦ୍ର ଜଳରେ ଲୁଚିଗଲା । ବ୍ରହ୍ମା ବେଦୋଦ୍ଧାର ନିମନ୍ତେ ଭଗବାନ ବିଷ୍ଣୁଙ୍କୁ ସ୍ତୁତି କରିବାରୁ ଭଗବାନ ସେହି ଅଗାଧ ଜଳରାଶିରୁ ବେଦ ଉଦ୍ଧାର ପାଇଁ ମାୟା ମତ୍ସ୍ୟ ରୂପ ଧାରଣ କରିଥିଲେ । ବିଶ୍ୱ ପ୍ରଳୟର ଅଳ୍ପକାଳ ପୂର୍ବରୁ ସତ୍ୟବ୍ରତ ନାମରେ ଜଣେ ବିଷ୍ଣୁଭକ୍ତ ଧାର୍ମିକ ରାଜା ରାଜତ୍ୱ କରୁଥିଲେ । ସେ ଦିନେ ନଦୀରେ ଜଳତର୍ପଣ କରୁ କରୁ ତାଙ୍କ ଅଞ୍ଜଳିସ୍ଥିତ ଜଳରେ ଗୋଟିଏ କ୍ଷୁଦ୍ର ମୀନ ଥିବାର ଦେଖି ତାକୁ ନଦୀ ଜଳରେ ନିକ୍ଷେପ କରିବାରୁ ମୀନ ଅତ୍ୟନ୍ତ କାତର ହୋଇ ରାଜାଙ୍କୁ କହିଲା ହେ ଦୟାଳୁ ରାଜା ଜଳରେ ଥିବା ଜ୍ଞାତିମାନେ ହିଁ ମୋର ଶତ୍ରୁ । ସେମାନେ ମୋତେ ଭକ୍ଷଣ କରିବେ । ରାଜା ଦୟାପରବଶ ହୋଇ ତାକୁ ନିଜ କମଣ୍ଡଳୁ ଜଳରେ ରଖିଲେ ମାତ୍ର ମୀନର ଶରୀର ଅତି ଶୀଘ୍ର ବୃଦ୍ଧି ପାଇବାରୁ ସେ କମଣ୍ଡଳୁରେ ରହି ନପାରି ଅନ୍ୟତ୍ର ନେବାକୁ ପ୍ରାର୍ଥନା କଲେ । ରାଜା ତାକୁ ନେଇ ଏକ କଳସୀ ମଧ୍ୟରେ ରଖିଲେ ମାତ୍ର ଏଠାରେ ବି ମୀନର ଆକାର ନଧରିବାରୁ ତାକୁ କୂପରେ, ସରୋବରରେ, ହ୍ରଦରେ ଏବଂ ଶେଷରେ ସମୁଦ୍ରରେ ଛାଡିଲେ । ସେତେବେଳକୁ ରାଜା ଜାଣି ସାରିଲେଣି ଯେ ଏହା ବିଷ୍ଣୁମାୟା । ସ୍ୱୟଂ ଭଗବାନ ମୀନରୂପ ଧାରଣ କରିଛନ୍ତି ତେଣୁ ସେ ମତ୍ସ୍ୟ ରୂପୀ ଭଗବାନଙ୍କର ସ୍ତୁତି ପାଠକଲେ, ଆପଣଙ୍କର ବିଭିନ୍ନ ଲୀଳା ପ୍ରାଣୀ ପକ୍ଷରେ ଅଶେଷ ମଙ୍ଗଳ ଦାୟକ ହୋଇଥାଏ । କେଉଁ କାର୍ଯ୍ୟ ସାଧନ ନିମିତ୍ତ ଆପଣ ଏହି ଅବତାର ଧାରଣ କରିଛନ୍ତି ଦୟାକରି ପ୍ରକାଶ କରନ୍ତୁ, ମୁଁ ଆପଣଙ୍କ ପବିତ୍ର ସ୍ପର୍ଶ ପାଇ ନିଜକୁ ଧନ୍ୟ ମନେ କରୁଛି । ଭଗବାନ ପ୍ରସନ୍ନ ହୋଇ କହିଲେ, ହେ ମୋର ପ୍ରିୟ ଭକ୍ତ, ଆଜିଠାରୁ ସପ୍ତ ଦିବସ ମଧ୍ୟରେ ପ୍ରଳୟ ଘୋଟି ତ୍ରିଭୂବନ ଜଳମଗ୍ନ ହେବମାତ୍ର କୃପା ଫଳରେ ଗୋଟିଏ ବିଶାଳ ନୌକା ତୁମ ନିକଟରେ ପହଞ୍ଚିବ । ତୁମ୍ଭେ ସକୁଟୁମ୍ବେ ବିଭିନ୍ନ ଔଷଧି, ବୀଜ, ପ୍ରଧାନ ପ୍ରାଣୀ ଓ ମନୁ କଶ୍ୟପାଦି ସପ୍ତର୍ଷି ସହିତ ସେହି ନୌକା ଆରୋହଣ କରି ଅକ୍ଳେଶରେ ଆଲୋକ ବିହୀନ ମହାସମୁଦ୍ରରେ ବିଚରଣ କରିବ । ସେହି ନାବ ମୋ ଶୃଙ୍ଗରେ ଆବଦ୍ଧ ଥିବା ହେତୁ ନିଶ୍ଚଳ ଭାବରେ ତିଷ୍ଠି ରହିବ । ସତ୍ୟବ୍ରତଙ୍କୁ ଏହିପରି ଆଦେଶ କରି ଭଗବାନ ଅନ୍ତର୍ହିତ ହେଲେ । ଏହାପରେ ଅବିଶ୍ରାନ୍ତ ଭାବେ ପ୍ରବଳ ବର୍ଷା ହେବା ଫଳରେ ସମଦ୍ର ସ୍ଫୀତ ହୋଇ ସମଗ୍ର ବିଶ୍ୱକୁ ଜଳମଗ୍ନ କଲା । ରାଜା ସତ୍ୟବ୍ରତ ଶ୍ରୀହରି ପ୍ରେରିତ ନୌକା ଆରୋହଣ କରି ଦେଖିଲେ ତାହା ଏକ ନିୟୁତ ଯୋଜନ ବ୍ୟାପୀ ଶରୀର ବିଶିଷ୍ଟ ସୁବର୍ଣ୍ଣ ମତ୍ସ୍ୟର ଶୃଙ୍ଗରେ ରଜ୍ଜୁରୂପୀ ବାସୁକୀ ସର୍ପ ଦ୍ୱାରା ବନ୍ଧନ ହୋଇ ପ୍ରଳୟ ଜଳରେ ସ୍ଥିର ଭାବେ ତିଷ୍ଠି ରହିଛି । ଏହା ଦେଖି ସତ୍ୟବ୍ରତ ମତ୍ସ୍ୟରୂପୀ ମଧୁସୂଦନଙ୍କୁ ସ୍ତୁତି କଲେ । ହେ ପ୍ରଭୁ ସଙ୍କଟତାରଣ, ଏ ପ୍ରଳୟ ଜଳରୁ ଉଦ୍ଧାର କରନ୍ତୁ । ମୀନ ରୂପୀ ଭଗବାନ ଜଳ ମଧ୍ୟରେ ହୟଗ୍ରୀବ ରାକ୍ଷସକୁ ବଧ କରି ତାହାଠାରୁ ପବିତ୍ର ବେଦ ଉଦ୍ଧାର କଲେ ଓ ବ୍ରହ୍ମାଙ୍କୁ ପ୍ରତ୍ୟାର୍ପଣ କଲେ । ଏହାପରେ ରାଜା ସତ୍ୟବ୍ରତଙ୍କୁ ସମ୍ବୋଧନ କରି କହିଲେ, ହେ ରାଜା ତୁମେ ଅତ୍ୟନ୍ତ ଭାଗ୍ୟବାନ । ମୁଁ ତୁମକୁ ତତ୍ତ୍ୱ ଜ୍ଞାନ ଉପଦେଶ ଦେଉଛି, ଏହା ଦ୍ୱାରା ତୁମ ହୃଦୟରୁ ସମସ୍ତ ଅବିଦ୍ୟା ଲୋପ ହୋଇ ଅହଂକାର ଗ୍ରନ୍ଥି ଛିନ୍ନ ହେବ । ତୁମେ ଦିବାକର ବଂଶରେ ବୈବସ୍ୱତ ମନୁଭାବେ ଜନ୍ମ ଲାଭ କରି ପ୍ରଜା ପାଳନ କରିବ ।

**୨ୟ ଖଣ୍ଡ**

**ନବମ ସ୍କନ୍ଧ**

**ପ୍ରଥମ ଅଧ୍ୟାୟ**

**॥ ସୁଦ୍ୟୁମ୍ନ ଚରିତ ॥**

ଶ୍ରୀ ଶୁକଦେବ କହିଲେ, ହେ ରାଜା ପରମ ପବିତ୍ର ଆଦିତ୍ୟ ବଂଶରେ ଯେତେ ନୃପତି ହୋଇଥିଲେ ସେମାନଙ୍କର ସମ୍ପୂର୍ଣ୍ଣ ଶହେ ବର୍ଷରେ ବି କେହି ଜଣେ କହିପାରିବେ ନାହିଁ । ମୁଁ ତାହା ସଂକ୍ଷେପରେ କହୁଛି ଶୁଣ । ସୂର୍ଯ୍ୟଦେବଙ୍କ ଠାରୁ ତାଙ୍କ ପତ୍ନୀ ସଜ୍ଞାଙ୍କ ଗର୍ଭରେ ଶ୍ରାଦ୍ଧଦେବ ନାମକ ମନୁ ଜନ୍ମ ନେଇଥିଲେ ଯାହାଙ୍କର ଦଶ ପୁତ୍ର ଥିଲେ । ପ୍ରଥମେ ସେ ଅପୁତ୍ରକ ଥିବାରୁ ବଶିଷ୍ଠଙ୍କ ଦ୍ୱାରା ମିତ୍ରାବରୁଣ ଯଜ୍ଞ କରିଥିଲେ । ପତ୍ନୀ ଶ୍ରଦ୍ଧା କନ୍ୟା କାମନା କରିବାରୁ ପ୍ରଥମେ କନ୍ୟାଟିଏ ଜାତ ହେଲା । ପରେ ପୁତ୍ରକାମୀ ମନୁ ବଶିଷ୍ଠକୁ ପ୍ରାର୍ଥନା କରିବାରୁ ସେହି କନ୍ୟାକୁ ପୁତ୍ରରେ ପରିଣତ କରିଥିଲେ ଯାହାଙ୍କ ନାମ ଥିଲା ସଦ୍ୟୁମ୍ନ । ଦିନେ ସଦ୍ୟୁମ୍ନ ଅନୁଚର ସହିତ ଯୋଗବନରେ ମୃଗୟା ନିମିତ୍ତ ଭ୍ରମଣ କରୁ କରୁ ଭ୍ରମ ବଶତଃ ହରପାର୍ବତୀଙ୍କର ବିହାର ସ୍ଥଳୀ ସୁକୁମାର ବନରେ ପ୍ରବେଶ କରିଯିବାରୁ ଅଶ୍ୱ ସମେତ ସମସ୍ତେ ନାରୀ ପାଲଟିଗଲେ ଓ ଲଜ୍ଜା କାରଣରୁ କେହି ଚଳି ପାରିଲେ ନାହିଁ । ରାଜା ପରୀକ୍ଷିତ ଏହାର କାରଣ ଜିଜ୍ଞାସା କରିବାରୁ ଶ୍ରୀଶୁକଦେବ କହିଲେ, ଦିନେ ଋଷିମାନେ ଶିବପାର୍ବତୀଙ୍କୁ ଦର୍ଶନ କରିବା ନିମନ୍ତେ ସେହି ବନରେ ପ୍ରବେଶ କରିଥିବା ସମୟରେ ମା ଅମ୍ବିକା ବିବସନା ହୋଇ ଶିବଙ୍କ କୋଳରେ ବସିଥିବାର ଦେଖିଲେ । ମା ଅମ୍ବିକା ଋଷିମାନଙ୍କୁ ଦେଖି ଲଜ୍ଜା କାରଣରୁ ଶିବଙ୍କ କୋଳରୁ ଉଠି ବସ୍ତ୍ର ପରିଧାନ କରିବା ସହ ଇତସ୍ତତଃ ହେବାରୁ ଶିବ କହିଥିଲେ ଆଜିଠାରୁ ଯେ କେହି ମନୁଷ୍ୟ ବା ତୀର୍ଯ୍ୟକ ଏ ବନକୁ ପ୍ରବେଶ କରିବେ ସମସ୍ତେ ନାରୀ ହୋଇଯିବେ । ସଦ୍ୟୁମ୍ନ ସ୍ତ୍ରୀ ହୋଇଯିବାରୁ ସୋମତନୟ ବୁଧକୁ ପତି ରୁପେ ବରଣ କଲେ ଏବଂ ତାଙ୍କ ଗର୍ଭରୁ ପୁରୁରବା ନାମକ ପୁତ୍ର ଜାତ ହୋଇଥିଲେ । ପରେ ବଶିଷ୍ଠ ଋଷି ଦୟା ପରବଶ ହୋଇ ସଦ୍ୟୁମ୍ନ ନିମିତ୍ତ ଶିବଙ୍କୁ ପ୍ରାର୍ଥନା କରିବାରୁ ଶିବ ପ୍ରସନ୍ନ ହୋଇ ତାଙ୍କୁ ଏକମାସ ପୁରୁଷ ଓ ଏକମାସ ସ୍ତ୍ରୀ ହୋଇ ରାଜ୍ୟ ଶାସନ କରିବାକୁ ପରାମର୍ଶ ଦେଲେ । କିଛିକାଳ ରାଜ୍ୟ ଶାସନ କରି ସଦ୍ୟୁମ୍ନ ନିଜର ପୁତ୍ର ପୁରୁରବାଙ୍କୁ ରାଜ୍ୟ ପ୍ରଦାନ କରି ତପଃସାଧନ ପାଇଁ ବନକୁ ଗମନ କଲେ ।

**୨ୟ ଅଧ୍ୟାୟ**

**॥ ପୃଷଧ୍ର ଚରିତ ॥**

ସଦ୍ୟୁମ୍ନ ବନକୁ ଚାଲିଯିବାରୁ ତାଙ୍କ ପିତା ପୁତ୍ର କାମନା କରି ଶତବର୍ଷ ଯମୁନା କୂଳରେ ତପସ୍ୟା କରିବାରୁ ତାଙ୍କର ଇକ୍ଷ୍ୱାକୁ ପ୍ରଭୃତି ଦଶପୁତ୍ର ଜାତ ହେଲେ । ସେଥି ମଧ୍ୟରୁ ଜଣଙ୍କର ନାମ ପୃଷଧ୍ର । ସେ ଗୁରୁ ଗୃହରେ ଗୋ ରକ୍ଷା କରୁଥିବା ସମୟରେ ଏକ ରାତ୍ରିରେ ବ୍ୟାଘ୍ର ଗୋଟିଏ ଗାଭୀକୁ ଆକ୍ରମଣ କଲା । ପୃଷଧ୍ର ବ୍ୟାଘ୍ର ସନ୍ଦେହରେ ଅନ୍ଧକାର କାରଣରୁ ଭ୍ରମରେ ବ୍ୟାଘ୍ର ସ୍ଥାନରେ ଗାଭୀକୁ ହତ୍ୟା କଲେ ଫଳରେ ବଶିଷ୍ଠଙ୍କ ଅଭିଶାପରେ ଶୂଦ୍ରଯୋନିରେ ଜନ୍ମ ନେଲେ । ତାଙ୍କ ଦେହରେ ଧର୍ମ ଜ୍ଞାନ ଥିବାରୁ ସେ ମାୟା ବଶୀଭୂତ ନହୋଇ ଧାର୍ମିକ ଜୀବନଯାପନ କରିବା ସହ ଦାବାଗ୍ନିରେ ଶରୀର ବିସର୍ଜନ କରି ପରମ ବ୍ରହ୍ମଙ୍କୁ ପ୍ରାପ୍ତହେଲେ । ମନୁଙ୍କର ଅନ୍ୟାନ୍ୟ ପୁତ୍ରଗଣ ଯଥାକାଳରେ ବିବାହ କରି ସୃଷ୍ଟି ରଚନାରେ ସହାୟକ ହେଲେ । ଏହାଙ୍କର ବଂଶୋଦ୍ଭବ ଇଳବିଳା କନ୍ୟାକୁ ବିଶ୍ରବା ଋଷି ବିବାହ କରିଥିଲେ ଓ ତାଙ୍କଠାରୁ କୁବେର ଜନ୍ମ ନେଇଥିଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଭଲ ସଙ୍ଗତିର ଗୁରୁତ୍ୱ



ଶ୍ୱେତା ରାଉତ୍

ବଜାରରେ ଅନେକ ଜିନିଷ ବିକ୍ରିହୁଏ, ଆମେ କେବଳ ସେଇ ଜିନିଷ ଆଣିଥାଉ ଯାହା ଆମର ଆବଶ୍ୟକ ବା ଆମକୁ ଭଲଲାଗେ। ଖାଦ୍ୟ ଅନେକ ପ୍ରକାର ଅଛି କିନ୍ତୁ ଯାହା ଆମକୁ ଭଲ ଲାଗେ, ତାହା ହିଁ ଆମେ ରାନ୍ଧି ଖାଉ। ସପିଂ ମଲ୍ ରେ ହଜାର ହଜାର ପ୍ରକାର ପୋଷାକ ଥାଏ, ଆମେ ଆମର ପସନ୍ଦ ଅନୁସାରେ କିଣିଥାଉ। ଆମେ କେବେ ବି ବାଧ ନୁହଁ ଯେ ସମସ୍ତେ ଯାହା କରନ୍ତି, କିଣନ୍ତି, ଖାଆନ୍ତି ଆମେ ତାହାହିଁ କରିବା। ଠିକ୍ ସେମିତି ସଂସାରରେ ଅନେକ ପ୍ରକାର ଲୋକ ଅଛନ୍ତି କେହି ଆମକୁ ଭଲପାଆନ୍ତି, କେହି ଇର୍ଷା କରନ୍ତି, କେହି ଉପହାସ କରନ୍ତି, କେହି ଅପମାନ କରନ୍ତି, କେହି ମାର୍ଗ ଦର୍ଶନ କରାନ୍ତି ଓ କେହି ଆମର ତୃଟି ଅବଗତ କରାଇ ଠିକ୍ ମାର୍ଗରେ ଯିବାକୁ ପରାମର୍ଶ ଦିଅନ୍ତି। ରୁଚି ଆମର ରହିବା ଉଚିତ୍, ଆମକୁ କଣ ଭଲ ଲାଗେ ବା ଆମ ପାଇଁ କଣ ଠିକ୍। ଆମେ ସମାଜରେ ରହୁଛେ ଯେତେବେଳେ ସବୁ ସ୍ୱଭାବର ମଣିଷଙ୍କ ସଂସ୍ପର୍ଷରେ ଆସିବାକୁ ପଡ଼ିବ। କିନ୍ତୁ ଧ୍ୟାନ ଦେବାର ଅଛି, ଅନ୍ୟ ସହ ମିଶିବା, ବସିବା ବେଳେ ଆମର ଆଚରଣ କେତେ ପ୍ରଭାବିତ ହେଉଛି। ବେଳେବେଳେ ଶୁଣିଥିବେ ଲୋକେ କୁହନ୍ତି 'ସେ ପିଲାଟା ଭଲ ନୁହେଁ, ବାଜେ ପିଲାଙ୍କ ସାଙ୍ଗରେ ମିଶୁଛି, ମଦ ସିଗାରେଟ ପିଉଛି, ଖରାପ କାମ କରୁଛି, ଅଭଦ୍ର, ଅସଭ୍ୟ ପିଲାଙ୍କ ଦଳରେ ବୁଲୁଛି' ଏମିତି କେତେ କଣ। କାରଣ ଆପଣ ସେଇଭଳି ଲୋକଙ୍କ ସହ ମିଶିବାକୁ ପସନ୍ଦ କରୁଥିବେ ବା ସାଙ୍ଗ ହେବେ ଯିଏ ଆପଣଙ୍କ ସ୍ୱଭାବ ସହ ମେଳ ଖାଉଥିବ, ତେଣୁ ଆପଣଙ୍କ ସାଙ୍ଗମାନେ ଯଦି ଅସଭ୍ୟ, ଅଭଦ୍ର ତେବେ ଆପଣ ଯେତେ ଭଦ୍ର ହେଲେ ମଧ ଅଭଦ୍ରରେ ଗଣାହେବେ। ଆପଣ ଯଦି ଜଣେ ଭଲ ମଣିଷ ବା ଉତ୍ତମ ସ୍ୱଭାବର ମଣିଷ ସହିତ ମିଶୁଛନ୍ତି, ନିଶ୍ଚିତ ଭାବରେ ତାଙ୍କର ସ୍ୱଭାବ ଆପଣଙ୍କୁ ପ୍ରଭାବିତ କରିବ ଓ ଆପଣ ତାଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ଉତ୍ତମ ଆଚରଣ କରିବାକୁ ଲାଗିବେ, ବ୍ୟବହାରରେ ମଧ ପରିବର୍ତ୍ତନ ଆସିବ, ଅନେକ ବ୍ୟକ୍ତିଗତ ବା ପାରିବାରିକ ସମସ୍ୟାର ସମାଧାନର ବାଟ ସେଇ ସାଙ୍ଗ ସହିତ ଆଲୋଚନା ମାଧ୍ୟମରେ ପାଇପାରିବେ। ତେଣୁ ଭଲ ମଣିଷଙ୍କ ସହ ମିଶିବା,ଭଲ ପରିବେଶରେ ରହିବା, ଭଲ କଥା ଶୁଣିବା ନିଶ୍ଚିତ ଭାବେ ଭଲ ବିଚାର ଉଦ୍ରେକ କରାଇବା ସହିତ, ସଂସାରରେ, ସମ୍ପର୍କରେ ଭଲ ବୁଝାମଣାରେ ମଧ ସହାୟକ ହୋଇଥାଏ। ସେଥିପାଇଁ ଆମ ଓଡ଼ିଆରେ ଗୋଟେ ଲୋକକଥା ଅଛି 'ଦୁର୍ଜନ ସଙ୍ଗେ କଲେ ବାସ, ଘଟିବ ଜାଣ ସର୍ବନାଶ'। ଦୁର୍ଜନଠାରୁ ଦୂରରେ ଓ ସୁଜନଙ୍କ ସହିତ ରହିଲେ ହିଁ ସର୍ବନାଶରୁ ନିଜକୁ ବଞ୍ଚାଇ ପାରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ। ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

***ପରିସ୍ରା ରଙ୍ଗରେ ପରିବର୍ତ୍ତନ :-***

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

***ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-***

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

***ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-***



ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ । ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରିରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରମ୍ପସ୍ ମଧ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ । ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ । ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି। ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସରକାରୀ ମାଗଣା ଯୋଜନା...

ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ପାଇଁ ଜନସାଧାରଣଙ୍କୁ ମାଗଣା ବା ରିହାତିଯୁକ୍ତ ଯୋଜନା ନିହାତି ଜରୁରୀ। କାରଣ ବିକାଶଶୀଳ ରାଷ୍ଟ୍ରରେ ସବୁ ନାଗରିକ ସମାନ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ଭାବେ ସକ୍ଷମ ହୋଇନଥା'ନ୍ତି। ସମସ୍ତଙ୍କର କ୍ରୟକ୍ଷମତା ମଧ ସମାନ ନୁହେଁ। ତେଣୁ ସରକାରୀ ସ୍ତରରେ ସମାଜର ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ପାଇଁ ବିଭିନ୍ନ ଯୋଜନା ହୋଇଥାଏ। ଲକ୍ଷ୍ୟ ରୁହେ – ମଣିଷର ଦୈନନ୍ଦିନ ରୋଜଗାର ସହିତ ଅତିରିକ୍ତ ସରକାରୀ ସହଯୋଗ ରହିଲେ ମଣିଷର ଜୀବନଧାରଣ ମାନ ଅପେକ୍ଷାକୃତ ଉନ୍ନତ ହେବ। ସରକାର ସ୍ୱଳ୍ପମିଆଦୀ, ଦୀର୍ଘମିଆଦୀ ଆଦି ବିଭିନ୍ନ ଯୋଜନା ସହିତ ଲୋକମାନଙ୍କୁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଏବଂ ମାଗଣା ଖାଦ୍ୟଶସ୍ୟ ମଧ ଯୋଗାଇ ଆସୁଛନ୍ତି। କିନ୍ତୁ ଅଭିଯୋଗ ହେଉଛି, ଏହି ଯୋଜନାର ସିଂହଭାଗ ସବଳ ଶ୍ରେଣୀ ଆପଣେଇ ନେଉଛନ୍ତି। ଅନେକ ହିତାଧିକାରୀ ପ୍ରକୃତ ଲାଭରୁ ବଞ୍ଚିତ ହେଉଛନ୍ତି, ସମାଜର ମୁଖ୍ୟସ୍ରୋତକୁ ଆସି ପାରୁନାହାନ୍ତି। ଏ ସବୁକୁ ଲକ୍ଷ୍ୟ କରି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ, ସରକାରୀ ଯୋଜନାର ମାତ୍ର ପନ୍ଦର ଭାଗ ଲୋକଙ୍କ ପାଖରେ ପହଞ୍ଚୁଛି। ଅର୍ଥାତ୍ ପଞ୍ଚାଅଶୀ ଭାଗ ପ୍ରାୟ ବାଟମାରଣା ହୋଇଯାଉଛି। ସରକାରୀ ଯୋଜନାଟିଏ ପ୍ରଣୟନ ହେଲେ ଆମେ ତାହା ପ୍ରତି ସହାନୁଭୂତିଶୀଳ ହେବା ପରିବର୍ତ୍ତେ ନିଷ୍ଠୁର ହୋଇପଡୁ। ଅର୍ଥାତ୍ ସେଥିରୁ କିପରି ଆମେ ଅଧିକ ଲାଭବାନ ହେବୁ ତାହା ସର୍ବଦା ଚେଷ୍ଟା କରିଥାଉ। ଆମେ ହିତାଧିକାରୀ ହେଉ ବା ନହେଉ, ଆମରି ନାଆର ଆମେ ନାଉରୀ ପାଇଁ ବୋଧହୁଏ ଏହି ମାନସିକତା। ଭୋଟ୍ ରାଜନୀତିରେ ଭୋଟରଙ୍କ ପାଇଁ ମାଗଣା ଯୋଜନା ନେତାମାନଙ୍କର ଏକ ସହଜ, ସରଳ ପଥ ହୋଇଗଲାଣି। ଦେଶରେ ଏମିତି କୌଣସି ରାଜନୈତିକ ଦଳ ନାହିଁ ଯେ ଏହାକୁ ଆପଣାଉ ନାହିଁ। ରାଜନୈତିକ ଦଳ ମଧ୍ୟରେ ଯେମିତି ପ୍ରତିଯୋଗିତା ଚାଲିଛି କିଏ କେତେ ମାଗଣାଖିଆ ଯୋଜନା କରିପାରିବ ଆଉ ଭୋଟର ମଧ୍ୟରେ ମଧ୍ୟ ପ୍ରତିଯୋଗିତା ଚାଲିଛି କିଏ କେତେ ଏହାକୁ ହାତେଇ ପାରିବ। ଦେଶର ଋଣ ଭାର, ରାଜ୍ୟମାନଙ୍କର ଋଣ ଭାର କିନ୍ତୁ ବଢ଼ି ବଢ଼ି ଚାଲିଛି। ଏପରିକି ବଜେଟ୍‌ର ଏକ ବଡ଼ ଭାଗ ଏ ବାବଦ ଋଣ ଓ ସୁଧ ଶୁଝିବାରେ ବ୍ୟୟ ହେଉଛି। ଏଭଳି ମାଗଣା ଯୋଜନାକୁ ଅନେକ ନାପସନ୍ଦ କରି ଏହାକୁ ବନ୍ଦ କରିବା ପାଇଁ ବିଚାରାଳୟକୁ ଯାଇଛନ୍ତି। ଅନେକଙ୍କ ମତ ଯେ ଖଟି ଖାଇଲେ ମଣିଷର ଆତ୍ମସମ୍ମାନ ବଢ଼ିବା ସହିତ ନୈତିକତା ମଧ ବଢ଼ିବ। କିନ୍ତୁ ମାଗଣା ଯୋଜନା କଲେ ମଣିଷ ଦିନକୁଦିନ ଶାରୀରିକ ଓ ମାନସିକ ଭାବେ ଦୁର୍ବଳ ହୋଇ ନୈତିକତା ହରାଇବ। ଯଦି ଅଧିକରୁ ଅଧିକ ଖଟି ଖାଇବା ଯୋଜନା ହୁଏ, ତାହା ପ୍ରକୃତ ସମାଜର ଉନ୍ନତି କରିବ। ଦିନଥିଲା, ମଣିଷ କୌଣସି କାରଣରୁ ଜେଲ୍ ଗଲେ, ସମସ୍ତେ ତା'କୁ ଘୃଣା ଚକ୍ଷୁରେ ଦେଖୁଥିଲେ। ସେହିପରି ସରକାରୀ ସାହାଯ୍ୟରେ ବଞ୍ଚିବା ପାଇଁ ମଣିଷ ନିଜକୁ ଲଜ୍ଜାବୋଧ କରୁଥିଲା। କିନ୍ତୁ ଏସବୁ ଏବେ ପାରିବାପଣିଆର ଏକ ମାଧ୍ୟମ ଭାବେ ଉଭା ହୋଇଛି। ନଅଙ୍କ ଦୁର୍ଭିକ୍ଷରେ ସରକାରୀ ଛତ୍ର ଖାଉଥିବା ମଣିଷକୁ ସେତେବେଳର ସମାଜ 'ଛତରଖିଆ' କହି ଆଡ଼େଇ ଦେଇଥିଲା। କଷ୍ଟ କରି ପିଲାଙ୍କୁ ମଣିଷ କଲେ ପିଲାମାନଙ୍କ ଉପରେ ତାହାର ସୁପ୍ରଭାବ ପଡ଼ି ପିଲାଏ ଦାୟିତ୍ୱବାନ ବ୍ୟକ୍ତିଭାବେ ସମାଜରେ ପ୍ରତିଷ୍ଠିତ ହୋଇଥା'ନ୍ତି। କଷ୍ଟକୁ ବୁଝିପାରୁଥିବା ପିଲାଏ, ସେମାନଙ୍କ ପିତାମାତାଙ୍କୁ ଜରାଶ୍ରମକୁ ପଠାଇବାକୁ ପାପ ବୋଲି ମଣନ୍ତି। ଜଣେ ମନୋଚିକିତ୍ସିକଙ୍କ ମତରେ ମାଗଣା ଯୋଜନାର ପ୍ରାବଲ୍ୟ ସମାଜରେ ବିକୃତ ମାନସିକତାର ମଣିଷ ସୃଷ୍ଟି କରିବା ସହିତ ଅନେକ ନିଶଖୋରଙ୍କୁ ମଧ ସୃଷ୍ଟି କରିବ। ମାଗଣା ଯୋଜନା ମଣିଷକୁ ଆତ୍ମନିର୍ଭର ନକରି ନିର୍ଭରଶୀଳତା ଶିଖାଇବ, ମଣିଷର ସୃଜନଶୀଳତାକୁ ମଧ ଧ୍ୱଂସ କରିବ। କଥାରେ ଅଛି ଯେ ମାଗି ଖାଇଲାଣି, ସେ ଖଟି ଖାଇବ ନାହିଁ। ଅନେକ ଟିକସଦାତାଙ୍କ ମତ ସେମାନଙ୍କ ଟିକସ ଠିକ୍ ବାଟରେ ବ୍ୟୟ ହେଉ। କେହି କେହି ନିଜର ମାସିକ ଆୟ ଟିକସ ଆକାରରେ ଦେବା ପାଇଁ ବାଧ ହୋଇଥା'ନ୍ତି। ଜନମଙ୍ଗଳକାରୀ ରାଷ୍ଟ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ମାଗଣା ହେଉ। ପ୍ରକୃତ ଅସହାୟ ମଣିଷକୁ ସବୁ କିଛି ମାଗଣାରେ ଦିଆଯାଇପାରେ। ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ପ୍ରଯୁକ୍ତିବିଦ୍ୟାର ଅଧିକ ଉପୋଯୋଗ ହେଉ। ସାହାଯ୍ୟ କରି କାହାକୁ ଧନୀ କରି ପାରିବା ନାହିଁ। ସର୍ବଦା ହାତ ପତାଇବା ଯୋଜନା କଲେ ଜଣେ କଦାପି ସୁନାଗରିକ ହୋଇପାରିବ ନାହିଁ। ମାଗଣାରେ ଦେଶର ସମ୍ପଦକୁ ବାଣ୍ଟିଲେ ତାହାର ଅନେକ ଦୁରୁପଯୋଗ ହେବ। କାରଣ ମାଗଣା ସମ୍ପଦର ମୂଲ୍ୟ ମଣିଷ ବୁଝିପାରେନା। ଶ୍ରମ ବଦଳରେ ସବୁକିଛି ଆବଶ୍ୟକତା ପୂରଣ କରାଯାଉ। ଜନମଙ୍ଗଳ ରାଷ୍ଟ୍ରରେ ଜନମଙ୍ଗଳ ଯୋଜନା ଜରୁରୀ। ମାଗଣା ଯୋଜନା ଜନମଙ୍ଗଳ ଯୋଜନା ନୁହେଁ। ଖଟି ଖାଇବା ଯୋଜନା ହିଁ ଜନମଙ୍ଗଳ ଯୋଜନା, ଯାହା ଆଉ ସୁସ୍ଥ ମଣିଷ, ସୁସ୍ଥ ସମାଜ, ସୁସ୍ଥ ଦେଶ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ।

# ଐତିହ୍ୟର ପୁନଃ ସ୍ଥାପନାର ଯୋଗୀ ମଡେଲ: ସମ୍ବଲ



### ଡ ସମନ୍ୱୟ ନନ୍ଦ

କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲର ତଥାକଥିତ ଜାମା ମସଜିଦର ସର୍ଭେ କରିବାକୁ ଯାଇଥିବା ଟିମ ଉପରେ ହୋଇଥିବା ଆକ୍ରମଣ ଓ ପରବର୍ତୀ ହିଂସା ଘଟଣାକୁ ଶହେ ଦିନ ବିତି ଯାଇଛି। ଏହି ଶହେ ଦିନ ମଧ୍ୟରେ ଉତ୍ତର ପ୍ରଦେଶର ଯୋଗୀ ସରକାର ସେଠାକାର ଦଙ୍ଗାକାରୀଙ୍କୁ ନିୟନ୍ତ୍ରଣ କରିବା ସହ ସମ୍ବଲ ଅଂଚଳର ପୁରାତନ ଐତିହ୍ୟର ପୁନଃ ସ୍ଥାପନା କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତମାନ ସୁଦ୍ଧା ସମ୍ବଲ ଅଂଚଳର ୪୧ଟି ତୀର୍ଥସ୍ଥଳ ଓ ୧୯ଟି ପୁରାତନ ପବିତ୍ର କୂଅର ପୁନରୁଦ୍ଧାର କରାଯାଇଛି। ଏହି ଅଂଚଳକୁ ହିନ୍ଦୁ ବିହୀନ କରିବା ପରେ ଏହି ପବିତ୍ର ସ୍ଥାନ ଗୁଡିକ ଉପରେ କଟ୍ଟରପନ୍ଥୀ ମୁସଲମାନ ମାନଙ୍କ ଦ୍ୱାରା କବଜା କରି ନିଆଯାଇଥିଲା। ଯୋଗୀ ସରକାରଙ୍କ ପୋଲିସ ଓ ପ୍ରଶାସନ ଏହି ପବିତ୍ର ସ୍ଥାନ ଗୁଡିକୁ ଜବର ଦଖଲରୁ ମୁକ୍ତ କରାଯାଇଛି।

ସମ୍ବଲରେ ଯେଉଁଭଳି ଘଟଣା ଘଟିଥିଲା ଓ ବର୍ତମାନ ଯାଏ ଯେପରି ଭାବରେ ଯୋଗୀ ସରକାର କାମ କରିଛନ୍ତି ତାହାର ବାସ୍ତବରେ ଯେତେ ପ୍ରଶଂସା କଲେ ମଧ କମ ହେବ। ସମ୍ବଲରେ ଘଟିଥିବା ଘଟଣା ସମସ୍ତଙ୍କର ମନେ ଥିବ। ସେଦିନ ଥିଲା ନଭେମ୍ବର ମାସର ଶେଷ ସପ୍ତାହର ରବିବାର। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲର ତଥାକଥିତ ଜାମା ମସଜିଦରେ ସକାଳ ୯ଟାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହିନ୍ଦୁ ମାନଙ୍କ ପକ୍ଷରୁ ଏହାକୁ ହରିହର ମନ୍ଦିର ବୋଲି ଦାବି କରାଯାଉଥିବା କାରଣରୁ ଏହାକୁ ନେଇ କୋର୍ଟ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସକାଳ ସମୟରେ ଯେତେବେଳେ ସର୍ଭେ କରିବାକୁ ଟିମ ମସଜିଦ ପହଂଚିଥିଲା ସେତେବେଳେ ହଠାତ ଶହ ଶହ ସଂଖ୍ୟାରେ ଇସଲାମୀ ଭୀଡ ସେଠାରେ ପହଂଚି ପଥର ଫିଙ୍ଗିବା ଆରମ୍ଭ କରି ଦେଇଥିଲେ। ଏହି ଇସଲାମୀ ଭୀଡ ମଧ୍ୟରେ ନାବାଳକ ମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକ ମାନେମଧ ସାମିଲ ଥିଲେ। ପୋଲିସ ପ୍ରଶାସନକୁ ସ୍ଥିତିକୁ ନିୟନ୍ତ୍ରିତ କରିବାକୁ ଖୁବ ପରିଶ୍ରମ କରିବାକୁ ପଡିଥିଲା। ଲାଠି ଚାର୍ଜ ଠାରୁ ଆରମ୍ଭ କରି ଟିୟର ଗ୍ୟାସର ପ୍ରୟୋଗ କରିବାକୁ ପଡିଥିଲା। ସଙ୍ଗେ ସଙ୍ଗେ ଏହି ଉପଦ୍ରବକୁ ରୋକିବାକୁ ପିଏସି ଓ ରାପିଡ ଆକ୍ସନ ଫୋର୍ସର ଅତିରିକ୍ତ ଯବାନଙ୍କୁ ମୁତୟନ କରିବାକୁ ପଡିଥିଲା।

ଭିଡ ପକ୍ଷରୁ ଗୁଳି ଚାଳନା ମଧ କରାଯାଇଥିଲା। ଏହି ଗୁଳିରେ ଅନେକ ଜଣଙ୍କର ମୃତ୍ୟୁ ମଧ ହୋଇଥିଲା। ପ୍ରଶାସନ ଏହି ମାମଲାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ନେଇଥିଲା। ପ୍ରଥମେ କୋର୍ଟ ପରିସରରେ ସର୍ଭେ କରିବାକୁ ଯାଇଥିବା ଟିମକୁ ସୁରକ୍ଷିତ ବାହାର କରାଯିବା ସହ ପରେ ଏହି ମାମଲାକୁ ନିୟନ୍ତ୍ରିତ କରାଯାଇଥିଲା।

ସମ୍ବଲ କେବେ ହିନ୍ଦୁ ମାନଙ୍କର ଏକ ପ୍ରମୁଖ ତୀର୍ଥ ସ୍ଥଳୀ ଥିଲା। ସେଠାରେ ଅନେକ ମନ୍ଦିର, ପବିତ୍ର କୂଅ ଆଦି ରହିଥିଲା। ସ୍ଥାନୀୟ ମାନ୍ୟତା ରହିଛି ଯେ ସମ୍ବଲରେ ଭଗବାନ କଳକୀ ଅବତାର ଭାବେ ଜନ୍ମଗ୍ରହଣ କରିବେ। କିନ୍ତୁ ଗତ କିଛି ବର୍ଷ ଧରି ସମ୍ବଲରେ ଡେମୋଗ୍ରାଫିରେ ପରିବର୍ତ୍ତନ ଘଟିଛି। ସେଠାରେ ଡେମୋଗ୍ରାଫି ପରିବର୍ତନ କାରଣରୁ ସ୍ଥାନୀୟ ହିନ୍ଦୁ ମାନେ ଏହି ଅଂଚଳରୁ ପଳାୟନ କରିଛନ୍ତି।

ତେବେ ପ୍ରଶ୍ନ ଉଠୁଛି ଯେ ସମ୍ବଲରେ ଯେଉଁ ସର୍ଭେ କରାଯାଉଥିଲା ତାହା ପ୍ରଶାସନ କରୁ ନ ଥିଲା ବରଂ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କରାଯାଉଥିଲା। ତେବେ ଏହି ସର୍ଭେ ବିରୁଦ୍ଧରେ ଶହ ଶହ ସଂଖ୍ୟାରେ ଲୋକ ଏକାଠି ହୋଇ ପଥର ମାଡ କାହିଁକି କରୁଥିଲେ? ଏହି ଭିଡ କଣ ସକାଳୁ ସକାଳୁ ସ୍ୱତଃ ପ୍ରବୃତ ଭାବେ ଏକାଠି ହୋଇଥିଲା ନା ଏହି ଭିଡକୁ କିଏ ଏକାଠି କରିବାକୁ ଆବଶ୍ୟକୀୟ ଯୋଜନା କରିଥିଲା। ଦେଶ- ବିଦେଶରେ ଅନେକ ସ୍ଥାନରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳେ ଯେ, ପ୍ରଶାସନକୁ ଚାପ ଗ୍ରସ୍ତ କରିବାକୁ ଏଭଳି ଭୀଡକୁ ରାସ୍ତାକୁ ଓହ୍ଲାଇ ଦିଆଯାଏ। ଭୀଡକୁ ଦେଖିବା ପରେ ପ୍ରଶାସନ ଚାପର ଶୀକାର ହୋଇଯାଏ ଓ ନ୍ୟାୟ ପ୍ରଦାନ କରିବାକୁ ଯାହା କରିବା ଆବଶ୍ୟକ, ପ୍ରଶାସନ ତାହା କରି ପାରେ ନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି ଖରାପ ହେବାର ଆଶଙ୍କାରର ଆଳ ଦେଖାଇ ପ୍ରଶାସନ ଚୁପ ବସି ଯାଏ। ଦେଶରେ ଅନେକ ସମୟରେ ଓ ଅନେକ ସ୍ଥାନରେ ଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳିଛି ଯେତେବେଳେ ଉଗ୍ର ଭୀଡ ରାସ୍ତାକୁ ଆସି ଯିବା କାରଣରୁ ପ୍ରଶାସନ ଚାପର ଶୀକାର ହୋଇଯାଏ ଓ ଯାହା କରିବା ଆବଶ୍ୟକ ତାହା କରେ ନାହିଁ। ସମ୍ବଲରେ ମଧ ଏହି ଇସଲାମୀ ଭୀଡକୁ ରାସ୍ତାକୁ ଓହ୍ଲା କରାଇବା ପଛରେ ଯେଉଁ ଶକ୍ତି ମାନେ ରହିଥିଲେ ସେମାନଙ୍କର ମଧ ସେହି ଉଦ୍ଦେଶ୍ୟ ଥିଲା। ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ତଥାକଥିତ ମସଜିଦର ସର୍ଭେକୁ ରୋକିବା ଓ ସମ୍ବଲ ସହରରେ ଥିବା ଐତିହ୍ୟ ଗୁଡିକ ଉପରେ କିଭଳି ଖୋଳତାଡ ନ ହେବ ତାହା ସୁନିଶ୍ଚିତ କରିବା। ଅନ୍ୟ କେଉଁ ରାଜ୍ୟ ହେଲେ ଏହି ଅରାଜକ ତତ୍ୱ ମାନେ ସେମାନଙ୍କର ପ୍ରଚେଷ୍ଟାରେ ସଫଳ ହୋଇ ଯାଇଥାନ୍ତେ। ହେଲେ ଉତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାର ଥିବା କାରଣରୁ ସେମାନଙ୍କର ଉଦ୍ଦେଶ୍ୟରେ ସଫଳ ହୋଇ ପାରି ନାହାନ୍ତି।

ସମ୍ବଲରେ ନଭେମ୍ବର ୨୪ ତାରିଖ ଦିନ ଯେଉଁ ଅରାଜକତା ଦେଖା ଦେଇଥିଲା ତା ପଛରେ ଗଭୀର ଷଡଯନ୍ତ୍ର ଥିବାର ପ୍ରମାଣ ପରବର୍ତୀ ଜାଂଚରେ ମିଳିଥିଲା। ସେଠାରେ ବ୍ୟବହାର କରାଯାଇଥିବା ଗୁଳି ମଧ ପାକିସ୍ତାନର ବୋଲି ଜଣା ପଡିଥିଲା। ଏହି ସତ୍ୟ ସାମନାକୁ ଆସିବା ପରେ ଏହି ମାମଲାର ବିଦେଶୀ କନେକ୍ସନକୁ ନେଇ ମଧ ପୋଲିସ ଜାଂଚ ଜାରୀ ରଖିଛି।

ସମ୍ବଲରେ ଇସଲାମୀ କଟ୍ଟରପନ୍ଥୀ ମାନେ ବାରମ୍ବାର ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ କରି ଆସିଛନ୍ତି। ୧୯୭୮ ମସିହାରେ ହିନ୍ଦୁ ମାନଙ୍କ ଉପରେ ଯେପରି ଆକ୍ରମଣ କରା ଯାଇଥିଲା ଓ ପୋଲିସ ଆକ୍ରମଣକାରୀ ମାନଙ୍କୁ ଧରିବା ପରିବର୍ତେ ସେମାନଙ୍କୁ ସୁରକ୍ଷା ଦେଇଥିଲା ତା ପରେ ଏହି ଅଂଚଳରୁ ହିନ୍ଦୁ ମାନେ ପଳାୟନ କରି ଯାଇଥିଲା। ଅଂଚଳ ସମ୍ପୂର୍ଣ୍ଣ ହିନ୍ଦୁ ବିହୀନ ହୋଇଯାଇଥିଲା। ତେଣୁ ଏଥର ମଧ କଟ୍ଟରପନ୍ଥୀ ମୁସଲମାନ ମାନେ ସେଇଆ କରିବେ ବୋଲି ଭାବୁଥିଲେ। ଅରାଜକତା ସୃଷ୍ଟିକାରୀ ମାନଙ୍କ ମନରେ ଥିଲା ଯେ ସେମାନେ ରାସ୍ତାରେ ଉଗ୍ର ଭୀଡ ପ୍ରଦର୍ଶନ କରି ଓ ପଥର ଫିଙ୍ଗି ପ୍ରଶାସନକୁ ଚାପରେ ଚେପା କରିଦେବେ ଓ ସେମାନେ ଯାହା ଚାହିଁବେ ତାହା କରି ପାରିବେ। କିନ୍ତୁ ଯୋଗୀ ପ୍ରଶାସନ ସେମାନଙ୍କୁ ଭୁଲ ପ୍ରମାଣିତ କରିଛି। ଯୋଗୀଙ୍କ ପୋଲିସ ଜଣେ ଜଣେ ଅରାଜକତା ସୃଷ୍ଟି କାରୀଙ୍କୁ ଚିହ୍ନଟ କରି ଜେଲ ପଠାଇବାରେ ଲାଗିଛି। ଏହି ମାମଲା ପରେ ପୋଲିସ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରେ ୩ ଶହରୁ ୫ ଶହ ଘରେ ତାଲା ପଡିଛି। ଗିରଫ ହେବା ଭୟରେ ୨ ହଜାରରୁ ଅଧିକ ଲୋକ ସହର ଛାଡି ଚାଲି ଯାଇଛନ୍ତି। ୧୯୭୮ ମସିହାର ଦଙ୍ଗା ପରେ ହିନ୍ଦୁ ମାନଙ୍କ ଘର ଗୁଡିକୁ କବଜା କରି ରହୁଥିବା ଲୋକ ମାନେ ମଧ ଭୟରେ ଛାଡି ଚାଲିଯାଇଛନ୍ତି। ଏହାର କାରଣ ହେଲା ଯେ ପୋଲିସ ଦ୍ୱାର – ଦ୍ୱାର ଯାଇ ସର୍ଭେ କରୁଛି। ଯୋଗୀଙ୍କ ପୋଲିସ ସେମାନଙ୍କର ନିଦ ହଜାଇ ଦେଇଛି।

ଅରାଜକତାବାଦୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ସହିତ ଏହି ଶହେ ଦିନ ମଧ୍ୟରେ ଐତିହ୍ୟର ପୁନରୁଦ୍ଧାର ମୋର୍ଚ୍ଚାରେ ମଧ ଯୋଗୀ ସରକାର ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ବର୍ତମାନ ସୁଦ୍ଧା ସମ୍ବଲ ଅଂଚଳର ୪୧ ଟି ତୀର୍ଥସ୍ଥଳ ଓ ୧୯ ଟି ପୁରାତନ ପବିତ୍ର କୂଅର ପୁନରୁଦ୍ଧାର କରାଯାଇଛି। ଏଏସଆଇ ଦ୍ୱାରା ସଂରକ୍ଷିତ ଅମରପତି ଖେଡା ଯାହା ୭୫ ବର୍ଷ ଧରି ଜବର ଦଖଲ କାରଣରୁ ହଜି ଯାଇଥିଲା ତାକୁ ପୁନରୁଦ୍ଧାର କରାଯାଇଛି। ଏହା ହେଉଛି ଦଧିଚୀ ଆଶ୍ରମ ଓ ଏଠାରେ ପୃଥ୍ୱୀରାଜ ଚୌହାନଙ୍କ ଗୁରୁ ଅମରପତିଙ୍କ ସମାଧି ରହିଛି। ଏକ ବହୁ ପୁରାତନ ଶିବ ମନ୍ଦିରକୁ ଜବର ଦଖଲରୁ ମୁକ୍ତ କରାଯାଇ ସେଠାରେ ପ୍ରତିଦିନ ପୂଜା ଅର୍ଚନା କରାଯାଉଛି। ସେହିପରି କାର୍ତିକେଶ୍ୱର ମନ୍ଦିର ଓ ରାଧା କୃଷ୍ଣ ମନ୍ଦିରକୁ ୪୬ ବର୍ଷ ପରେ ଖୋଲା ଯାଇଛି।

ଭାରତର ଐତିହ୍ୟର ପୁନଃ ସ୍ଥାପନା କିପରି କରାଯାଇ ପାରେ ତାର ଏକ ଶ୍ରେଷ୍ଠ ରାସ୍ତା ଦେଖାଇଛନ୍ତି ଉତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର। କୋର୍ଟର ନିର୍ଦ୍ଦେଶ କ୍ରମେ ସର୍ଭେ କରିବାକୁ ଯାଇଥିବା ଦଳ ଉପରେ ହଜାର ହଜାର ସଂଖ୍ୟାର ଭୀଡ ଦ୍ୱାରା ଅତର୍କିତ ଆକ୍ରମଣ କରାଯିବା ଓ ପରେ ହିଂସାରେ କିଛି ଲୋକଙ୍କ ମୃତ୍ୟୁ ହେବା ଓ କର୍ଫ୍ୟୁ ଲଗା ଯିବା ଘଟଣା ପର ଠାରୁ ଯୋଗୀ ସରକାର ଯେଉଁ କାମ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ। ଯୋଗୀ ସରକାରଙ୍କ ଐତିହ୍ୟ ପୁନଃ ସ୍ଥାପନା ପାଇଁ ଇଚ୍ଛା ଶକ୍ତି ସବୁ ରାଜ୍ୟ ପାଇଁ ଏକ ମଡେଲ ସଦୃଶ। ଅନ୍ୟ ରାଜ୍ୟ ମାନେ ମଧ ଯୋଗୀଙ୍କ ମଡେଲକୁ ଆପଣାଇବାର ସମୟ ଆସିଛି।

# ମୁଁ ସର୍ବହରା



### ଶ୍ରୀବତ୍ସ ନାୟକ

> ବାଦଲ ଫଟା ବର୍ଷା, ହାଡ଼ ଭଙ୍ଗା ଶୀତ ଓ ମୁଣ୍ଡ ଫଟା ଖରାକୁ ଖାତିର ନକରି ସମଗ୍ର ମାନବ ସମାଜକୁ ଖାଦ୍ୟ ଯୋଗାଏ କିନ୍ତୁ ଖାଇବାକୁ ପାଏ ନାହିଁ। ମୋର କଠିନ ପରିଶ୍ରମ ଦ୍ୱାରା ପୁଞ୍ଜିପତିମାନେ ବେଶ୍ ଲାଭବାନ ହୋଇ ସମାଜରେ ବିତ୍ତଶାଳୀ ବ୍ୟକ୍ତି ଭାବେ ପରିଗଣିତ ହୋଇଥାନ୍ତି କିନ୍ତୁ ମୁଁ ସେହି ସର୍ବହରା ହୋଇ ରହିଯାଏ। ସମୟ ସ୍ରୋତରେ ନିଃସହାୟ ଶୁଷ୍କତୃଣ ଭାସି ଭାସି ଚାଲିଲା ଭଳି ମୁଁ ଜୀବନ ଅତିକ୍ରମ କରୁଛି।

ମୁଁ ଶ୍ରମିକ। ମୁଁ ମଧ ଦିନ ମଜୁରିଆ। ଏହି ଭଳି ଅନେକ ଅନେକ ନାମରେ ମୁଁ ପରିଚିତ। କେବେ ସହରର ଗଳି କନ୍ଦିରେ ରିକ୍ସା ଟାଣେ, କେବେ ମହାଜନର ମୂଲ ଲାଗେ, କେବେ ପୁଣି ଜମିରେ ଚାଷ କରେ ତ କେବେ କୌଣସି ସଂସ୍ଥାରେ କାର୍ଯ୍ୟ କରି କିଛି ଅର୍ଥ ଉପାର୍ଜନ କରିଥାଏ। ସେଥିରୁ ଯାହା କିଛି ପାଉଣା ମିଳେ ଦୁଃଖେ କଷ୍ଟେ କାଳାତିପାତ କରେ। ମୋ ପାଇଁ ବିଶେଷ ପରିଚୟର ଆବଶ୍ୟକତା ନାହିଁ। ମୋ ଜୀବନ ନାଟକର ମୁଁ ହେଉଛି ମହାନାୟକ। ମୁଁ ସର୍ବସଂହା। ମୁଁ ଅରକ୍ଷିତ ବେସାହାରା। ଖାଦ୍ୟ ମୋ ପାଇଁ ଅପହଞ୍ଚ। ବସ୍ତ୍ର ଓ ବାସଗୃହ ସାତ ସପନ। ସୁଖ ସପନ ମୋ ପାଇଁ ଜାଦୁଗରର ଇନ୍ଦ୍ରଜାଲ। ସମାଜର ବିତ୍ତଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଦ୍ୱାରା ଚିରଦିନ ଶୋଷିତ ହେଉଥିବା ଅଧମ ଜୀବଟିଏ ମୁଁ, ଯିଏ ଅନ୍ୟର ଦୟାରେ ପ୍ରତିପାଳିତ ହୁଏ। ସମାଜ ଆଗରେ ଓ ଦୁନିଆ ଦାଣ୍ଡରେ ମୁଁ ସଦା ଭୂଲୁଣ୍ଠିତ। ଦେଶ ଗଢା ହୁଏ ମୋର ରକ୍ତ, ମାଂସ ଓ ସ୍ୱେଦରେ କିନ୍ତୁ ପରିଚୟ ମୋର ବେସାହାରା। ମୁଁ ମୁଣ୍ଡ ଝାଳ ତୁଣ୍ଡରେ ମାରି, ବାଦଲ ଫଟା ବର୍ଷା, ହାଡ଼ ଭଙ୍ଗା ଶୀତ ଓ ମୁଣ୍ଡ ଫଟା ଖରାକୁ ଖାତିର ନକରି ସମଗ୍ର ମାନବ ସମାଜକୁ ଖାଦ୍ୟ ଯୋଗାଏ କିନ୍ତୁ ଖାଇବାକୁ ପାଏ ନାହିଁ। ମୋର କଠିନ ପରିଶ୍ରମ ଦ୍ୱାରା ପୁଞ୍ଜିପତିମାନେ ବେଶ୍ ଲାଭବାନ ହୋଇ ସମାଜରେ ବିତ୍ତଶାଳୀ ବ୍ୟକ୍ତି ଭାବେ ପରିଗଣିତ ହୋଇଥାନ୍ତି କିନ୍ତୁ ମୁଁ ସେହି ସର୍ବହରା ହୋଇ ରହିଯାଏ। ସମୟ ସ୍ରୋତରେ ନିଃସହାୟ ଶୁଷ୍କତୃଣ ଭାସି ଭାସି ଚାଲିଲା ଭଳି ମୁଁ ଜୀବନ ଅତିକ୍ରମ କରୁଛି। ଭାଗ୍ୟ ସହ ଲଢିଲଢି ବିଧି ସହ ବଞ୍ଚିବାଟା ମୋର ଅଧିକାର। ମୁଁ ମାନବଧିକାର ଓ ମୌଳିକ ଅଧିକାରରୁ ବଞ୍ଚିତ ଓ ଲାଞ୍ଛିତ। ସମାଜଶାସ୍ତ୍ରୀ ଓ ଅର୍ଥଶାସ୍ତ୍ରୀଙ୍କ ପ୍ରୟୋଗଶାଳାରେ ପରୀକ୍ଷିତ ଇଜ୍ଜତ ମୋର। ଅବଶ୍ୟ ରାଜନୀତି ସମୟ ଆସିଲେ ମୋତେ ନେଇ ଅନେକ ଚର୍ଚ୍ଚାଲୋଚନା ହୁଏ। ନେତା ମନ୍ତ୍ରୀମାନଙ୍କର ସୁଅ ଛୁଟେ ମୋ ପାଖକୁ। ମୋର ସ୍ୱାର୍ଥ ସମ୍ମାନ ଓ ଉତ୍ଥାନ ପାଇଁ ଚାଲେ ଅନେକ କୁସ୍ତି କସରତ, ବାକବିତଣ୍ଡା ଓ ରକ୍ତ ସଂଘର୍ଷ। ମୋର ଉନ୍ନତି ପାଇଁ ଆସେ ଅନେକ ଇସ୍ତାହାର। ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ, ଖାଦ୍ୟ କିଭଳି ମୋତେ ମିଳିପାରିବ ତାହାକୁ ନେଇ ନେତାମାନଙ୍କ ମଧ୍ୟରେ ଏକ ପ୍ରକାରର ପ୍ରତିଯୋଗିତା ହୋଇଥାଏ। ସେମାନେ ହାତ ଯୋଡ଼ି ନେହୁରା ହୋଇଥାନ୍ତି ଖଣ୍ଡେ ଖଣ୍ଡେ ଭୋଟ ପାଇଁ। ପ୍ରଶଂସା ଓ ସମ୍ମାନରେ ମୋତେ ପୋତି ପକାନ୍ତି। ସେତେବେଳେ ଅନୁଭବ ହୁଏ ସତେ ଯେମିତି ମୁଁ ବି ଅନ୍ୟମାନଙ୍କ ଭଳି ଏ ସମାଜର ଜଣେ ପ୍ରଭାବଶାଳୀ ବ୍ୟକ୍ତି। ମୋର ସ୍ୱାର୍ଥ ପାଇଁ ସେହି ରାଜନେତା ମାନେ ସତେ କେତେ ବିକଳ ନୁହନ୍ତି! କିନ୍ତୁ ନିର୍ବାଚନ ଶେଷ ହୋଇଗଲେ କେହି ଏଠି କାହାର ନୁହନ୍ତି। ମୋ ପାଇଁ ସମସ୍ତେ କାନ୍ଦନ୍ତି କିନ୍ତୁ କାହାରି ଆଖିରେ ଲୁହ ନଥାଏ। କେତେ ଅନୁଦାନ, କେତେ ପ୍ରୋତ୍ସାହନ! କେତେ ଅରଣ୍ୟ ରୋଦନ! କେତେ କୁମ୍ଭୀର କ୍ରନ୍ଦନ! ଏହାହିଁ ବାସ୍ତବ ଚିତ୍ର ମୋ ଜୀବନର। ସମାଜରେ ମୁଁ ଶୋଷିତ, ନିଷ୍ପେସିତ, ଅବହେଳିତ, ଚିରକାଳ ଚିରଦିନ। ମାର୍କସବାଦ - ଲେନିନବାଦ, ପୁଞ୍ଜିବାଦ - ସାମ୍ୟବାଦ, ସମାଜବାଦ - ଗାନ୍ଧୀବାଦ, ସାଂସ୍କୃତିକ - ରାଷ୍ଟ୍ରବାଦ ମୋ ପାଇଁ କେତୋଟି କ୍ଲିଷ୍ଟ ଶବ୍ଦ ପୁଞ୍ଜ। ବଜାରବାଦ - ଉଦାରବାଦ ଅର୍ଥନୀତିରେ ମୁଁ ଗୋଟିଏ ପଣ୍ୟ ସାମଗ୍ରୀ। ଏହି କ୍ରୁର ମତଲବୀ ଦୁନିଆରେ ଅହରହ ଲଢିଲଢି ବଞ୍ଚିବାଟା ମୋର ଜନ୍ମଗତ ଅଧିକାର। ଏହା ମୋର ଦୁଃଖଦ କାହାଣୀ। କିଛି କରିପାରିବାର କ୍ଷମତା ମୋର ନାହିଁ। ଯାହାର କ୍ଷମତା ଅଛି ସେମାନେ ମଧ ମୋ ପ୍ରତି ସମ୍ବେଦନଶୀଳ ନୁହନ୍ତି। ସରକାରଙ୍କର ମୋ ପ୍ରତି ଉଦାସୀନତା ଓ ବୈମାତୃକ ମନୋଭାବ। କେତେ ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମାଜସେବୀ ଆସି ଚାଲିଗଲେଣି କିନ୍ତୁ ମୋର ଭାଗ୍ୟରେ ତାଲା ଝୁଲୁଛି। ସରକାର କୁମ୍ଭକର୍ଣ୍ଣ ଭଳି ନିଦ୍ରାରେ ଶୋଇଯାଇଛି। ସୁନ୍ଦର ମିଛର ସମ୍ବିଧାନକୁ ନେଇ, ଆଖିରେ ଅନ୍ଧପୁଟୁଳି ବାନ୍ଧି ନୂଆ ଖୋଳ ମଧ୍ୟରେ ଆଇନ୍ ପଡ଼ି ରହିଛି। ଆଇନର ରକ୍ଷକ ଅର୍ଥର କବଳେ ଭକ୍ଷକ ପାଲଟିଯାଇଛି। ଆଇନର ଦୁହାଇ ଦେଇ ରାଜନେତାମାନେ ମୋତେ ଲୁଟି ଚାଲିଛନ୍ତି। ବିବେକକୁ ବଳି ଦେଇ ମୁଁ ଆଜି ସର୍ବସଂହା ପାଲଟି ଯାଇଛି। ଏହା ହିଁ ମୋର ଦୁଃଖଦ କାହାଣୀ।

ସମାଜ ସୃଷ୍ଟିର ଅୟମାରମ୍ଭ କାଳରୁ ସଂଘର୍ଷର ସ୍ୱରୂପ ବିଦ୍ୟମାନ ରହିଛି। କେତେବେଳେ ତାହା ଦୁର୍ବଳ ଉପରେ ସବଳର ଅତ୍ୟାଚାର ତ କେତେବେଳେ ନିର୍ଦ୍ଧନ ଉପରେ ଧନୀ ଗୋଷ୍ଠୀର ଅତ୍ୟାଚାର। ଜର୍ମାନର ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ କାର୍ଲ ମାର୍କସ ତାଙ୍କ ସ୍ୱ-ରଚିତ ପୁସ୍ତକ, 'କମ୍ୟୁନିଟି ଇସ୍ତାହାର'ରେ ଦର୍ଶାଇଛନ୍ତି ଯେ, 'ସ୍ୱାଧୀନ ନାଗରିକ ଓ କ୍ରୀତଦାସ, ସମ୍ଭ୍ରାନ୍ତ ଓ ଇତରଜନ, ଭୂସ୍ୱାମୀ ଓ ଦିନ ମଜୁରିଆ; ଗୋଟିଏ କଥାରେ କହିଲେ ଅତ୍ୟାଚାରୀ ଓ ଅତ୍ୟାଚାରିତ ପରସ୍ପର ବିରୋଧରେ ଛିଡ଼ା ହୋଇ ଆସିଛନ୍ତି। ଅବିରତ ସଂଗ୍ରାମର ଏମାନେ ସର୍ବଦା ଲିପ୍ତ'। ଏହି ଭଳି ସଂଘର୍ଷର ସ୍ୱରୂପ ବିଶ୍ୱ ଦେଖିଛି ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ଋଷ ବିପ୍ଳବର ଭୟାବହତା। ଫରାସୀ ରାଷ୍ଟ୍ର ବିପ୍ଳବ ସମଗ୍ର ବିଶ୍ୱରେ ମୁକ୍ତି, ସାମ୍ୟ ଓ ମୈତ୍ରୀର ବାର୍ତ୍ତା ପ୍ରଚାର କରିଥିବା ବେଳେ ଋଷ ବିପ୍ଳବ ମାନବ ଜୀବନର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସାମ୍ୟ ଭାବର ପ୍ରସାର ପାଇଁ ପଥ ପ୍ରସ୍ତୁତ କରିଥିଲା। ଏହି ବିପ୍ଳବର ପ୍ରଧାନ ଲକ୍ଷ୍ୟ ଥିଲା- ସାମ୍ୟବାଦ, ଶ୍ରମିକ ସମ୍ପ୍ରଦାୟର ପ୍ରାଧାନ୍ୟ ଓ ସମାଜରେ ଅର୍ଥନୈତିକ ସମତା ସ୍ଥାପନ। ବିଭିନ୍ନ ଦେଶର ପୁଞ୍ଜିପତି ଶୋଷକ ଶ୍ରେଣୀ ପ୍ରତି ଏହା ଏକ ସତର୍କ ଘଣ୍ଟି ରୂପେ କାମ କରିଥିଲା। ଏହା ସମାଜର ଦଳିତ ତଥା ନିଷ୍ପେସିତ ଶ୍ରମିକ ମାନଙ୍କ ମନରେ ଅପୂର୍ବ ଆଶାର ସଂଚାର କରିଥିଲା। ଏହି ବିପ୍ଳବ ରୁଷିଆର ସମାଜ, ରାଜନୀତି ଓ ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବା ସହ ପୃଥିବୀ ଇତିହାସକୁ ଏକ ନୂତନ ଦିଗଦର୍ଶନ ଦେଇଥିଲା। ଶାସକ ଶ୍ରେଣୀ ବିରୁଦ୍ଧରେ ସର୍ବହରାମାନଙ୍କୁ ଏକଜୁଟ କରି ନିଜର ନ୍ୟାର୍ଯ୍ୟ ଦାବି ପ୍ରାପ୍ତି ନିମନ୍ତେ କାର୍ଲ ମାର୍କସଙ୍କର ତାତ୍ତ୍ୱିକ ଦର୍ଶନ (ମାର୍କସବାଦ) ଦେଶରେ ଅର୍ଥନୈତିକ କ୍ଷେତ୍ରରେ ଆଣିଥିଲା ଅନେକ ପରିବର୍ତ୍ତନ। ତେଣୁ ସାଂପ୍ରତିକ ସମୟରେ ମୋର ଏତାଦୃଶ ଅବସ୍ଥା ପ୍ରତି ଭାରତ ସରକାର ଚିନ୍ତା ପ୍ରକଟ କରିବା ନିହାତି ଦରକାର ନଚେତ୍ ଦେଶର ପ୍ରଗତି ଅବଶ୍ୟମ୍ଭାବୀ।


ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ।
ମୋ: ୯୪୩୮୦୭୦୮୪୯





## ମୋତେ ଝିଅ ଟିଏ ନୁହେଁ ପୁଅଟିଏ କର

### ରବୀନ୍ଦ୍ର କୁମାର ପାତ୍ର

ମୁଁ ସୁନ୍ଦରୀଟେ ମଲି
ମୋ ପାଇଁ ବିପଦ
ମୁଁ ବାନ୍ଧିରି ଟେ ହେଲେ
ବି ମୋ ପାଇଁ ବିପଦ
ସୁନ୍ଦରୀ ହେଲେ ମିଲି
ଟୋକାଙ୍କ ଲୋଭିଲା ନଜରରେ
ବାତରାଙ୍କ କମେଟରେ
ଆଉ ସାଙ୍ଗ ମାନଙ୍କ ଇର୍ଷାରେ,
ଯଦି କେଉଁ ଅଫିସ କିମ୍ବା
ଘରୋଇ ସଂସ୍ଥାରେ
କାମ କଲି ମଲି ସହଯୋଗୀଙ୍କ
ଅନୁକମ୍ପାରେ
ପ୍ରେମ ନିବେଦନରେ ଆଉ ଆତିଥ୍ୟରେ
କିଏ ହାତ କାଟି ରକ୍ତରେ ଚିଠି ଦେବ
କିଏ ବିଷ ପିଇ ମରିବାର ଧମକ ଦେବ
ପୁଅଙ୍କ ଭିତରେ ପ୍ରତିଯୋଗିତା
ମୋତେ କିଏ
ବାଇକିରେ ବୁଲେଇ ନେବ ବୋଲି
ମୁଁ ଜେନ୍ସ ପିନ୍ଧିଲେ ହେବି
ହଟ ଆଉ ସେକ୍ସ
ଶାଢୀରେ କମର ବାଲି ଆଉ
ଚୁଡ଼ିଦାରରେ
ସୁନ୍ଦରୀ, ଅପସରୀ, ରୂପବତୀ,
ଆହୁରି ଅନେକ କିଛି
କବିଙ୍କ କଲମରେ ଆଉ ଭାବନାରେ
ଆଉ ଅସୁନ୍ଦରୀ ବା ବନ୍ଦିରୀ ହେଲେ
ମଲି ଟୋକାଙ୍କ ଘୃଣାରେ,
ସହଯୋଗୀଙ୍କ ଅସୋହଯୋଗରେ
ସାଙ୍ଗଙ୍କ ବେଖାତିରରେ ଆଉ
ସମସ୍ତରଟାହି ଟାପରାରେ
ହେ ଇଶ୍ୱର ମୋତେ ଝିଅ ନୁହେଁ କି
ସୁନ୍ଦରୀ ଅସୁନ୍ଦରୀ ବି ନୁହଁ ମୋତେ
ପୁଅଟି କର, ଧନୀ ଘର ଦେଖି
ମୋତେ ଜନ୍ମ ଦେଇ ଦିଅ...


ଗୁଲନଗର କେନ୍ଦ୍ରାପଡ଼ା
ମୋ:୯୯୩୭୮୭୮୯୧୬


## କେବେକେବେ

### ସୁବ୍ରତ କୁମାର ଜେନା



ହାରିବାର ଭୟରେ ମୁଁ
ଫେରିନଥିଲି ନୀଡ଼କୁ
ସମସ୍ତଙ୍କୁ ଦିନେ ଫେରିବାର ଅଛି
ଏ ନୀଡ଼ରୁ ସେ ନୀଡ଼କୁ
କିଏ ଆଗ କେତେବେଳେ କିଏ ପଛ
ଯଦି କିଏ ଆଗ ଫେରିଗଲା !
ତା ମାନେ ସେ କଣ
ଭୀରୁ, ପଳାତକ ?
କଦାପି ନୁହଁ
ତେଣିକି ଏ ଦୁନିଆଁ ତାକୁ
କଳଙ୍କର ଆଖ୍ୟା ଦେଉ ।

ଏବେ ଏବେ ତ ଅମାବାସ୍ୟା ସରିଛି
ଏଇ ଦେଖୁନ ଜହ୍ନ
ଆସୁଛି ଆଉ ଯାଉଛି
ଲୁଚି ଲୁଚି ଧୀରେ ଧୀରେ
ଦୂର ଆଢୁଆଳରେ
ତେବେ ତୁମେ କଣ ତାକୁ ନାଁ ଦେଇ
ପାରିବ ପଳାତକର !
କେବେ ନୁହଁ ସେ ତା ଜାଗାରେ ଠିକ
ଆଉ ଏ ଭାବନାକୁ କିଏ
ଅଟକାଇ ପାରିବ ?
ଏ ଭାବନା ଏ ତ ଲଗାମ
ବିହୀନ ଘୋଡାଟିଏ
ଯେତେ ବେଳେ ଇଚ୍ଛା
ସେ ଧସେଇ ପଶିବ
ଏଇ ମନର ରାଇଜରେ
ଏମିତିରେ ତୁମେ କେମିତି
ବାନ୍ଧିପାରିବ ତାକୁ ତା ପାଦରେ
ବେଡି ଦେଇ !

ଏତେ ଦିନ ପରେ ଆଜି ମନ
ଆକାଶରେ ବର୍ଷା
ଏ ବର୍ଷା ବି ସେମିତି ଆସିବ ଆସିବ
ହେଲେ ଆସେନି
ଆଉ ଅଚାନକ ଦିନେ ଏମିତି ଆସେ
ସମସ୍ତେ ଗୋଟାପଣେ ଓଦା ହୁଅନ୍ତି
କିଏ ଜାଣି ଜାଣି ଆଉ କିଏ
ଅଜାଣତରେ
ତଥାପି ସେ ଉନ୍ମାଦନ ଭରେ
ସଂଚରି ଯାଏ ଏ ହୃଦୟରୁ
ସେ ହୃଦୟ ଯାଏ
କେତେଯେ ସମୟ ମତୁଆଲା
ହୁଅନ୍ତି ତା ପାଇଁ
କେତେ ଭଅଁର ଉଡି ଆସନ୍ତି
ଫୁଲ ପାଖକୁ
ସେ ଅଜଣା ଅକର୍ଷଣରେ ପଡି
ଗୋଟେ ମିଠା ବଦନାମକୁ
ମୁଣ୍ଡାଇବାକୁ
କିଏ କିଏ ଆଖ୍ୟା ଦିଏ ପ୍ରବଂଚକ
କାହା ଭାଷାରେ ଲମ୍ପଟ ଆଉ
କିଏ କହେ ପ୍ରତାରକ
ଏମିତିରେ କିଏ କଣ
ଅଟକି ପାରିବ ସେ
ଇନ୍ଦ୍ରିୟ ମାନଙ୍କ ଲୁଚା ଛପା ଖେଳରୁ
ଆଉ ଗୋଟେ ମହାପୁରୁଷର
ବିଶେଷତ୍ୱ ନେଇ ।


ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦







ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୫୬



ଡ । ସିନ୍ଧୁ ସେନ୍

ଲକ୍ଷ୍ୟ କଲି ବିଭୀଷଣ ତାଙ୍କ ବସିବା ସ୍ଥାନରୁ ଉଠି ଛିଡ଼ା ହୋଇପଡ଼ିଲେ । ହାତଯୋଡ଼ି କହିଲେ, ଭାଇ ଏମିତି ଅନ୍ୟାୟ କର୍ମକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ । ଭଉଣୀ ସୂର୍ପଣଖାଙ୍କ ପ୍ରତି ମୋ ମନରେ ମଧ୍ୟ ସମବେଦନା ରହିଛି । କିନ୍ତୁ ସେନାପତିଙ୍କ ପ୍ରସ୍ତାବକୁ ମୁଁ ସମର୍ଥନ କରିପାରୁନି । ଚୋରି, ଅପହରଣ ଏସବୁ ରାକ୍ଷସ ପ୍ରବୃତ୍ତି । ତେବେ ଏମିତି ନୀଚକର୍ମ କରିବା ଆପଣଙ୍କ ଭଳି ବୀର, ପରାକ୍ରମୀ ରାଜାଙ୍କ ନିକଟରେ ଶୋଭାପାଏନା । ତାଛଡ଼ା ପର ସ୍ତ୍ରୀ ଅପହରଣ ଏକ ଜଘନ୍ୟ ଅପରାଧ, ମହାପାପ । ରାମଙ୍କୁ ଆପଣ ଜଣେ ସାଧାରଣ ମଣିଷ ବୋଲି ଭାବନ୍ତୁ ନାହିଁ ମହାରାଜ । ଆପଣ ତାଙ୍କ ବିଷୟରେ କିଛି ବି ଜାଣି ନାହାନ୍ତି । ସମଗ୍ର ଆର୍ଯ୍ୟାବର୍ତ୍ତରେ ରାମଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ବୋଲି କହନ୍ତି । ଆଉ ସେମିତି କିଛି ଅବତାରୀ ପୁରୁଷ ନ ହୋଇଥିଲେ ଲୋକଙ୍କ ମୁଖରେ ଏମିତି କଥା କାହିଁକି ଶୁଣାଯାଇଥାନ୍ତା । ଖାଲି ତ ଶୁଣାଯାଏନି । ବରଂ ସେସବୁର ପ୍ରମାଣ ମଧ୍ୟ ମିଳିସାରିଛି । ଭାଇ, ଆପଣ ତ ନିଜେ ଜାଣିଛନ୍ତି ଶିବଧନୁ ଭାଂଗିବା ଆଉ ମହାବୀର ପରଶୁରାମଙ୍କର କଳାକୁ ଅପହରଣ କରିବା ଏ ସବୁର ବଳିଷ୍ଠ ପ୍ରମାଣ ନୁହେଁ କି ? ତାଛଡ଼ା ଆପଣ ତ ନିଜେ ଦେଖିଲେ ମୁନି, ଋଷିମାନଙ୍କ ଯଜ୍ଞସ୍ଥଳରେ ନିଜେ ହାତରେ ବାଣ ଧରି ସେମାନଙ୍କୁ କେମିତି ସୁରକ୍ଷା ଦେଲେ, ତାଙ୍କରି ପାଇଁ ତ ଆମ ରାକ୍ଷସକୁଳ ଧ୍ୱଂସପ୍ରାୟ । ଆଉ ଦେବୀ ସୀତା ତ, ସ୍ୱୟଂ ଅବତାରୀ । ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ । ଏସବୁ ଜାଣି ମଧ୍ୟ ଏ ଅପହରଣ ଚିନ୍ତା ମନକୁ ଆଣୁଛନ୍ତି କେମିତି ? ସୀତା ଅପହରଣ ପରେ ଆମ ଲଙ୍କା ରାଜ୍ୟର ଅବସ୍ଥା ଯାହା ହେବ, ତାକୁ ସମ୍ଭାଳି ପାରିବେ ତ ? ପ୍ରଭୁ ଶ୍ରୀରାମ ଯେଉଁ ଦଣ୍ଡ ଦେବେ, ସେଥିରେ କେବଳ ଆପଣ ଏକା ନୁହଁନ୍ତି, ସମଗ୍ର ରାକ୍ଷସ ସମାଜ ନଷ୍ଟ ହୋଇଯିବ । ବିଭୀଷଣଙ୍କ ଅନୁନୟ ଭରା ବାକ୍ୟ ସେଦିନ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲେ ମଧ୍ୟ ମୁଁ ପାପାଚାରୀ ସେସବୁ ବୁଝିବା ଅବସ୍ଥାରେ ନଥିଲି। ବିଭୀଷଣ ମୋର ସାନଭାଇ । ମୋର ବିପରୀତ ପ୍ରବୃତ୍ତି ନେଇ ସେ ବଢ଼ିଛି । ବ୍ରହ୍ମଦେବଙ୍କ ଠାରୁ ସେ ଧର୍ମଜ୍ଞ ହେବାର ଆଶୀର୍ବାଦ ମଧ୍ୟ ପାଇଥିଲା। ସାନଭାଇ ଭାବେ ମୋତେ ସଦୁପଦେଶ ଦେଇ ମୋ ମନକୁ ପରିବର୍ତ୍ତନ କରିବାକୁ ଅନେକ ଚେଷ୍ଟା କରିଥିଲା । ମୋରି ମଂଗଳ ପାଇଁ ମୋତେ ଅବାଟରୁ ବାଟକୁ ଆଣିବା ପାଇଁ ଅନେକ ଯତ୍ନବାନ୍ ଥିଲା । ସେ ତାର କର୍ତ୍ତବ୍ୟ ଓ ନିଷ୍ଠାକୁ ବେଶ୍ ଦୃଢ଼ତାର ସହ ପାଳନ କରୁଥିଲା । ମୁଁ କିନ୍ତୁ କ'ଣ କରିଥିଲି । ମୋ ଜିଦ୍‌ଖୋର ମନୋବୃତ୍ତିକୁ ତା ଉପରେ ଜବରଦସ୍ତ ଲଦି ଦେବାକୁ ଚେଷ୍ଟା କରିଥିଲି । ତା ସମସ୍ତ ଉପଦେଶକୁ ଉପହାସରେ ଉଡ଼ାଇ ଦେଇଥିଲି । ଖାଲି କ'ଣ ସେତିକି, ବିଭୀଷଣ ପରି ଧର୍ମଜ୍ଞ ଭାଇଙ୍କୁ ମଧ୍ୟ ଦିନେ ଦେଶଦ୍ରୋହୀର ଆଖ୍ୟା ଦେଇ ଲଙ୍କାରୁ ବାହାର ମଧ୍ୟ କରି ଦେଇଥିଲି । ଏବେ ମୁଁ ବୁଝିପାରୁଛି, ସେଦିନ ଯାହା ସବୁ କରିଥିଲି, ଠିକ୍ କରି ନଥିଲି। ମାତ୍ର ବିଭୀଷଣ କେମିତି ଜାଣିବ ମୋ ଭିତରେ ସଦ୍‌ଭାବନା, ସଦ୍‌ପ୍ରବୃତ୍ତି ପଥର ଭଳି କେତେ କଠିନ ହୋଇ ରହିଥିଲା । ସେଦିନ ମୋ ହୃଦୟ ମଧ୍ୟରୁ ସେସବୁ ବାହାର କରିଦେବା ଆଦୌ ସମ୍ଭବ ନଥିଲା । ବିଭୀଷଣ ଆଉ ସେନାପତିଙ୍କ ମଧ୍ୟରେ ହେଉଥିବା ଯୁକ୍ତିତର୍କକୁ ମୁଁ ନିରବରେ ଶୁଣୁଥିଲି । ବିଭୀଷଣ କହୁଥିଲେ, ସୂର୍ପଣଖାର କାନ୍, ନାକ ଲକ୍ଷ୍ମଣ ଛେଦନ କଲେ । କିନ୍ତୁ କାହିଁକି କଲେ ? ଆମ ଭଉଣୀ ତ ନିର୍ଦ୍ଦୋଷ ନଥିଲା । ଜଣେ ନାରୀ ହିସାବରେ ପରପୁରୁଷ ପ୍ରତି ଆକୃଷ୍ଟ ହେବା, ତାଙ୍କୁ ବିବାହ କରିବାକୁ ଚାହିଁବା, କ'ଣ ଅନ୍ୟାୟ ନଥିଲା ? ଆଉ ଯଦି ପୁରୁଷ ଜଣକ ନିଜ ଆତ୍ମରକ୍ଷା ପାଇଁ ସେମିତି କିଚି ପଦକ୍ଷେପ ନେଇଥାନ୍ତି ତେବେ ତାଙ୍କର ଭୁଲ୍ ରହିଲା କେଉଁଠି ? ହୋଇପାରେ ନାରୀକୁ ସୁରକ୍ଷା ଦେବା ପୁରୁଷର କର୍ତ୍ତବ୍ୟ, ଧର୍ମ । ମାତ୍ର ପୁରୁଷଟିଏ ଯଦି ବିପଦରେ ପଡ଼େ, ତାକୁ ରକ୍ଷା କରିବ କିଏ ? ନାରୀ କୋମଳାଙ୍ଗୀ, ଶକ୍ତିହୀନ । ତା ସତ୍ତ୍ୱେ ନିଜର କାମନା, ବାସନାର ଚରିତାର୍ଥ ପାଇଁ ସେ ଯଦି କିଛି ଅପକର୍ମ କରେ, ତେବେ ତାକୁ କ'ଣ ଦୋଷୀ ସାବ୍ୟସ୍ତ କରାଯିବନି । ଭାଗ୍ୟ ଭଲ, ଲକ୍ଷ୍ମଣ ସୂର୍ପଣକାକୁ ନାରୀ ବୋଲି ଅନୁକମ୍ପା ଦେଖାଇ ହତ୍ୟା ନକରି କେବଳ ବିକଳାଙ୍ଗ କରି ଛାଡ଼ି ଦେଇଛନ୍ତି । ଅଥଚ ନିଜ ଭଉଣୀ ବୋଲି ଆପଣ ଜଣେ ରାଜା ହୋଇ ତା ପ୍ରତି ତ କିଛି ଦଣ୍ଡବିଧାନ କରିନାହାନ୍ତି ପରନ୍ତୁ ଅନ୍ୟାୟ ଭାବରେ ବେନିଭାଇଙ୍କୁ ଦଣ୍ଡଦେବା ପାଇଁ ଯୋଜନା କରୁଛନ୍ତି । ଅନ୍ୟାୟର ମଧ୍ୟ ଗୋଟେ ସୀମା ଅଛି । ଜଣେ ରାଜା ହୋଇ ମଧ୍ୟ ସେ ସୀମାକୁ ଉଲ୍ଲଙ୍ଘନ କରି ଚାଲିଛନ୍ତି । ଆଗକୁ ଆହୁରି ଅପକର୍ମ କରିବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହା ଆଦୌ ଶୁଭଲକ୍ଷଣ ନୁହେଁ । ନିଜ ପ୍ରତି ଅତିରିକ୍ତ ଆସକ୍ତି ହିଁ ଆପଣଙ୍କୁ ଅସତ୍‌କର୍ମ, ଅସତ୍‌ଚିନ୍ତା, ଅସତ୍ କାମନାକୁ ପ୍ରୋତ୍ସାହିତ କରୁଛି । ଆଉଥରେ ଭଲଭାବେ ଭାବି ଦେଖନ୍ତୁ, ଯାହା କରିବାକୁ ଯାଉଛନ୍ତି ତାହା କେତେଦୂର ଠିକ୍ । ନିଷ୍ପତ୍ତି ନେବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ କାହାରି ଉପରେ ନୁହେଁ, ବରଂ ନିଜସ୍ୱ ବୁଦ୍ଧି, ବିବେକ, ଜ୍ଞାନକୁ ତର୍ଜମା କରି ସିଦ୍ଧାନ୍ତ ନିଅନ୍ତୁ । ନେହଲେ ପରବର୍ତ୍ତୀସ ସମୟରେ ଆପଣଙ୍କୁ ଅନେକ କିଛି ହରାଇବାକୁ ପଡ଼ିବ ।

ଲକ୍ଷ୍ୟକଲି ବିଭୀଷଣର ବାକ୍ୟବାଣ ଗୁଡ଼ିକ ସେନାପତିଙ୍କୁ ଦଂଶନ କରୁଥିଲା । ପୁତ୍ର ଇନ୍ଦ୍ରଜିତ ମଧ୍ୟ ସେନାପତିଙ୍କ ସପକ୍ଷରେ ଥିଲେ । ତେଣୁ ପରିସ୍ଥିତି ଧୀରେଧୀରେ ଗୁରୁତର ଆଡ଼କୁ ଗତି କରୁଥିଲା । ଏସବୁ ସ୍ଥିତିରେ ମୋର ଆଉ ଅଧିକ କିଛି କଥା ନବଢ଼ାଇ ଆଜିର ସଭାକୁ ସ୍ଥଗିତ ରଖିଲି। ସଭା ଭଂଗ ହେବାପରେ ସମସ୍ତେ ନିଜନିଜ ଆସନ ଛାଡ଼ି ଉଠଗଲେ । ମୁଁ ମଧ୍ୟ ସେଦିନ ଭାରାକ୍ରାନ୍ତ ମନ ନେଇ ରାଜପ୍ରାସାଦକୁ ଫେରିଲି। କ୍ଲାନ୍ତ ମନ, କ୍ଲାନ୍ତ ଶରୀରକୁ ମୋ ଶୟନ କକ୍ଷର ତୂଳୀତଳ୍ପ ଶଯ୍ୟାରେ ଲୋଟାଇ ଦେଲି । ଆଖିରୁ କିନ୍ତୁ ନିଦ ଆସୁନଥିଲା । ଏମିତି ମାନସିକ ସନ୍ତୁଳନ ମଧ୍ୟରେ କିଏ କ'ଣ ଶୋଇପାରେ ସହଜେ ତ ଉଦ୍‌ଭ୍ରାନ୍ତ, ଅବିଚଳିତ । ତେଣୁ ଶାନ୍ତିରେ ଶୋଇପାରିବି କେଉଁଠି ? ବରଂ ତମାମ ରାତି ମୋତେ ନିଦ୍ରାହୀନ ଅବସ୍ଥାରେ କଟାଇବାକୁ ପଡ଼ିଲା । ମୋ କାନରେ ତ କେବଳ ବିଭୀଷଣ ଆଉ ସେନାପତିଙ୍କର ବାକ୍‌ଯୁଦ୍ଧ ପ୍ରତିଧ୍ୱନିତ ହେଉଥିଲା । ସାରା ଦିନର ସେଇ ଦୁର୍ବଳ ଚିନ୍ତା ମୋ ମନକୁ ଛୁଇଁ ଯାଉଥିଲା । ସୀତା ଅପହରଣର ଅର୍ଥ ରାମଙ୍କ ସହ ଶତ୍ରୁତା । ଆଉ ରାମଙ୍କ ସହ ଶତ୍ରୁତାର ପରିଣାମ ଅତି ସାଂଘାତିକ । ମୋ ମନ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଜାଗୁଥିଲା । କେହି ଯେମିତି କହୁଥିଲା ଭୁଲ୍‌ରେ ବି ରାମଙ୍କ ବିରୁଦ୍ଧାଚରଣ କରନି । କିନ୍ତୁ ଭୁଲ୍ କରିବା ଯେ, ମୋର ସ୍ୱାଭାବିକ ପ୍ରବୃତ୍ତି, ତେଣୁ ଏଭଳି ଭାବନା, ମୋତେ ଭୁଲ୍ କରିବା ପାଇଁ ପ୍ରୋତ୍ସାହିତ କରୁଛି। ମୁଁ ଚେଷ୍ଟାକଲେ ବି ସେଥିରୁ ଓହରି ଆସିବି କେମିତି ? ରାମ ନିଶ୍ଚିତ ଭାବେ, ମୋ ଠାରୁ ଅଧିକ ବଳବାନ୍ । ନହେଲେ ଖର, ଦୂଷଣ ଭଳି ବୀରଙ୍କୁ ସେ ଏକା ମାରିପାରିଥାନ୍ତେ କେମିତି ? ପୁଣି ହଜାର ହଜାର ରାକ୍ଷସ ସୈନ୍ୟକୁ ନିପାତ କରି ରାକ୍ଷସ ଶୂନ୍ୟ କରିଦେଲେ କେମିତି ? ନିଶ୍ଚୟ ଦୈବୀ ବଳରେ ବଳୀୟାନ୍ । ପୁଣି ଦିବ୍ୟାସ୍ତ୍ରର ଅଧିକାରୀ ହୋଇଥିବେ ନିଶ୍ଚୟ । ନ ହେଲେ ଏମିତି ସବୁ ଅସମ୍ଭବ କାମକୁ ସମ୍ଭବ କରିପାରିଥାନ୍ତେ କେମିତି ? ତାଙ୍କୁ ମାରିବା ଏତେ ସହଜ ନୁହେଁ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୮୨ ॥

ପିତା ଓ ମାତା ସେମାନଙ୍କୁ ବେଦ ଅଧ୍ୟୟନ , ଯୋଗ ଓ ଯୁଦ୍ଧ ଶିକ୍ଷା ନିମିତ୍ତ ଗୁରୁଙ୍କ ଆଶ୍ରମକୁ ପଠାଇଦେଲେ । ସେମାନଙ୍କୁ ଗୁରୁ ଗୃହକୁ ପଠାଇବା ସମୟରେ ଅଦିତି ସେମାନଙ୍କୁ କହି ଥିଲେ,'ପୁତ୍ର, ଆଜି ତୁମେମାନେ ମାତା, ପିତାଙ୍କ କୋଳ ଛାଡି ଗୁରୁଙ୍କ ନିକଟକୁ ଯାଉଛ । ଗୁରୁ ହେଉଛନ୍ତି ବ୍ରହ୍ମା,ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ସମାନ । ସେ ସ୍ୱୟଂ ପରଂବ୍ରହ୍ମ ଅଟନ୍ତି । ଗୁରୁ ଗୃହରେ ଗୁରୁଙ୍କ ପତ୍ନୀ ମାତା ପରି ତୁମର ସମସ୍ତ ଦାଇତ୍ୱ ବହନ କରିବେ । ସେମାନଙ୍କ ଆଦେଶ କେବେ ଅମାନ୍ୟ କରିବ ନାହିଁ। ସେ ଯାହା ଆଦେଶ ଦେବେ ତାହା ନିଶ୍ଚୟ ପାଳନ କରିବ । ସେବାକରି ତାଙ୍କୁ ସନ୍ତୋଷ କଲେ, ଜୀବନର ମଙ୍ଗଳ ହୋଇଥାଏ । 'କିନ୍ତୁ ଦିତିଙ୍କର ପୁତ୍ରମାନେ ଠିକ ଏହାର ବିପରୀତ ଥିଲେ । ସେମାନେ ଅତ୍ୟନ୍ତ ଦୁଷ୍ଟ ଏବଂ ଦୁର୍ଦ୍ଦଣ୍ଡ ଥିଲେ । ତାହା ସହ ଦିତି ସେମାନଙ୍କୁ ଶୈଶବରୁ ଅଦିତି ତଥା ବୈମାତୃକ ଭାଇ ମାନଙ୍କ ବିପକ୍ଷରେ ଶିକ୍ଷା ଦେଉଥଲେ ।

'ମନେରଖ ମୋର ପୁତ୍ର ମାନେ ! ତୁମେ ମାନେ ସେହିଜ୍ୟୋଷ୍ଠ ମାତା ଅଦିତି ଏବଂ ତାର ପୁତ୍ର ମାନଙ୍କୁ କଦାପି ବିଶ୍ୱାସ କରିବ ନାହିଁ । ତୁମେମାନେ ଅବୋଧ ଶିଶୁଥିବାରୁ ସେ ତାର ମଧୁର କଥା ଓ କପଟ ସ୍ନେହରେ ତୁମକୁ ବଶୀଭୂତ କରି ରଖିବାକୁ ଚାହେଁ । ଉପରକୁ ଅମୃତ ପରି ଜଣା ଗଲେବି ତା ଭିତରେ ହଳାହଳ ବିଷ ପୂର୍ଣ୍ଣ ହୋଇ ରହିଅଛି । ମୁଁ ପ୍ରଜାପତିଙ୍କୁ ବିବାହ କରିବା ଦିନଠାରୁ ହିଁ ତାକୁ ଜାଣେ । ଏହିପରି କପଟ ଅନୁରାଗ ଦେଖାଇ ତୁମର ପିତାଙ୍କୁ ମଧ୍ୟ ସେ ବଶୀଭୂତ କରି ରଖିଥିଲା ।" କାହିଁକି ମା ? 'ମୋର ପିତା ଦକ୍ଷ ପ୍ରଜାପତି ଭବିଷ୍ୟତ ଦ୍ରଷ୍ଟା ଥିଲେ । ସେ କହିଥିଲେକି, ଦିତି କିମ୍ବା ଅଦିତିଙ୍କର ସନ୍ତାନ ମାନେ ହିଁ କେବଳ ଭବିଷ୍ୟତ ପୃଥିବୀର ସମ୍ରାଟ ହୋଇ ପାରିବେ । ତେଣୁ ଜ୍ୟୋଷ୍ଠ ସନ୍ତାନକୁ ପ୍ରଥମେ ଜନ୍ମ ଦେବାପାଇଁ ସେ ସମ୍ମୋହନ କରିଏହି କୌଶଳ କରିଥିଲା । କିନ୍ତୁ ମୁଁ ମଧ୍ୟ ଅତୀବ ବୁଦ୍ଧିମତୀ ଥିଲି । ମୋର ବୁଦ୍ଧି ବଳରେ ତୁମେ ମାନେହିଁ ପ୍ରଜାପତିଙ୍କର ଜ୍ୟୋଷ୍ଠ ସନ୍ତାନ ହୋଇ ଜନ୍ମ ହେଲ । ଏବେ ମଧ୍ୟ ସେ ତୁମ ମାନଙ୍କୁ ଛଳ ସ୍ନେହରେ ବଶୀଭୂତ କରି ମୋ ଠାରୁ ତୁମକୁ ଦୂରେଇନେଇ ନିଜର କରିବାକୁ ଚାହେଁ । ତୁମେ ସେହି ଅଦିତିର ପୁତ୍ର ମାନଙ୍କ ସହ କ୍ରୀଡା କରିବ ନାହିଁ । ସେମାନଙ୍କ ନିକଟରେ ରହିବନାହିଁ। ଅଦିତି ତୁମମାନଙ୍କୁ କୌଣସି ଖାଦ୍ୟ ପଦାର୍ଥ ଦେଲେ ତାହା ଗ୍ରହଣ କରିବ ନାହିଁ।'

'କାହିଁକି ମା ?'

ସେହି ଖାଦ୍ୟରେ ସେ ତୁମମାନଙ୍କୁ ବିଷ ବି ଦେଇ ଦେ ପାରେ ! ! ତାର ପୁତ୍ରମାନେ ନିକାଞ୍ଚନ ବନରେ ତୁମକୁ ହତ୍ୟା କରି ଦେଇ ପାରନ୍ତି ! ! ସେମାନେ ତୁମର ଅଜାତଶତ୍ରୁ, ଅଜାତ ଶତ୍ରୁ ! !'

'ଆମେ ତାକୁ କିପରି ମନା କରିବୁ ? ''ତୁମେମାନେ କହିବ ଯେ, ଆମେମାନେ ରାକ୍ଷସ । ଆମେମାନେ ମାଂସାଶୀ । ମାନବ ଏବଂ ପ୍ରାଣୀ ମାନଙ୍କର ମାଂସ ହିଁ ଆମର ପ୍ରିୟଖାଦ୍ୟ । ମାଂସ ହିଁ ମାଂସ ଏବଂ ଅସ୍ତିରୁ ହିଁ ଅସ୍ତି ଗଠନ ହୁଏ । ଆମେମାନେ ଦୁଗ୍ଧ, ଦହି, ଘୃତ, ମଧୁ, ଇକ୍ଷୁ, ତଣ୍ଡୁଳଓ ଫଳମୂଳ ଭୋଜନ କଲେ ଅସୁସ୍ଥ ହୋଇଯିବୁ । ପୂର୍ବରୁ ବେଦ, ବିବୁଧ, ବ୍ରାହ୍ମଣ, ଆଦି ଆମର ବୈରୀ ଅଟନ୍ତି । ଏହା ବ୍ୟତୀତ ତୁମର ପିତା କଶ୍ୟପ ମଧ୍ୟ ଅତ୍ୟନ୍ତ ପକ୍ଷପାତୀ । ତେଣୁ ତାଙ୍କର ଉପଦେଶ ଗ୍ରହଣ ନକରିବା ହିଁ ତୁମ ପକ୍ଷରେ ମଙ୍ଗଳ ହେବ ।'

'ଆଜ୍ଞା ମାତା ।' ସେହି ଶୈଶବରୁ ହିରଣାକ୍ଷ (ହିରଣ୍ୟ ଯୁକ୍ତ ୟକ୍ଷ ବା ଦକ୍ଷ ବା ଯକ୍ଷ) ଓ ହିରଣ୍ୟ କଶ୍ୟପ ଅଦିତି ଏବଂ ତାଙ୍କର ପୁତ୍ର ମାନଙ୍କୁ ନିଜର ପରମ ଶତ୍ରୁ ବୋଲି ମନେକଲେ । ସେମାନଙ୍କ ସହ କଳହ ଏବଂ ଯୁଦ୍ଧ କରିବାକୁ ଆହ୍ୱାନ ଦେଲେ । ବିନା କାରଣରେ ସେମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଥିଲେ । ଅଦିତିଙ୍କର ସନ୍ତାନ ମାନେ ମଧ୍ୟ ନିଜ ମାତାଙ୍କ ନିକଟରେ ଅଭିଯୋଗ କରୁଥଲେ ।

'ମାତା, ଦାନବ ଭାଇମାନେ ସର୍ବଦା ଅରଣ୍ୟର ଜୀବଜନ୍ତୁ ମାନଙ୍କ ପ୍ରତି ହିଂସ୍ର ଆଚରଣ କରୁଛନ୍ତି । ପଥଚାରୀ ମାନବ ମା ନଙ୍କୁ ହତ୍ୟାକରି ସେମାନଙ୍କ ମାଂସ ଭୋଜନ କରୁଛନ୍ତି । ବିନା କାରଣରେ ଆମ ସହ କଳହ କରି ଆମକୁ ରକ୍ତାକ୍ତ କରୁଛନ୍ତି । 'ଅଦିତି ନିଜ ପୁତ୍ର ମାନଙ୍କୁ ଶାନ୍ତ ଭାବରେ ବୁଝାଇ ଦେଇ ଥିଲେ ।

'ପୁତ୍ର, ସେମାନେ ତୁମ ସହିତ ଶତ୍ରୁତା କଲେ ମଧ, ସେମାନେ ତୁମର ବଡ଼ଭାଇ । ତେଣୁ ତୁମେ ତାଙ୍କୁ କ୍ଷମା ଦେଇ ମିତ୍ର ସମାନ ବ୍ୟବହାର କରିବା ଉଚିତ । ଖାଦ୍ୟ କେବଳ ନିଜ ନିଜ ରୁଚିରେ ଗ୍ରହଣ କରାଯାଏ । ତେଣୁ ମାଂସ, ମତ୍ସ୍ୟ, ଅଣ୍ଡା ଆଦି ଭୋଜନ କରିବାର ଅଧୀକାର ସେମାନଙ୍କର ଅଛି । ତାହା ତୁମ ମାନଙ୍କ ପାଇଁ ମଙ୍ଗଳ ହେବ । କାରଣ, ବାରମ୍ବାର ପ୍ରଳୟ ଘଟି ବନ ଭୂମି ନଷ୍ଟ ହୋଇ ଯାଇଛି । ତୁମେମାନେ ତ ଶାକାହାରୀ । ସେମାନେ ଯଦି ପ୍ରଚୁର ଫଳ, ମୂଳ ଭୋଜନ କରିବେ ତୁମକୁ ଖାଦ୍ୟ ମିଳିବ କିପରି ? ମାଛ , ମାଂସ, ଅଣ୍ଡାରେ ଖାଦ୍ୟ ସାର ଦେହକୁ ରକ୍ତ ଦିଏ ଓ ବଳିଷ୍ଠ କରେ । ପୁତ୍ର, ଆକାଶରେ ତାରାମାନେ ମଧ୍ୟ ଅନ୍ୟ ତାରାଙ୍କୁ ଗିଳି ବା ଚାଟି ଦିଅନ୍ତି । ସେମାନେ ଲୋହିତ ଓ ପୀତ ଅସୁର । ଆମର ମାନବ ଜାତୀୟ କ୍ଷତ୍ରିୟ ବୀର ମାନେ ମଧ୍ୟ ଶିକାର କରି ମାଂସ ଭୋଜନ କରନ୍ତି । କିନ୍ତୁ ଆବଶ୍ୟକତାଠାରୁ ଅଧିକ, ନିରୀହ ଜୀବଜନ୍ତୁଙ୍କୁ ହତ୍ୟା କଲେ, ଉପକାରୀ ପ୍ରାଣୀ ମାନଙ୍କ ବଂଶ ଲୋପ ହୁଏ, ପ୍ରକୃତିର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୂର୍ବ ପ୍ରଳୟ ଓ ଦୁର୍ଭିକ୍ଷ ବେଳେ କେତେକ ଖାଦ୍ୟ ଅଭାବରୁ ନର ମାଂସ ଖାଇବା ଅଭ୍ୟାସ କଲେ । ନିର୍ଦ୍ଦୋଷ ମାନବ ଓ ପ୍ରାଣୀ ମାନଙ୍କ ପ୍ରତି ହିଂସ୍ର ଆଚରଣ କଲେ ଈଶ୍ୱର ସେମାନଙ୍କୁ ରକ୍ଷା କରିବେ । ତୁମେ କନିଷ୍ଠ ଭାଇ, ଜ୍ୟୋଷ୍ଠ ଭ୍ରାତା ଦୁହିଁଙ୍କୁ ସମାଲୋଚନା ଅବା ଅବମାନନା କରନାହିଁ । ହଁ,ସେମାନଙ୍କୁ ଦଣ୍ଡ ଦେବାର ଅଧୀକାର କେବଳ ତୁମ ପିତାଙ୍କର ଅଛି । କିନ୍ତୁ ମୋର ଉପଦେଶ, ତୁମେ ଅଧୀକ ସହିଷ୍ଣୁ ହୁଅ, ବିଶେଷତଃ ସାମାନ୍ୟ ସାମାନ୍ୟ ଅଭିଯୋଗ ନେଇ ସେମାନଙ୍କ ବିରୁଦ୍ଧରେ ପିତାଙ୍କୁ ବ୍ୟସ୍ତ କରନାହିଁ । ଧୈର୍ଯ୍ୟ, କ୍ଷମା, ଦୟା, ସତ୍ୟ, ଶାନ୍ତି ଅହିଂସା ହେଉଛି ମାନବର ପରମ ଧର୍ମ ।' ( ଶ୍ରୀମଦ୍ ଭାଗବତରେ ଏହିପରି ଜଣେ ରାଜା ଜୀବ ବଧ କରି ନିଜେ ଅନୁତାପ କରିଥିଲେ ।)

କଶ୍ୟପ ପଞ୍ଚମ ବର୍ଷରେ ନିଜର ଦାନବ, ଦେବ (କେବଳ ଶକ୍ର, ଭଗ ଆଦି) ଓ ମାନବ ପୁତ୍ର ମାନଙ୍କୁ ଗୁରୁଙ୍କ ଆଶ୍ରମକୁ ପଠାଇବାକୁ ଇଚ୍ଛା କଲେ । ମାତ୍ର ଦିତି ଏହାର ପ୍ରତିବାଦ କରି କହିଲେ,'ନାଁ, ମୋହର ପୁତ୍ର ମାନେ ସେହି ଜଟା, କୁଟ, ଶ୍ମଶ୍ରୁଳ ଯୋଗୀ, ଋଷି ମାନଙ୍କ ଆଶ୍ରମକୁ ଯାଇ ସେମାନଙ୍କର ସେବା କରି ପାରିବେନାହିଁ । ସେମାନେ ରାଜ ପ୍ରାସାଦ ରେ ବଢି ଅଛନ୍ତି । ଅରଣ୍ୟ ମଧ୍ୟରେ କିପରି ଚଳି ପାରିବେ ? ମୋର ପୁତ୍ର ମାନେ ସେହି ସଂସ୍କୃତ ବ୍ୟାକରଣ ଗୁଡ଼ିକ ଦିନରାତି ଘୋଷାଘୋଷି କରି ମୁଖସ୍ଥ କରି ପାରିବେ ନାହିଁ । ବେଦପାଠ କରିବା ଏବଂ ଯଜ୍ଞ କରିବାଭଳି ପୌରୁଷହୀନ କାର୍ଯ୍ୟ ସେମାନେ କରି ପାରିବେ ନାହିଁ । ମୁଁ ଉଚ୍ଚ ବେତନ ଦେଇ ମୋର ନିଜ ଗୃହକୁ ଗୁରୁଙ୍କୁ ଡକାଇ ଆଣିବିଏବଂ ସେମାନେ ଉଚ୍ଚ ବେତନ ଭୋଗୀ ସେବକ ସଦୃଶ ସେମାନଙ୍କୁ ଶିକ୍ଷା ଦେବେ । ଗୁରୁ ମୋ ପୁତ୍ରମାନଙ୍କୁ ଗଦାଯୁଦ୍ଧ, ବିଜ୍ଞାନ, ତନ୍ତ୍ର ଏବଂ କୁହୁକ ବିଦ୍ୟା ଶିକ୍ଷା ଦେବେ । ଅଦିତିର ପୁତ୍ର ଆର୍ଯ୍ୟ ମାନେ ସ୍ୱଦା ଆମକୁ ଆର୍ଯ୍ୟ ଭୂମିରୁ ବିତାଡିତ କରି ପାତାଳକୁ ନେଇଯିବାକୁ ଚାହିଁବେ । ତେଣୁ ମୋ ସନ୍ତାନ ମାନେ ବ୍ରହ୍ମାଙ୍କ ତପସ୍ୟା କରି ବଳବାନ ଏବଂ ଦକ୍ଷ ହୁଅନ୍ତୁ । 'କଶ୍ୟପ ଅଧିକ କିଛି ବୁଝାଇବା ପାଇଁ ଚେଷ୍ଟା କରିବାରୁ ଦିତି କହିଲେ,' ଆପଣ ଦୟାକରି ଟିକିଏ ନୀରବ ରହିବେ କି ? ମୋ ସନ୍ତାନ ମାନଙ୍କ ଭବିଷ୍ୟତ କଥା ମୁଁ ଚିନ୍ତା କରିବି । ଆପଣ ସେମାନଙ୍କ ବିଷୟରେ ମସ୍ତିଷ୍କ ଖେଳାଇବା ଏବଂ ମୁଖ ଖୋଲିବା କିଛି ଦରକାର ନାହିଁ ।'

କଶ୍ୟପ ବାଧହୋଇ ନୀରବ ରହିଲେ । ଅଦିତିଙ୍କ ପୁତ୍ରମାନେ ବିଦ୍ୟା ଅଧ୍ୟୟନ ଶେଷକରି କର୍ମକ୍ଷେତ୍ରରେ ପ୍ରବେଶ କଲେ ଏବଂ ସ୍ୱର୍ଗପୁର ପ୍ରତିଷ୍ଠା କଲେ । ପିତାମହ ବ୍ରହ୍ମା ସେମାନଙ୍କୁ ଉତ୍ତର ପ୍ରଦେଶ, ଉତ୍ତରା ଖଣ୍ଡ, ପଞ୍ଜାବ ଆଦି ସପ୍ତ ସିନ୍ଧୁ ଅଞ୍ଚଳ ପ୍ରଦାନ କରି କହିଥିଲେ କି 'ଏହି ଦେବଭୂମି ଏବଂ ଆର୍ଯ୍ୟ ଭୂମି ମୁଁ ତୁମ ମାନଙ୍କୁ ଦତ୍ତ କଲି ।


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


# ନାରୀ ଜୀବନ : ଏକ ଅବଲୋକନ



ପୂଜା ସା

ମହାନ ସଂସ୍କୃତି, ଐତିହ୍ୟ ଓ ପାରମ୍ପାରିକ ମୂଲ୍ୟବୋଧରେ ପରିପୂର୍ଣ୍ଣ ଏହି ସଂସାରରେ ନାରୀ ଜୀବନଟି ଏକ ଅଦ୍ଭୁତ ଗାଥା । ନାରୀ ଏହି ଜଗତର ଅବିଭାଜ୍ୟ ଅଂଶ ଏବଂ ସମାଜର ଆଧାର । ନାରୀ ଅନ୍ତର୍ଧାରଣାର ମୂର୍ତ୍ତି, ସେ ମମତାର ପ୍ରତିମୂର୍ତ୍ତି, ସେ ଉଦାରତାର ଦୂତୀ । ନାରୀ ହେଉଛି ଜଗତର ଅଖଣ୍ଡ ଶକ୍ତି, ସେ ସର୍ବସଂହା । ସମାଜର ଅଖଣ୍ଡ ଉନ୍ନତିର ଅଖଣ୍ଡ ପ୍ରେରଣା ଏବଂ ସଂସାରର ମୂଳ ଆଧାର ହେଉଛି ନାରୀ । ନାରୀ ହେଉଛି ଜୀବନ ଦାୟିନୀ, ପ୍ରେମ ଓ ସମର୍ପଣର ଜୀବନ୍ତ ମୂର୍ତ୍ତି । ନାରୀ ବିନା ଏ ପୃଥିବୀ ଅନ୍ଧକାରମୟ ଏଂ ନିର୍ଜୀବ ସଦୃଶ ।ନାରୀ ଜୀବନ ହେଉଛି ସଂଘର୍ଷ, ଆଶା, ଏବଂ ସାଧନାର ଏକ ରୂପ । ସେ ଜନ୍ମରୁ ଆରମ୍ଭ କରି ଜୀବନର ଅନ୍ତ ପର୍ଯ୍ୟନ୍ତ କେବେ ମାତୃଭାବେ, କେବେ ଭଗିନୀ ଭାବେ, କେବେ କାହାର ଜୀବନସାଥୀ ଭାବେ ନିଜକୁ ପ୍ରମାଣିତ କରିଥାଏ ଏବଂ ଏହି ଗତିଶୀଳ ଜୀବନର ଗତିପଥରେ ସେ ଅନେକ ବିପଦ, ଅନ୍ୟାୟ, ଅତ୍ୟାଚାରର ଶିକାର ହୋଇଥାଏ । କିନ୍ତୁ,ଏହି ମହାନ ଭୂମିକା ବହନ କରୁଥିବା ବେଳେ ସେ ଅନେକ ଅନ୍ୟାୟ, ଅବହେଳା ଓ ଅପମାନର ଶିକାର ହୋଇଥାଏ ।

ନାରୀ ଜୀବନର ମହତ୍ତ୍ୱ ଓ ସଂଘର୍ଷ :

ଜଣେ ନାରୀ ତାହାର ଜୀବନର ଆରମ୍ଭ କରେ ଜଣେ ଝିଅ ରୂପରେ । ଘରେ ଝିଅଟିଏ ଜନ୍ମ ହେଲେ ତା'କୁ ଅନେକ ସ୍ଥାନରେ ଅଭିଶାପ ଭାବରେ ଗ୍ରହଣ କରାଯାଏ । ଯଦି ଓ ନାରୀ ମାନେ ହିଁ ଏହି ସଂସାରକୁ ଜନ୍ମ ଦେଇଥାନ୍ତି, ତଥାପି ସେମାନେ ଅନେକ ଅସୁବିଧା, ଅନ୍ୟାୟ, ଓ ଅବମାନନାର ଶିକାର ହୋଇଥାନ୍ତି । ଜଣେ ଝିଅ ଯେତେବେଳେ ବଡ଼ ହୋଇଯାଏ ସେତେବେଳେ ସେ ଅନେକ ସମସ୍ୟା, ସଂଘର୍ଷର ପଥକୁ ଗମନ କରେ,ନିଜ ଶିକ୍ଷା, ନିଜ ସ୍ୱାଧୀନତା, ନିଜ ସ୍ୱପ୍ନ ପାଇଁ ସେ ସଂଗ୍ରାମ କରେ । ତଥାପି ତାହାର ଶିକ୍ଷାର ରାସ୍ତାରେ କଣ୍ଟା ସାଜେ ଏ ସମାଜରେ ବିବାହ ବନ୍ଧନ ।



ବିବାହ ପରେ ନାରୀର ଏକ ନୂଆ ଜୀବନ ଆରମ୍ଭ ହୁଏ । ସେ ଏକ ନୂଆ ପରିବାର, ନୂଆ ପରିବେଶକୁ ଗ୍ରହଣ କରି ନିଜ ଅସ୍ତିତ୍ୱକୁ ସଂଘର୍ଷ ମଧ୍ୟରେ ବଞ୍ଚେଇ ରଖିବା ପାଇଁ ଚାହେଁ । ସେ ଜଣେ ଜୀବନସାଥୀ ଭାବରେ, ଜଣେ ମା ଭାବରେ, ଜଣେ ଗୃହିଣୀ ଭାବରେ ନିଜକୁ ପ୍ରମାଣିତ କରିବାକୁ ଲାଗେ । ତା'ପରେ ବି ସେ ଅନେକ ଅବହେଳା, ଅନ୍ୟାୟ, ଓ ଅପମାନର ଶିକାର ହୁଏ । ଆମର ଏହି ସମାଜରେ ଅଧିକାଂଶ ଦେଖାଯାଏ ଯେ, ଜଣେ ନାରୀ ତା'ର ଜୀବନକୁ ନିଜ ଇଚ୍ଛା ଅନୁଯାୟୀ ଜୀବନ୍ତ ରଖି ପାରିନଥାଏ । ସେ ଅନ୍ୟମାନଙ୍କ ଅପେକ୍ଷା ଓ ନିର୍ଦ୍ଦେଶ ଅନୁଯାୟୀ ନିଜର ଜୀବନକୁ ବିତେଇ ଦେଇଥାଏ ।

ଏହି ଅବସ୍ଥା ଆଜି ପର୍ଯ୍ୟନ୍ତ ବଦଳି ନାହିଁ । ଅନେକ ସ୍ଥାନରେ ନାରୀମାନେ ଏବେ ବି ଶିକ୍ଷା ଓ ସ୍ୱାଧୀନତାର ଅଭାବରେ ନିଜର ଜୀବନକୁ ବିତେଇ ଦେଉଛନ୍ତି । ଗୃହହିଂସା, ଅପମାନ, ଲାଞ୍ଛନା, ଅପହରଣ, ବାଲ୍ୟବିବାହ ଏହିପରି ଅନେକ ଅନ୍ୟାୟ ଆଜି ନାରୀମାନଙ୍କ ସଫଳତାର ରାସ୍ତାରେ ବାଧା ଦେଉଛି ।

ନାରୀମାନେ ଆଜି ବି ଅନେକ ଅଞ୍ଚଳରେ ଶିକ୍ଷାର ଅଭାବ, ବାଲ୍ୟ ବିବାହ, ଗୃହହିଂସା, ଅନ୍ୟାୟ ଓ ଯୌତୁକର ନିଆଁରେ ଜଳି ଅନେକ ଉପେକ୍ଷାର ଶିକାର ହେଉଛନ୍ତି । ଏହି ଅନ୍ୟାୟକୁ ଅବସାନ କରିବା ପାଇଁ ଆମ୍ଭେ ମାନେ ଏକ ଶକ୍ତିଶାଳୀ ସମାଜ ଗଠନ କରିବା ନିହାତି ଆବଶ୍ୟକ, ଯେଉଁଠାରେ ପୁରୁଷ ଓ ନାରୀକୁ ସମାନ ଅଧିକାର ପ୍ରଦାନ କରାଯାଉଥିବ ।

ନାରୀର ଜୀବନ ଅତ୍ୟନ୍ତ କଷ୍ଟକର ଏବଂ ସଂଘର୍ଷମୟ । ମାନବ ସମାଜରେ ଅନେକ ସମୟରେ ନାରୀ ମାନଙ୍କୁ ନିମ୍ନ ଦୃଷ୍ଟିଭଙ୍ଗିରେ ଦେଖାଯାଏ । ଯେଉଁ ନାରୀ ଏହି ସଂସାରକୁ ନୂଆ ଜୀବନ ଦେଇଥାଏ, ସେହି ନାରୀ ଆଜି ଅନ୍ୟାୟର ଶିକାର ହେଉଛି କିନ୍ତୁ ଏବେ ସମୟ ଆସିଛି ନାରୀମାନଙ୍କୁ ଅଗ୍ରସର ହେବାକୁ ପଡ଼ିବ ।

ପୁରାତନ ଯୁଗରେ ନାରୀର ଅବସ୍ଥା :

ପୁରାତନ ଯୁଗରେ ନାରୀମାନେ ଅଧିକ ଅବହେଳିତ ଓ ଉପେକ୍ଷିତ ଥିଲେ । ସେମାନଙ୍କର ଜୀବନ କେବଳ ଘର, ପରିବାର ଓ ସଂସାର ମଧ୍ୟରେ ସୀମିତ ଥିଲା । ଶିକ୍ଷା, ସ୍ୱାଧୀନତା, ଅଧିକାର ଓ ନ୍ୟାୟ ପାଇଁ ସେମାନେ ଏକ ଦୀର୍ଘ ସଂଘର୍ଷ କରୁଥିଲେ । ନାରୀମାନଙ୍କୁ ପୂର୍ବ କାଳରେ କେବଳ ଘରର ଚାରି କାନ୍ଥରେ ବନ୍ଦୀ କରି ରଖା ଯାଉଥିଲା ଏବଂ ପୁରୁଷମାନେ ସମସ୍ତ ଅଧିକାର ଦାବି କରୁଥିଲେ । ଏସବୁ ପରିବର୍ତ୍ତେ ବି ନାରୀମାନେ କେବେ ନିଜ ଆତ୍ମଶକ୍ତିକୁ ହରେଇ ନାହାନ୍ତି ଏବଂ ନିଜର ଅଧିକାର ପାଇବା ପାଇଁ ଯୁଗେ ଯୁଗେ ଲଢେଇ କରି ଆସୁଛନ୍ତି ।

ନାରୀମାନଙ୍କ ଉନ୍ନତି ଓ ଅବଦାନ :

ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ନାରୀ ଜୀବନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ପୂର୍ବରୁ ନାରୀମାନେ ଘର ମଧ୍ୟରେ ବନ୍ଦୀ ରହୁଥିଲେ, କିନ୍ତୁ ଆଜି ସେମାନେ ଶିକ୍ଷା, ରୋଜଗାର, ରାଜନୀତି, ଓ ବିଭିନ୍ନ କ୍ଷେତ୍ରରେ ନିଜ ପରିଚୟ ସ୍ଥାପନ କରୁଛନ୍ତି । ପୁରୁଣା ମାନସିକତା ଅନୁଯାୟୀ, ନାରୀମାନେ କେବଳ ଘର ଓ ଘରୋଇ କାମ କରିବା ପାଇଁ ହିଁ ଏଇ ଜଗତରେ ଆସିଛନ୍ତି ।କିନ୍ତୁ ଆଜିର ଆଧୁନିକ ସମୟରେ ନାରୀମାନେ ଏହି ଧାରଣାକୁ ଭାଙ୍ଗି ଦେଇଛନ୍ତି ବର୍ତ୍ତମାନ ଯୁଗରେ ନାରୀମାନେ ଅନେକ କ୍ଷେତ୍ରରେ ନିଜ ଅବଦାନ ରଖୁଛନ୍ତି । ସେମାନେ ଏବେ ଡାକ୍ତର, ଅଧାପିକା, ପ୍ରଶାସକ, ବୈଜ୍ଞାନିକ, ମିଡିଆ ଅଫିସର, ପ୍ରତିରକ୍ଷା ବାହିନୀ, ଦୂରଦର୍ଶନ ଏବଂ ବ୍ୟବସାୟ ଜଗତରେ ଅଗ୍ରଣୀ ଭୂମିକା ବହନ କରିଛନ୍ତି । ଆଜିର ନାରୀ ମାନେ ଏକ ସ୍ୱାଧୀନ, ସୁଶିକ୍ଷିତ ଓ ଆତ୍ମନିର୍ଭର ଜୀବନ ଯାପନ କରୁଛନ୍ତି । ଏହା ଏକ ନୂଆ ଆଶା ଓ ଉଜ୍ଜ୍ୱଳ ଭବିଷ୍ୟତର ସଂକେତ ।ଉପସଂହାର :

ସମାଜର ଉନ୍ନତି ପାଇଁ ନାରୀ ଏକ ଅବିଚ୍ଛିନ୍ନ ଅଂଶ । ତେଣୁ ନାରୀମାନଙ୍କୁ ଅବହେଳା କିମ୍ବା ଉପେକ୍ଷା କରିବା ଏକ ମହାପାପ ସମାନ । ନାରୀ ବିନା ଜଗତର କୌଣସି ଅସ୍ତିତ୍ୱ ନାହିଁ ।ତେଣୁ ନାରୀମାନଙ୍କୁ ସମ୍ମାନ, ସୁଯୋଗ ଏବଂ ସ୍ୱାଧୀନତା ଦେବା ଆମ ସମସ୍ତଙ୍କର ପ୍ରମୁଖ ଦାୟିତ୍ୱ । ନାରୀ ଆତ୍ମନିର୍ଭଶୀଳ ହେଲେ ଆମ ସମାଜ ଏକ ଉଜ୍ଜ୍ୱଳ ଅଭିମୁଖେ ଗତି କରିବ । ନାରୀ ଶକ୍ତିକୁ ଉତ୍ସାହିତ କରିବା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍ ।

ଯେଉଁ ସମାଜ ନାରୀମାନଙ୍କୁ ସମ୍ମାନ ଦେଇଥାଏ

ସେହି ସମାଜ ଅବଶ୍ୟ ଉନ୍ନତି କରିଥାଏ ।
ନାରୀ ଯେଉଁଠି ସଶକ୍ତ, ସେଠି ସମାଜ ଉନ୍ନତ ।
ନାରୀ ଯେଉଁଠି ସୁଯୋଗପ୍ରାପ୍ତ,
ସେଠି ଅଗ୍ରଗତି ନିଶ୍ଚିତ ।
ନାରୀ ଜୀବନ ହେଉଛି ଉଜ୍ଜ୍ୱଳ
ପ୍ରଭାତର ଅଖଣ୍ଡ ରଶ୍ମି,
ଯେଉଁଥିରେ ନିହିତ ଅଛି
ଜଗତକୁ ଅଗ୍ରସର କରିବାର ଶକ୍ତି ।


+ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା (କଳାହାଣ୍ଡି)

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍, ୧୧ ହଜାର ଟଙ୍କା ଜୋରିମାନା

କନ୍ଧମାଳ,୧୨/୩ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ, ଏକ ୧୩ ବର୍ଷ ର ନାବାଳିକାକୁ ଦୁଷ୍କର୍ମ ମାମଲାର ଆଜି ବିଚାରଣା କରି ମାମଲାର ପିଡିତା ଓ ସାକ୍ଷୀଙ୍କ ବୟାନ ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ ବଚନ ଦିଗାଲକୁ ଦୋଷୀ ସାବ୍ୟସ୍ତ କରି ତାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୧ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ତାକୁ ଆଉ ଅଧିକ ୫ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ପୀଡିତାଙ୍କୁ କ୍ଷତି ପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଆଇନ ସେବା ପ୍ରାଧୀକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଗତ ୧୭/୦୪/ ୨୦୧୬ ରେ ପୀଡିତାଙ୍କ ପରିବାର ପକ୍ଷରୁ ଦାରିଙ୍ଗବାଡି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଦାରିଙ୍ଗବାଡି ଥାନା ଅଧିକାରୀ ଅଭିଯୋଗ ଅନୁଯାୟୀ ଏକ ମାମଲା ୫୭/୨୦୧୬ ରୁଜୁ କରି ବଚନ ଦିଗାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି । ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସୋ ପି.ପି. ଅସୀମ ପ୍ରହରାଜ ପରିଚାଳନା କରୁଥିଲେ ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଲକ୍ଷ୍ୟପତି ଦିଦି କର୍ମଶାଳା ଆୟୋଜିତ: ସମ୍ବର୍ଦ୍ଧିତ ହେଲେ ଲକ୍ଷ୍ୟପତି ଦିଦି

କନ୍ଧମାଳ,୧୨/୩ (ନି.ପ୍ର): ଲକ୍ଷପତି ଦିଦି ଯୋଜନା ଗ୍ରାମୀଣ ମହିଳାମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ବାର୍ଷିକ ଅତି କମ୍‌ରେ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ସାହାଯ୍ୟ କରି ସେମାନଙ୍କୁ ସଶକ୍ତ କରିବା ଉଦେଶ୍ୟରେ ଏକ ସରକାରୀ ପଦକ୍ଷେପ ଅଟେ। ଏହି ଯୋଜନା ଅଧିନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କୃଷି, ଦୁଗ୍ଧ ଚାଷ, ହସ୍ତଶିଳ୍ପ ଏବଂ ଅନ୍ୟାନ୍ୟ ଆୟସୃଷ୍ଟିକାରୀ କାର୍ଯ୍ୟକଳାପରେ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବା ପାଇଁ ପାଣ୍ଠି, ପ୍ରଶିକ୍ଷଣ, ଏବଂ ପରାମର୍ଶ ପ୍ରଦାନ କରାଯାଏ। ତେବେ, ସ୍ଥାନୀୟ କରୋନେସନ ପଡ଼ିଆରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଜିଲ୍ଲା ସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଅମ୍ରିତ୍ ଋତୁରାଜ୍ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଆମର ସିଆରପି ଓ ଏମବିକେମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ସେହିମାନେ ହିଁ ସଫଳ କରୁଛନ୍ତି। ବ୍ୟାଙ୍କରୁ ଋଣ ନେଇ ବସି ରହିଲେ ସେମାନେ ଲକ୍ଷପତି ଦିଦ ହୋଇପାରିବେ ନାହିଁ କି ଭବିଷ୍ୟତରେ ଆଉ ବ୍ୟଙ୍କରୁ ଋଣ କରିପାରିବେ ନାହିଁ। ବ୍ୟାଙ୍କକୁ ଋଣ ଦେବା ପାଇଁ ବାଧ କରାଯାଇପାରିବ ନାହିଁ। ସେହି ଗୋଷ୍ଠୀମାନେ ଋଣ ପାଇବେ ଯେଉଁମାନେ ବ୍ୟାଙ୍କ ଋଣକୁ ଆୟସୃଷ୍ଟିକାରୀ କାର୍ଯ୍ୟକଳାପରେ କ୍ଷୁଦ୍ର ବ୍ୟବସାୟ କରି ମୂଳଧନକୁ ବଢ଼ାଇଥାନ୍ତି। ସମସ୍ତ ଖର୍ଚ୍ଚ ଓ ଋଣ ଟଙ୍କା ସୁଝିବା ପରେ ଯଦି ବାର୍ଷିକ ୧ ଲକ୍ଷରୁ ଅଧିକ ଲାଭ ମିଳେ ତେବେ ଲକ୍ଷପରି ଦିଦି ସୃଷ୍ଟି କରିପାରିଛେ ବୋଲି ଆମେ କହିପାରିବା। ଚଳିତ ବର୍ଷ ଗୋଷ୍ଠୀମାନଙ୍କୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି । ସେମାନେ ଅଧିକ ପରିଶ୍ରମ କରି ସେମାନଙ୍କ ବ୍ୟବସାୟରେ ସଫଳ ହୋଇ ୭ ରୁ ୮ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ନିଅନ୍ତୁ ବୋଲି ଜିଲ୍ଲାପାଳ କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ କହିଲେ, ଲକ୍ଷପତି ଦିଦି ସୃଷ୍ଟି କରିବାରେ ଆମ ରାଜ୍ୟ ସାରା ଭାରତ ବର୍ଷରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଏମାନେ ନିଜ ପିଲାମାନଙ୍କର ଖର୍ଚ୍ଚ ତୁଲାଇବା ସହିତ ପରିବାର ପାଇଁ କିଛି ଖର୍ଚ୍ଚ କରିପାରିବେ।

# ଆଧାରକାର୍ଡ ସଂଶୋଧନକୁ ନେଇ ଜନଅସନ୍ତୋଷ

ଗଞ୍ଜାମ,୧୨/୩ (ନି.ପ୍ର): ଆଧାର କାର୍ଡ ସଂଶୋଧନକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ଜନ୍ମତାରିଖ ସଂଶୋଧନ ଲିମିଟ କ୍ରସ ଘଟଣାରେ କାର୍ଡଧାରୀମାନେ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । ତୃଟିବଶତଃ କୌଣସି କାରଣରୁ ଯଦି କାର୍ଡରେ ଭୂଲରେ ଜନ୍ମ ତାରିଖ ଉଲ୍ଲେଖ ହୋଇଯାଇଛି, ସେହି ବ୍ୟକ୍ତି ନିୟମ ଅନୁସାରେ ବୈଧଜନ୍ମପ୍ରମାଣ ପତ୍ର, ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଦୁଇ ଜଣ ସାକ୍ଷ୍ୟଙ୍କ ସହ, ଡିକ୍ଲେସନର ଫର୍ମ ସହ ଆବେଦନପତ୍ର ୫୦ ଟଂକା ଫିସ ସହ ଭୁବନେଶ୍ୱର ରେଜିଓନାଲ ଅଫିସ୍ ୟୁଏଡିଏ ଆଇ କାର୍ଯ୍ୟାଳୟକୁ ଯାଇ ହଜାର ହଜାର ଟଂକା ଖର୍ଚ୍ଚ କରି ବରିଷ୍ଠ ନାଗରିକ ମାନେ ବାରମ୍ବାର ଆବେଦନ କରୁଛନ୍ତି । ଏହା ବିଧିବଦ୍ଧ ଆବେଦନ ବୋଲି ଉଲ୍ଲେଖ କରୁଥିଲେ ମଧ୍ଯ ପରବର୍ତୀ ସମୟରେ ଏହି ଆବେଦନକୁ ମନମାନୀ କରି ଖାରଜ କରି ଦେଉଥିବାରୁ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ରାଜ୍ୟ ଏବଂ କେଂଦ୍ର ସରକାର ଘଟଣାର ଅନୁଧ୍ୟାନ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସମବାୟ ବର୍ଷ ଓ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

କନ୍ଧମାଳ,୧୨/୩ (ନି.ପ୍ର): ଫୁଲବାଣୀ ଗାନ୍ଧିସ୍ମୃତି ଭବନରେ ଆନ୍ତର୍ଯ୍ୟତୀୟ ସମବାୟ ଦିବସ ଏବଂ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ଚକ୍ରଧର ମଲ୍ଲିକ ଅଧକ୍ଷତା କରିଥିବାବେଳେ ଏଥିରେ ମୁଖ୍ୟ ଅତିଥି ଭାବରେ ସିନିୟର ଏଆର୍‌ସିଏସ୍ ସୁକାନ୍ତ କୁମାର ପାଢୀ ଯୋଗ ଦେଇ ସମବାୟ ଜରିଆରେ ଚାଷୀମାନଙ୍କର କୃଷିରେ ଅଧିକ ଉନ୍ନତି ହେବା ସହ ସେମାନଙ୍କର ଅର୍ଥିକ ଉନ୍ନତି ତଥା ସମବାୟ ସମିତିର ମଧ୍ୟ ଉନ୍ନୟନ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସମିତିର ଉପସଭାପତି ଶ୍ରୀମତୀ ଜେମା ମଲ୍ଲିକଙ୍କ ସମେତ ଗୋଚ୍ଛାପଡା ସମବାୟ ସମିତିର ସଭାପତି ନବକିଶୋର କହଁର, ଫୁଲବାଣୀ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ କ୍ଷୀରୋଦ କୁମାର ମିଶ୍ର, ଏସ୍‌ଏଆର୍‌ସିଏସ୍ ଜ୍ୟୋତିର୍ମୟୀ ପ୍ରଧାନ, ଇନିସ୍ପେକ୍ଟର ସତ୍ୟଜିତ ସେଠୀ ଏବଂ ରଶ୍ମିତା ପରିଡା, ଦଡକି, ଆଲାମୀ, ଦୁତିପାଜୁ, ମିଣିଆ ଏବଂ ଦୁଡୁକି ଆଦି ପଂଚାୟତର ସରପଂଚ ଫୁଲବାଣୀ ବିଧାୟକ ପ୍ରତିନିଧି ଏଥି ସହିତ ଗୋଚ୍ଛାପଡା ଓ ଖଜୁରିପଡା ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ତଥା ସମିତିର ସମସ୍ତ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ବଜେଟ ଆନୁମୋଦନ ହେବା ସହିତ ଅତିଥିମାନଙ୍କ ଦ୍ୱାରା ଅଭିଭାଷଣ ପରେ ଦୁଇଟି ଜେଏଲଜି ଏବଂ ସମିତିର ବୋର୍ଡ ଅଫ୍ ଡାଇରେକ୍ଟର ଅରୁଣ ନାୟକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫୁଲବାଣୀ ଲ୍ୟାମ୍ପସେସ୍‌ର ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ବଲାଙ୍ଗିର,୧୨/୩ (ନି.ପ୍ର): ଆଜି ସଦର ମହକୁମା ସ୍ଥିତ କୋଶଲ କଳା ମଣ୍ଡଳ ପଡିଆରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦି ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ଥିଲେ । ଜିଲ୍ଲାପାଳ ଏକ ଜନ ମଙ୍ଗଳ ରାଷ୍ଟ୍ର ରେ ମହିଳାଙ୍କୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମହିଳା ମାନେ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ସେ କହିଥିଲେ। ସେହିପରି କର୍ମଶାଳା ରେ କେବଳ ଅଧିକାରୀ ନିଜ ବିଭାଗ କଥା ନ କହି ମହିଳାମାନେ ମଧ୍ୟ ପ୍ରଶ୍ନ ପଚାରନ୍ତୁ । ଦୁଇ ପକ୍ଷରୁ ଆଲୋଚନା ହେଲେ କର୍ମଶାଳାର ସଠିକ ପରିମାଣ ବାହାରିବ ବୋଲି କହିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଅଧିକାରୀ ଲକ୍ଷ ପତି ଦିଦି ଯୋଜନା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଂଚାୟତ ପାଇଁ ଯେଉଁମାନେ ସବୁ ନିଜ ଜୀବିକା ଜରିଆରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଂଟି ଥିଲେ । ଏହି ପରିପ୍ରେକ୍ଷୀରେ ଲକ୍ଷପତି ଦିଦି ମାନେ ନିଜର ସଫଳ କାହାଣୀ ଉପସ୍ଥାପନା କରି ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଅନ୍ୟାନ୍ୟ ଲାଇନ୍ ବିଭାଗ ରୁ ଆସିଥିବା ଅଧିକାରୀ ମାନେ ନିଜ ବିଭାଗର ଯୋଜନା ଦ୍ୱାରା ଜଣେ ମହିଳା କିପରି ସ୍ୱାବଲମ୍ବୀ ହେଇ ଲକ୍ଷପତି ଦିଦି ହେଇପାରିବ ସେ ବିଷୟରେ ବ୍ୟାଖ୍ୟା କରିଥିଲେ । ରାଜ୍ୟ ସରକାରଙ୍କ ଯୋଜନା ମୁତାବକ ମହିଳା ମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମହିଳା ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ଏହି ଲକ୍ଷପତୀ ଦିଦି ଯୋଜନାର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା । ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଏବଂ ଅନ୍ୟାନ୍ୟ ବ୍ୟବସାୟ କରିବାକୁ ମହିଳା ମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ୧୪ ଟି ବ୍ଲକ ରୁ ଚାରି ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମହିଳା ମାନେ ଆସି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ପିଡି ତରଣୀ ସୁନା , ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ସିଡ଼ିଭିଓ ଅଞ୍ଜନ ଦାସ, ଏଲଡିଏମ ପ୍ରଶାନ୍ତ କୁମାର ବେହେରା, ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ‘ପ୍ରଜାପତି’ର ‘ହୋରାଇଜନ୍ ବୁକର୍ ଆୱାର୍ଡ଼’ ପ୍ରଦାନ ଉତ୍ସବ ଅନୁଷ୍ଠିତ




ବାଲେଶ୍ୱର,୧୨/୩ (ନି.ପ୍ର): ‘ପ୍ରଜାପତି’ ଅନୁଷ୍ଠାନର ସାହିତ୍ୟ ଶାଖା ‘ଅକ୍ଷର’ ଆମ ଓଡ଼ିଆ ଭାଷା ସାହିତ୍ୟ ସହିତ ଅନ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଭାଷା ସାହିତ୍ୟକୁ ପାଠକ ଲେଖକମାନଙ୍କ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆୟୋଜନ କରିଥିବା ‘ହୋରାଇଜନ୍ ବୁକର ଆୱାର୍ଡ଼’ ପ୍ରଦାନ ଉତ୍ସବ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉପସ୍ଥିତ ଛାତ୍ରଛାତ୍ରୀ, ଲେଖକ ଓ ପାଠକମାନଙ୍କ ଗହଣରେ ଏକ ସୁନ୍ଦର ପରିବେଶ ଭିତରେ ଶିକ୍ଷାବିତ୍ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳସଚିବ ଡ. ରମେଶ ଚନ୍ଦ୍ର ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରି କହିଲେ ପୁସ୍ତକଟିଏ ମଣିଷର ବନ୍ଧୁ ଓ ଆତ୍ମାର ଆହାର। ସତ୍‌ଗ୍ରନ୍ଥମାନ ମାନବ ଜାତିର ଅମୂଲ୍ୟ ସମ୍ପଦ ଅଟେ। ‘ପ୍ରଜାପତି’ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ ଅତିଥି ରୂପେ କବି ଧନଞ୍ଜୟ ସ୍ୱାଇଁ ବକ୍ତବ୍ୟରେ କହିଲେ ଯେ ଜଣେ ଲେଖକର ଦୃଷ୍ଟିକୋଣ ଓ ବିଚାର ତା’ର ଲିଖିତ ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଥାଏ ଓ ପାଠକ ସମାଜକୁ ପ୍ରଭାବିତ କରିଥାଏ। ହୋରାଇଜନ୍ ଅତିଥି ଭାବେ କବି ଓ ସଂପାଦକ କୃଷ୍ଣ କୁମାର ମହାନ୍ତି, କବି ଓ କଥାକାର ଗଙ୍ଗାଧର ବିଶ୍ୱାଳ, କବି ଓ ପ୍ରକାଶକ ଶ୍ରୀଦେବ, କବି ଓ ପ୍ରକାଶକ ଅଭୟ ଦାସ, ବ୍ୟୁରୋମୁଖ୍ୟ ‘ସମାଜ’ ଶଶିରଂଜନ ମଲ୍ଲିକ ଓ ଶିକ୍ଷାବିତ୍ ସୁଧାଂଶୁ ପଣ୍ଡା ନିଜନିଜର ମତବ୍ୟକ୍ତ କରି କହିଥିଲେ ବିଭିନ୍ନ ଭାଷାର ସାହିତ୍ୟ ସମ୍ପର୍କରେ ଆସିଲେ ପାଠକଟିଏ ଏକ ବୃହତ୍ତର ସାହିତ୍ୟ ସମାଜ ସହିତ ସମ୍ପର୍କ ଯୋଡ଼ିଥାଏ ଓ ଏହା ଏକ ସୁନ୍ଦର ଜିଜ୍ଞାସୁ ମନୋଭାବ ସୃଷ୍ଟିକରେ। ପ୍ରତି ଲେଖକର ଜୀବନ ହେଉଛି କଳ୍ପନା ଓ ବାସ୍ତବତାର ଅଦ୍ଭୁତ ସଂଗମ। ପ୍ରାରମ୍ଭରେ ‘ଅକ୍ଷର’ର ଆବାହକ ବିପ୍ଳବ ଦାସ ମହାପାତ୍ର, ‘ହୋରାଇଜନ’ ସମ୍ପର୍କରେ ସୂଚନା ଦେଇଥିବାବେଳେ ସଂଯୋଜକ ରାଜେଶ ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରଶ୍ମି ସ୍ୱାଇଁ, ରୋଜାଲିନ୍ ଶତପଥୀ, ସୁଜାତା ଦାସ, ପ୍ରତିମା ତ୍ରିପାଠୀ ଓ ସରସ୍ୱତୀ ଭୋଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ସମ୍ପର୍କରେ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କବି ଶ୍ରୀ ଧନଞ୍ଜୟ ସ୍ୱାଇଁଙ୍କୁ ତାଙ୍କ ଲିଖିତ କବିତା ପୁସ୍ତକ ‘ତୁମ ଗାଁ ବର୍ଷା’ ପାଇଁ ‘ହୋରାଇଜନ୍ ବୁକର୍ ଆୱାର୍ଡ଼-୨୦୨୫’ ପ୍ରଦାନ କରିଥିବାବେଳେ ଛାତ୍ରୀ ଜସ୍ମିନ୍ ଜ୍ୟୋତିଙ୍କୁ ତାଙ୍କ ଲିଖିତ ଇଂରାଜୀ ଗଳ୍ପ ପୁସ୍ତକ ‘ସେ ଇଏସ୍ ଟୁ ଲାଇଫ୍’ ଓ ଆଦ୍ୟା ଭାର୍ଗବୀଙ୍କୁ ତାଙ୍କ ଇଂରାଜୀ କବିତା ପୁସ୍ତକ ‘ଲାଇଫ୍ ଆରୋମା’ ପାଇଁ ‘ହୋରାଇଜନ୍ ଡ୍ରିମ୍-୨୦୨୫’ ପ୍ରଦାନ କରିଥିଲେ। ଉତ୍ସବ ଆରମ୍ଭରେ ସମସ୍ତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ଉତ୍ତରୀୟ ସହ ପୁସ୍ତକ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ବିଶେଷତଃ ଉପସ୍ଥିତ ଛାତ୍ରଛାତ୍ରୀମାନେ ମଧ୍ୟ ‘ହୋରାଇଜନ୍ ଡ୍ରିମ୍’ ସମ୍ମାନ ନେଇଥିବା ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଉପହାର ପ୍ରଦାନ କରିଥିଲେ। ଗୁରୁ ମୋନାଲିସା ମହାନ୍ତିଙ୍କ ପରିଚାଳନାରେ ‘ସ୍ୱରାଗିଣୀ’ର କଣ୍ଠଶିଳ୍ପୀମାନେ ସ୍ୱାଗତ ସଂଗୀତ ଓ ଗୁରୁ ପ୍ରଦୀପ ବେହେରାଙ୍କ ପରିଚାଳନାରେ ‘ନୃତ୍ୟାୟନା’ର ଶିଳ୍ପୀ ଶେଷ ନୃତ୍ୟ ପରିବେଷଣ କରିଥିଲେ। କବି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଭିନନ୍ଦନ ପର୍ବକୁ ପାର୍ଥ ସାରଥୀ ସାହୁ, ଅମରଜିତ୍ ଦାସ, ରଶ୍ମିତା ଆଚାର୍ଯ୍ୟ, ସଂଜୀବ ନାୟକ, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ସାରସ୍ୱତପ୍ରେମୀ ପାଠକ ଓ ଲେଖକଙ୍କ ଦ୍ୱାରା ସାମୁହିକ ଅଭିନନ୍ଦନ ପ୍ରଦାନ କରାଯାଇଥିଲା। ଶେଷରେ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ‘ଷ୍ଟୁଡେଣ୍ଟ୍ ରାଇଟର୍ସ ଓ ରିଡ଼ର୍ସ ଫୋରମ୍’ ‘ହୋରାଇଜନ୍’ ତରଫରୁ ଗଠନ ହେବ ବୋଲି କବି ପ୍ରଶାନ୍ତ ଦାସ ସୂଚନା ଦେଇଥିବାବେଳେ ଛାତ୍ରୀ ଅୟେଙ୍କିତା ଦାସ ଏକ ଇଂରାଜୀ କବିତା ପଠନ କରିଥିଲେ।

# ଗୌଡ଼ଗୋଠ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଲାଙ୍ଗୀର,୧୨/୩ (ନି.ପ୍ର): ଗତ ରବିବାର ଦିନରୁ ଦେଓଗାଁ ବ୍ଲକ ଗୌଡ଼ଗୋଠର ବହୁ ପ୍ରତିକ୍ଷୀତ ଶ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଯାଇଛି । ରବିବାର ଦିନ କଳସଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ହୋଇଥିବା ବେଳେ ସୋମବାର ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଛି। ଆସନ୍ତା ୧୩ ତାରିଖ ଦିନ ପୂର୍ଣ୍ଣାହୂତି ଓ ୧୪ତାରିଖ ଶୁକ୍ରବାର ଦିନରୁ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହେବ। ସେହିପରି ୧୭ତାରିଖ ସୋମବାର ଦିନ ପୂର୍ଣ୍ଣାହୂତି ହେବ। ମନ୍ଦିର ପ୍ରତିଷ୍ଠା କର୍ତା ଭାବେ ସସ୍ମିତା ରଣା ଓ ରାମାନନ୍ଦ ରଣା, ପ୍ରହର କର୍ତା ଭାବେ କଲ୍ୟାଣୀ ରଣା ଓ ସରୋଜ ରଣା ଦାୟିତ୍ୱ ନେଇଥିବାବେଳେ ପୂଜକ ଭାବେ ବିକ୍ରମ ଦାଶ ଓ ଆଚାର୍ଯ୍ୟ ଭାବେ ଆଚାର୍ଯ୍ୟ ଧରଣୀଧର ମିଶ୍ର ଦାୟିତ୍ୱ ନେଇଥିବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ କୁହାଯାଇଛି।

# ବକଟି ପଂଚାୟତ ସ୍ତରୀୟ ଜନଶୁଣାଣି ଶିବିର

ବଲାଙ୍ଗୀର,୧୨/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ବକଟୀ ଗ୍ରାମପଂଚାୟତ ପରିସରରେ ପଂଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବକଟୀ ପଂଚାୟତର ନାଏବ ସରପଂଚ ସୁଶିଳ ସେଠ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରିତିକା ରାଣୀ ପଟ୍ଟନାୟକ ଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ସାହୁଙ୍କ ତତ୍ୱାବଧାନରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଗ୍ରାମପଂଚାୟତ ଅଧିକାରୀ ସୌଭାଗ୍ୟ ପଧାନ, ବ୍ଲକ ଏବିଡିଓ ରୁଦ୍ରପ୍ରତାପ ସୁନା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁଶାନ୍ତ ମହାକୁର ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ଯନ୍ତ୍ରୀ ଦୁର୍ଗାପ୍ରସାଦ ମିଶ୍ର, ଅଭି ସାହୁ, ଅଂଶୁମାନ ବାବୁ, ଉଦ୍ୟାନ ବିଭାଗର ନରେନ୍ଦ୍ର ପଧାନ, ବିପିଏମ୍ ସରୋଜ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଜନଶୁଣାଣି ଶିବିରରେ ସର୍ବମୋଟ ୪ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ବର୍ତମାନ ପ୍ରତ୍ୟେକ ଗ୍ରାମମାନଙ୍କରେ ଆବାସ ଗୃହ ପାଇଁ ସର୍ଭେ ଚାଲୁଥିବାରୁ ତଥା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ସକାଶେ ଯଜ୍ଞ ଅନୁଷ୍ଠାନ ଆଦି ବକଟୀ ଗ୍ରାମରେ ଅନୁଷ୍ଠିତ ହେଉଥିବାରୁ ଶିବିରରେ କମ ସଂଖ୍ୟକ ଲୋକ ଉପସ୍ଥିତ ଥିବା ନାଏବ ସରପଂଚ ଶ୍ରୀ ସେଠ ପ୍ରକାଶ କରିଥିଲେ।

# ସ୍କୁଲ କଡ଼ରୁ ମଦ ବାର ଉଚ୍ଛେଦ ପାଇଁ ଦାବି

ଭୁବନ,୧୨/୩ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଅଂଚଳରେ ଅବକାରୀ ବିଭାଗର ନିଷ୍କ୍ରିୟତା ଓ ମାସିକିଆ ବଟିଖିଆ ନୀତି ଯୋଗୁଁ ଦିନକୁ ଦିନ ମଦୁଆ ଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । ସରକାର ଙ୍କ ସମସ୍ତ ନିୟମ କାନୁନ୍ ଉଲଂଘନ କରି ମଦ ଦୋକାନ ଖୋଲା ଓ ଓପନ ବାର ଖୋଲିବାକୁ ଅନୁମତି ଦିଆଯାଉଛି। ବିଦ୍ୟାଳୟ, ଦେବାଳୟ, ଜନ ଗହଳି ଅଂଚଳ ଓ ଗାଧୁଆ ତୁଠ ଇତ୍ୟାଦି ଅଂଚଳରେ କୌଣସି ମଦ ଦୋକାନ ଖୋଲାଯାଇ ପାରିବ ନାହିଁ ବୋଲି ସରକାର ଙ୍କ ର ସ୍ପଷ୍ଟ ନିର୍ଦ୍ଦେଶ/ଆଇନ ଥିବା ବେଳେ ଭୁବନ ଏନ୍ ଏ ସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ଦୂର୍ଗା ବଜାର ସ୍ଥିତ ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପାଚେରୀ କୁ ଲାଗି ଦୀର୍ଘ ଦିନ ହେଲା ‘ତୃପ୍ତି ବାର’ ବିଦେଶୀ ମଦ ଦୋକାନ ଖୋଲାଯାଇଛି । ଫଳରେ କୋମଳମତି ଶିଶୁଙ୍କ ଉପରେ ଖରାପ ପ୍ରଭାବ ପଡୁଛି । ଏହି ରାସ୍ତା ଦେଇ ଦୈନିକ ଶହ ଶହ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଯିବା ଆସିବା କରୁଥିବା ବେଳେ ଦିନ ଦ୍ୱିପ୍ରହରରେ ରାସ୍ତାରେ ମଦ୍ୟପ ମାନଙ୍କ ଉତ୍ପାତ ଦେଖି ଭୟଭୀତ ହୋଇ ପଡୁଛନ୍ତି । ଏ ସମ୍ପର୍କରେ ଅତୀତରେ ଅନେକ ଦାବି , ଆପତି, ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ଫରକ ପଡ଼ିନାହିଁ । ସଂପୃକ୍ତ ମଦ ବାର ମାଲିକ ଶାସକ ଦଳ ଓ ଅବକାରୀ ବିଭାଗ କୁ ଅକ୍ତିଆର କରି ନୀର୍ବିଘ୍ନରେ ତାଙ୍କ ବ୍ୟବସାୟ ଚଳାଇଛନ୍ତି । ଭୁବନ ପଂଚାୟତ ସମିତି ପରିସରରେ ଗତ କାଲି ଜିଲ୍ଲାପାଳ,ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ରେ ଦୁର୍ଗା ବଜାର କର୍ମକର୍ତା ଓ ସ୍ଥାନୀୟ ବାସିନ୍ଦା ସନ୍ଦୀପ ଦାସ ଙ୍କ ନେତୃତ୍ୱରେ ବିଷ୍ଣୁ ପ୍ରସାଦ ସାହୁ, ବିସ୍ମୟ ରଞ୍ଜନ ଜେନା,ସନ୍ଦୀପ କୁମାର ପୃଷ୍ଟି ପ୍ରମୁଖ ୫୦ ରୁ ଉର୍ଦ୍ଧ୍ୱ ଦୁର୍ଗା ବଜାର କର୍ମକର୍ତା ଓ ସ୍ଥାନୀୟ ବାସିନ୍ଦା ସ୍କୁଲ ନିକଟରୁ ମଦ ବାର ଉଚ୍ଛେଦ ପାଇଁ ଦାବି କରିଥିଲେ।

# ପ୍ଲମ୍ବର ଦିବସ ପାଳିତ

ଜୟପୁର,୧୨/୩ (ନି.ପ୍ର): ଜୟପୁର ଠାରେ ଜାତୀୟ ପ୍ଲମ୍ବର ଦିବସ ପାଳିତ ହୋଇଯାଇଛି। ସକାଳ ସାଢେ ୧୧ଟା ସମୟରେ ରାଜ ନହର ଛକରୁ ଏକ ଶୋଭାଯାତ୍ରା ବାହାରି ହାତିଶାଳ ନିକଟରେ ପହଁଚିଥିଲା। ଏଥିରେ କର୍ମକର୍ତା ମାନେ ବିଭିନ୍ନ ସ୍ଲୋଗାନ ଦେବା ସହ କିପରି ସେମାନଙ୍କ ଉନ୍ନତି ନିମନ୍ତେ ସରକାର ଅନୁଦାନ ପ୍ରଦାନ କରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିପତି ନାୟକ, ତ୍ରିଲୋଚନ ବିରୁଡି, ରଞ୍ଜିତ ସାମନ୍ତରାୟ, ସାମସନ ନାଗ, ଲଳିତ ଗୌଡ, ଟୁନା ନାୟକ, ମନୋଜ ରାଉତ, ସର୍ବେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକନୃତ୍ୟ ମାଧ୍ୟମରେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ଜନ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୧୨/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ପାହାଡ଼ ଜଙ୍ଗଲ ଘେରା ଅଂଚଳ ଏବଂ ଜନ ସାଧାରଣଙ୍କ ନିକଟରେ ସଚେତନତା ଅପହଂଚ ହୋଇଥିବାରୁ ପ୍ରତ୍ୟେକ ବର୍ଷ ସରକାରଙ୍କ ତରଫରୁ ବିଭିନ୍ନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ଜନସଚେତନତା ପାଇଁ ଆଂଚଳିକ ଲୋକନୃତ୍ୟ ଦଳମାନଙ୍କର ସହାୟତା ନିଆଯାଇଥାଏ। ସେହିପରି ଏବର୍ଷ ମଧ୍ୟ ଏହି କାର୍ଯ୍ୟକ୍ରମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳଙ୍କ ଉଦ୍ୟମରେ ରାଇକିଆ ଓ ଫିରିଙ୍ଗିଆ ବ୍ଲକ୍‌ର ବିଭିନ୍ନ ଅପହଂଚ ଅଂଚଳରେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟକୁ ନେଇ ପରିବାର ନିୟୋଜନ, ଗର୍ଭବତୀ ପଞ୍ଜିକରଣ, ଗର୍ଭବତୀ ସମୟରେ ସ୍ୱାସ୍ଥ୍ୟ ପରିକ୍ଷା, ଟୀକାକରଣ ଓ ବାଲ୍ୟ ବିବାହ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ସ୍ଥାନୀୟ ଲୋକନୃତ୍ୟ ଦଣ୍ଡ ବୀଣାକାର ଓ ପାଲା ଆଦି ଲୋକକଳା ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀଣାକାର କାଶ୍ୟପ ଖମାରୀ ଓ ଗାୟକ ବ୍ୟାସଦେବ ପ୍ରଧାନଙ୍କ ନେତୃତ୍ୱରେ ଏହି ଗାଁମାନଙ୍କରେ ଜନସାଧାରଣଙ୍କୁ ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଯାଇଥିଲା। ବିଭିନ୍ନ ଗୀତ, ନୃତ୍ୟ, ଉଦାହରଣ ଓ କମେଡି ମାଧ୍ୟମରେ ଉପସ୍ଥାପନାକୁ ଲୋକମାନେ ଆଗ୍ରହର ସହ ଉପଭୋଗ କରିବା ସହ ଦୈନନ୍ଦିନ ଅଭ୍ୟାସରେ ଲଗାଇବେ ବୋଲି କହିଥିଲେ। ଫିରିଙ୍ଗିଆ ଓ ରାଇକିଆର ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରବୋଦ ପ୍ରଧାନ ଏବଂ ଡାକ୍ତର ଶ୍ରୀନିବାସ ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ପୂର୍ବରୁ ନୃତ୍ୟଦଳମାନଙ୍କ ସହିତ ଏକ ଆଲୋଚନାରେ ଭାଗନେଇ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କିଛି ବାର୍ତା ଗ୍ରାମାଂଚଳର ଶେଷ ଭାଗରେ ବସବାସ କରୁଥିବା ଲୋକ ପାଖରେ ପହଂଚିବା ଆବଶ୍ୟକତା ଅଛି ବୋଲି କହିଥିଲେ ଏବଂ ଏହା କିପରି ଭାବେ ଅଧିକ ପ୍ରଭାବ ପକାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ତତ୍‌ସହିତ ଗ୍ରାମବାସୀମାନଙ୍କୁ ସଚେତନତା କରିବାକୁ ନାରା ଦେଇ ଏକ ପଦଯାତ୍ରା ମଧ୍ୟ ଗ୍ରାମ ପରିକ୍ରମା କରିଥିଲା। ଅନୁଷ୍ଠାନର ସଂପାଦକ ଆମ ଜିଲ୍ଲା ପାଇଁ ମହିଳା ପ୍ରଜନନ ଜନସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତାର ବହୁଳ ଆବଶ୍ୟକ ଥିବା ମତବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଜନି ପ୍ରଧାନ ଓ ଶିବରାମ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ସହଯୋଗ କରିଥିବାବେଳେ ଅନୁଷ୍ଠାନ ତରଫରୁ ସଂଯୋଜକ ବିଶ୍ୱରଞ୍ଜନ କର ପରିଚାଳନା କରିଥିଲେ।

# ଅବୈଧ ଇଟାଭାଟି ଓ ଚୋରା ବାଲି ଚାଲାଣ ବିରୁଦ୍ଧରେ ଜିଲ୍ଲା ପ୍ରଶାସନର ଅବିରତ ଚଢ଼ାଉ ଜାରି

କେନ୍ଦ୍ରାପଡ଼ା,୧୨/୩ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଓ ବାଲିର ଅବୈଧ ଉଠାଣ ଓ ଚୋରା ଚାଲାଣ ଏବଂ ଅବୈଧ ଇଟା ଭାଟିର ନିର୍ମାଣକୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ଆଇଆଇସିଙ୍କୁ ନେଇ ସାତ ଗୋଟି ଏନଫୋର୍ସମେନ୍ଟ ଟିମ ଗଠନ କରାଯାଇଥିଲା ଓ କେନ୍ଦ୍ରାପଡ଼ାଠାରେ ଅବସ୍ଥାପିତ ଖଣି ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୪ ଘଂଟା ମଧ୍ୟରେ କେନ୍ଦ୍ରାପଡା, ଗରଦପୁର, ରାଜକନିକା ଏବଂ ମହାକାଳପଡ଼ା ତହସିଲ ଅନ୍ତର୍ଗତ ୧୯ ଗୋଟି ଇଟା ଭାଟି ଉପରେ ଚଢାଉ କରାଯାଇ୩ଗୋଟି ଟ୍ରାକ୍ଟର ଗରଦପୁର ତହସିଲରୁ ଜବତ କରାଯାଇଛି ଓ ଉପରୋକ୍ତ ଗାଡି ମଧ୍ୟରୁ ୧ ଗୋଟି ଟ୍ରାକ୍ଟରରୁ ମାଟି ଏବଂ ୨ ଗୋଟି ଟ୍ରାକ୍ଟରରୁ ବାଲିଅବୈଧ ଚାଲାଣ ସମୟରେ ଜବତ କରାଯାଇଛି ଓ ଉପ-ଜିଲ୍ଲାପାଳ ଶ୍ରୀ ଅରୁଣ କୁମାର ନାୟକ ଏବଂ କେନ୍ଦ୍ରାପଡ଼ା ତହସିଲଦାର ଶ୍ରୀ ତାପସ ଦେହୁରୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗରାପୁର ଆରଆଇ ସର୍କଲରେ ଥିବା ଇଟାଭାଟି ଉପରେ ମିଳିତ ଚଢାଉ କରାଯାଇଥିଲା ଓବିଗତ ୨୪ ଘଂଟା ମଧ୍ୟରେ ମୋଟ ୨,୪୭,୦୦୦ ଟଙ୍କା ଜୋରିମାନା ଆଦାୟ ହେବା ସହ ଆଜି ପର୍ଯ୍ୟନ୍ତ ସମୁଦାୟ ୭,୪୭,୦୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଛି ଓ ଚୋରା ଚାଲାଣ କାର୍ଯ୍ୟରୁ ବିରତ ନ ହେଲେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ ଚେତାବନୀ ଶୁଣାଇଛନ୍ତି ଓ ଜନସାଧାରଣ ଜିଲ୍ଲା ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ଜିଲ୍ଲାପାଳ ଗଣମଧ୍ୟମର ପ୍ରତିନିଧିମାନଙ୍କ ମାଧ୍ୟମରେ ଆଶାବ୍ୟକ୍ତ କରିଛନ୍ତି।

# ଶ୍ରୀ ଶ୍ରୀ ମହାବିନାୟକ ଚବିଶ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ



ବାସୁଦେବପୁର , ୧୨/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତ ରେ ଶ୍ରୀ ଶ୍ରୀ ମହାବିନାୟକ ଚବିଶ ପ୍ରହର ନାମ ଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇ ଥିଲା । ସଭାପତି ରମାକାନ୍ତ ଦାସ, ସମ୍ପାଦକ ଲକ୍ଷ୍ମଣ କୁମାର ବେହେରା, ଦୀନବନ୍ଧୁ ରଣା, କୃପାସିନ୍ଧୁ ନାୟକ, ସୁନୀଲ କୁମାର ଦାସ, ମଣିଭଦ୍ର ବାରିକ୍, ଦୀପକ କୁମାର ନାୟକ, ଜୟରାମ ବେହେରା, ଉପଦେଷ୍ଟା ଭଗବାନ ମିଶ୍ର, ନରେନ୍ଦ୍ର ମହାକୁଡ, କମଳା କାନ୍ତ ନାୟକ ଙ୍କ ସହ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ସଫଳ କରାଇ ଥିଲେ ଓ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ। ହଜାର ହଜାର ଭକ୍ତ ମାନଙ୍କ ଗହଳ ଚହଳ ରେ ଏହି ଧାର୍ମିକ ପରିବେଶ ଖୁବ୍ ଆକର୍ଷଣୀୟ ହୋଇ ଉଠିଥିଲା। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ବାସୁଦେବପୁର ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ମହେନ୍ଦ୍ର ପ୍ରସାଦ ନାୟକ, ସମାଜସେବୀ ଦୀନବନ୍ଧୁ ଦାସ, ମାନସ ସାହୁ, ପବିତ୍ର ରଞ୍ଜନ ପୁହାଣ ଓ ବହୁ ଜ୍ଞାନୀ ଗୁଣୀ ବୁଦ୍ଧିଜୀବୀ ଜନ ସାଧାରଣ ଏହି ଉତ୍ସବରେ ଯୋଗ ଦେଇଥିଲେ।

# ପାରାଦୀପ ବନ୍ଦରର ଆଉ ଏକ ରେକର୍ଡ




ପାରାଦୀପ, ୧୨/୩ (ନି.ପ୍ର): ପାରାଦୀପ ବନ୍ଦର ପଣ୍ୟ ପରିବହନ କ୍ଷେତ୍ରରେ ଆଉ ଏକ ରେକର୍ଡ ସୃଷ୍ଟି କରିଛି। ପଣ୍ୟ ପରିଚାଳନା ଓ କାରବାର କ୍ଷେତ୍ରରେ ଦେଶର ଏକ ନମ୍ବର ବୃହତ ବନ୍ଦର ପାରାଦୀପ ବନ୍ଦର ପ୍ରାଧିକାରଣ ତାର ଆନୁସଙ୍ଗିକ ବ୍ୟବସ୍ଥା ଯୋଗୁଁ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ସ୍ଥାପନ କରି ଚାଲିଛି। ତେବେ ମାର୍ଚ୍ଚ ୧୦ ତାରିଖରେ ଗୋଟିଏ ଦିନରେ ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପାରାଦୀପ ବନ୍ଦର ଗତ ଜାନୁଆରୀ ୧୬ ତାରିଖରେ ତାର ପୂର୍ବ ରେକର୍ଡ ୪୫ ରେକ ଖଲାସ ର ରେକର୍ଡ କୁ ଅତିକ୍ରମ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଛି । ଏହି ସଫଳତା ହାସଲ ପାରାଦୀପ ବନ୍ଦରର ପ୍ରତିବଦ୍ଧତା କୁ ଦର୍ଶାଉଛି ।

# ବାଲିଆପାଳ ବ୍ଲକ ଚାଉଳତି ମୁହାଣରେ ଜେଟି ନିର୍ମାଣ ପାଇଁ ବିଧାୟିକା ସୁବାସିନୀଙ୍କ ଦାବି

ବାଲିଆପାଳ/ଲଙ୍ଗଳେଶ୍ୱର , ୧୨/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜମ୍ବିରାଇ ପଞ୍ଚାୟତର ଚାଉଳତି ନଦୀ ମୁହାଣ ଠାରେ ମତ୍ସ୍ୟଜୀବୀ ଭାଇ ମାନଙ୍କ ସୁବିଧା ପାଇଁ ବହୁତ ଦିନରୁ ଦାବୀ ଥିବା ଏକ ମାଛଧରା ଜେଟି ନିର୍ମାଣ ପାଇଁ ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ସର୍ଭେ କାର୍ଯ୍ୟ ସରିଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେଣୁ ମତ୍ସଜୀବୀ ଭାଇମାନେ ନିରୁତ୍ସାହିତ ହୋଇପଡିଛନ୍ତି।ଉକ୍ତ ଜେଟି ନିର୍ମାଣ କାର୍ଯ୍ୟ କଣ ପାଇଁ ବିଳମ୍ବ ହେଉଛି ଏବଂ କେବେ ସୁଦ୍ଧା ଆରମ୍ଭ କରାଯିବ ତାହା ଜଣାଇବେ କି ବୋଲି ବୁଧବାର ଦିନ ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଲୋଚନାରେ ଭାଗ ନେଇ ମାନ୍ୟବର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସାରା ଓଡ଼ିଶାରେ ଅନେକ ହାର୍ବର୍ ଏବଂ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର୍ ଜେଟି ପୋତି ହୋଇ ରହିଛି ଏବଂ ଅନେକ ଜାଗାରେ କାମ ଆରମ୍ଭ ହୋଇ ଅଧୁରା ହୋଇ ରହିଛି। ତେଣୁ ଏହି ବଜେଟରେ ଏଥି ନିମନ୍ତେ ବାବଦରେ ବ୍ୟବସ୍ଥା କରାଯାଇଛି ।



ଚାଉଳତି ନଦୀ ମୁହାଣ ଠାରେ ଜେଟି ନିର୍ମାଣ କାର୍ଯ୍ୟ କିପରି ଭାବରେ ତୁରନ୍ତ ଆରମ୍ଭ କରାଯିବ ତାହାର ବ୍ୟବସ୍ଥା ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯିବ। ଏଥି ସହିତ ଆଗାମୀ ଦିନରେ ପାଖାପାଖି ୧୦୭ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର୍ ଜେଟି ଓ ହାର୍ବର୍ କୁ ଉନ୍ନତ କରାଯିବାକୁ ସରକାର ବର୍ତ୍ତମାନ ଯତ୍ନବାନ ଅଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଥିଲେ ।

# ଜେଏସଡବ୍ଲ୍ୟୁ ପ୍ରକଳ୍ପ ପରିସରରେ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ପାରାଦ୍ୱୀପ , ୧୨/୩ (ନି.ପ୍ର): ପାରାଦ୍ୱୀପ ସ୍ଥିତ ଜେ ଏସ ଡ ବ୍ଲୁ ପକ୍ଷରୁ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ପ୍ରକଳ୍ପ ପରିସରରେ ଆୟୋଜିତ ଏକ ସମାରୋହରେ କମ୍ପାନୀର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ, କର୍ମଚାରୀ, ଅଧିକାରୀ ମାନେ ନିଜ ନିଜର ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। କାରଣ ନିଜର ଜୀବନ ସୁରକ୍ଷା ନିଜ ପରିବାର ପାଇଁ ଯଥେଷ୍ଟ ମୂଲ୍ୟବାନ ବୋଲି କହିଥିଲେ। ଏହି ଅବସରରେ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଭାଷାରେ ସ୍ଲୋଗାନ ଲିଖନ, ପ୍ରବନ୍ଧ ଲିଖନ, କୁଇଜ୍ ପ୍ରତିଯୋଗିତା,




ପୋଷ୍ଟର ଅଙ୍କିବା, ସହିତ ନୃତ୍ୟ, ଓ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଂଚାସୀନ ଅତିଥି ମାନେ ପୁରସ୍କୃତ କରିଥିଲେ।ଏହି ଉଦଯାପନୀ ଉତ୍ସବ ରେ ଜେ ଏସ ଡ ବ୍ଲୁ ପାରାଦୀପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ସଂସ୍ଥା, ଶ୍ରମିକ, କର୍ମଚାରୀ, ଓ ସମସ୍ତ ବିଭାଗୀୟ ମୁଖ୍ୟ, ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଏସ୍. ଇ. ରେଳବାଇ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର- ୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଉଲ୍ଲେଖିତ ତାରିଖରେ **୧୫:୦୦ ଘଣ୍ଟା** ପୂର୍ବରୁ ଏବଂ **୧୫:୩୦ ଘଣ୍ଟାରେ ଖୋଲାଯିବ। କ୍ରମ ସଂଖ୍ୟା; ଟେଣ୍ଡର ସଂଖ୍ୟା; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ (ଟଙ୍କା); ଆୟ ଟଙ୍କା (ଟଙ୍କା); ଖୋଲିବାର ତାରିଖ; କାର୍ଯ୍ୟ ସମାପ୍ତି ଅବଧି (୧); E-KGPW-DEN-01-2025;** ଖଡ଼ଗପୁର କର୍ମଶାଳାର ନୂତନ ୱାଗନ ଦୋକାନରେ ପ୍ରତି ମାସରେ ୱାଗନ POH କ୍ଷମତା ୪୫୦ ରୁ ୫୫୦ ୱାଗନକୁ ବୃଦ୍ଧି; **୬,୧୨,୯୦,୧୧୩.୨୩;** ୪,୫୬,୫୦୦.୦୦; ୨୪.୦୩.୨୦୨୫; ୧୨ ମାସ। (୨); **E-KGPW- DEN-02-2025; POH** ଚକ୍ର ସମୟ ହ୍ରାସ କରିବା ପାଇଁ ଖଡ଼ଗପୁର କର୍ମଶାଳାର କୋଚ୍/**EMU/MEMU/DEMUe POH** ଭିତ୍ତିଭୂମିକୁ ବୃଦ୍ଧି କରିବା; **୫,୧୭,୨୩,୦୧୦.୯୧;** ୪,୦୮,୬୦୦.୦୦; ୦୩.୦୪.୨୦୨୫; ୧୮ ମାସ; **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ (ଟଙ୍କା):** ୦.୦୦ (ଉଭୟ ଟେଣ୍ଡର ପାଇଁ)। **ବିଡିଂ ଆରମ୍ଭ ତାରିଖ: Sl. ନମ୍ବର ୧** ପାଇଁ ୧୦.୦୩.୨୦୨୫ ରୁ ଏବଂ ୨୪.୦୩.୨୦୨୫ ରେ **୧୫:୦୦** ଘଣ୍ଟା ପର୍ଯ୍ୟନ୍ତ; **କ୍ରମାନୁସାରେ ୨** ପାଇଁ ୨୦.୦୩.୨୦୨୫ ରୁ ଏବଂ ୦୩.୦୪.୨୦୨୫ରେ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ **"www.ireps.gov.in"** ପରିଦର୍ଶନ କରିପାରିବେ।

**(PR-1228)**

# ବନାଗ୍ନି ନିୟନ୍ତ୍ରଣ ନେଇ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ବାରିପଦା , ୧୨/୩ (ନି.ପ୍ର): ବାରିପଦା ବନଖଣ୍ଡ ତରଫରୁ ଏକ ବନାଗ୍ନି ନିବାରଣ ଏବଂ ନିୟନ୍ତ୍ରଣ ନିମନ୍ତେ ଜନ ସଚେତନତା କାର୍ଯ୍ୟକ୍ରମ ବାଲିଡିହା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦର ଅଧକ୍ଷା ଭାରତୀ ହାଁସଦା ଯୋଗଦେଇ ଜଙ୍ଗଲ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗ୍ରାମ ଏନ.ଜି.ଓ. ର ସମ୍ପାଦିକା ସୁଶ୍ରୀ ସଂଯୁକ୍ତା ବସା, ସ୍ୱାର୍ଦ୍ଦା ଏନ.ଜି.ଓ. ର ସଂପାଦକ ବିବେକାନନ୍ଦ ପଟନାୟକ, ବାରିପଦା ଏ.ସି.ଏଫ. ରବିନାରାୟଣ ମାହାନ୍ତି, ଶିମିଳିପାଳ ଦକ୍ଷିଣ ଏ.ସି.ଏଫ ପ୍ରଶାନ୍ତ କୁମାର ସାହୁ, ଶିମିଳିପାଳ ଉତ୍ତର ଏ.ସି.ଏଫ. ଶୈଳେନ୍ଦ୍ର ଦାସ, ବାରିପଦା ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଅଗ୍ନି ନିବାରଣ ବିଭାଗର ସହକାରୀ ଅଧିକାରୀ ଗୁଣଧର ଜେନା ପ୍ରମୁଖ ଯୋଗଦେଇ ଲୋକଙ୍କୁ ଜଙ୍ଗଲ ଅଗ୍ନି ର ନିବାରଣ ଓ ନିୟନ୍ତ୍ରଣ ବାବଦରେ ସଚେତନ କରାଇ ଥିଲେ। ସହକାରୀ ବନ ସଂରକ୍ଷକ ରବି ନାରାୟଣ ମହାନ୍ତି ଲୋକମାନଙ୍କୁ ଜଙ୍ଗଲ ନିଆଁ ସମ୍ବନ୍ଧରେ ତାଲିମ ଦେଇଥିବା ବେଳେ, ବାରିପଦା ବନଖଣ୍ଡ ଅଧିକାରୀ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲରେ ନିଆଁ ନଲଗାଇବା ନିମନ୍ତେ ସମୁହ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଶାମାଖୁଣ୍ଟା, ସିନ୍ଦୁରଗୌରା, ବାଲିଡିହା, କୁଚିଳାଘାଟି, ଭାଲୁକି ଏବଂ କଳାପଥର ଗ୍ରାମ ପଞ୍ଚାୟତର ସରପଞ୍ଚ ମାନଙ୍କ ସହିତ ନିକଟସ୍ଥ ଅଞ୍ଚଳର ଦେହୁରୀ ଓ ଜଙ୍ଗଲ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଆଡ଼ଆଖି, ବିକୃତ ମାନସିକତାର ପରିଚୟ : ମୋନାଲି

ଉଦଳା , ୧୨/୩ (ନି.ପ୍ର):'ଊର୍ମି' ସଂଗଠନ ତରଫରୁ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପାଳି ହୋଇ ଯାଇଛି । ସଂଗଠନ ତରଫରୁ ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଡ଼ଦା ଗ୍ରାମ ଠାରେ ଦୁଇଦିନ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଚାଲିଥିଲା । ଉତ୍ସବ ଦିନ ପ୍ରଭାତରେ ବହୁସଂଖ୍ୟାରେ ମହିଳା ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ଖେଳରେ ଅଂଶଗ୍ରହଣ କରିଥିଲେ । ଜନଜାଗୃତି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ଉତ୍ସବ ପରିଚାଳନାର ନେତୃତ୍ୱ ନେଇଥିବା



ବେଳେ 'ଊର୍ମି' ସଂଗଠନର ଲିଡ଼ର ମୋନାଲି ମୁର୍ମୁ ମଂଚ ପରିଚାଳନା କରି ପ୍ରତିଟି କ୍ଷେତ୍ରରେ ମହିଳାଙ୍କୁ ଆଡ଼ଆଖି ଏକ ବିକୃତ ମାନସିକତାର ପରିଚୟ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅବନ୍ତି ବେହେରା, ସସ୍ମିତା ମଢ଼େଇ, ସାଉଁରି ମୁର୍ମୁ ଓ ମମତା ଟୁଡୁ ଅଂଶ ଗ୍ରହଣ କରି ନାରୀ ମାନଙ୍କ ସ୍ୱାଧିନତା ଓ ସମାନତା ଅଧିକାରକୁ କିପରି ପ୍ରୋତ୍ସାହନ ଦିଆଯିବା ଦରକାର ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ସଂଗଠନର ସଭାପତି ରାଇମଣି ବାସ୍କେ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । କପାଳ ମାର୍ଣ୍ଡି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାରୁକର ମୁର୍ମୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଆରତି, ଭାରତି, ଗୌତମ, ରୁପାଏ, ରାମଚନ୍ଦ୍ର, ଅଭିଲିପ୍ସା ଓ ରବିନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ ।

## ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର, ନୂଆଗାଁ

(ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ)

ନୂଆଗାଁ, ଲଙ୍ଗଳେଶ୍ୱର, ବାଲେଶ୍ୱର ଅଭିଜ୍ଞ ଶିକ୍ଷକମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଛାତ୍ରଛାତ୍ରୀମାନଙ୍କର ଅରୁଣରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆର୍ଥିକ ଅନଗ୍ରସର, ପଛୁଆ ବର୍ଗ ଜାତି, ଉପ ଜାତି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ଅଧିକାର ଆଇନ (RTE ACT-2009) ନିୟମ ଅନୁଯାୟୀ ୨୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଇଚ୍ଛୁକ ଛାତ୍ରଛାତ୍ରୀମାନେ ମାଗଣାରେ ନାମ ଲେଖାଇ ପାରିବେ। ଏହି ସୁଯୋଗ ନେବାପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଉଛି।

ସ୍ୱାକ୍ଷର
ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର
ପ୍ରଧାନ ଆଚାର୍ଯ୍ୟ

ମୋ: ୯୯୩୭୪୮୫୫୫୨, ୯୮୬୧୦୩୪୮୮୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହୋମଗାର୍ଡ ଚାକିରି ପାଇଁ ...

ରାଉରକେଲା ରିଜର୍ଭ ଲାଇନରେ ଜମିଛି ଚାକିରି ଆଶାୟୀଙ୍କ ଭିଡ଼ । ରାଉରକେଲା ପୋଲିସ ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ଗଲା ଫେବ୍ରୁଆରୀ ୧୯ରେ ବାହାରିଥିଲା ବିଜ୍ଞପ୍ତି। ଅବେଦନର ତାରିଖ ଥିଲା ଫେବ୍ରୁଆରୀ ୨୧ରୁ ମାର୍ଚ୍ଚ ୧୨ । ଏଥିପାଇଁ ଆବେଦନକାରୀଙ୍କ କଂପ୍ୟୁଟର ଜ୍ଞାନ, ଗାଡି ଚାଳନା, ରୋଷେଇ, ବିଦ୍ୟୁତ୍ ମିସ୍ତ୍ରୀ, ପାଇପ ମିସ୍ତ୍ରୀ ଭଳି କ୍ଷେତ୍ରରେ ଦକ୍ଷତା ରହିଥିବା ଆବଶ୍ୟକ। ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ପୂର୍ବରୁ ପଞ୍ଚମ ଶ୍ରେଣୀ ଥିବା ବେଳେ ଏବେ ଏହାକୁ ଦଶମ ଶ୍ରେଣୀ କରାଯାଇଛି। ବୟସ ସୀମା ରହିଛି ୨୦ରୁ ୬୦ ବର୍ଷ । ବଡ଼ କଥା ହେଉଛି ଯେ, ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ। ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ କାର୍ଯ୍ୟକାଳ ୩ ବର୍ଷ । ତଥାପି ହୋମଗାର୍ଡ ଚାକିରି ପାଇଁ ଉଚ୍ଚ ଶିକ୍ଷିତ ଆବେଦନକାରୀ ହାଉଜାଉ । ପ୍ରଶ୍ନ ଉଠୁଛି, ହୋମଗାର୍ଡ ଭଳି ଅସ୍ଥାୟୀ ଚାକିରି ପାଇଁ ଉଚ୍ଚଶିକ୍ଷିତ ପିଲାଙ୍କ ମଧ୍ୟରେ ଏତେ ଉତ୍ସାହ କାହିଁକି ? ବେକାରୀ ସମସ୍ୟା ଏହାର କାରଣ ନୁହେଁ ତ ? ରାଜ୍ୟରେ ସରକାରୀ ଚାକିରିର ଅଭାବ ଉଚ୍ଚଶିକ୍ଷିତ ପିଲାଙ୍କୁ ହୋମଗାର୍ଡ ଚାକିରି ପ୍ରତି ଆକର୍ଷିତ କରିଛି କି ? ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମିର ତଥ୍ୟ ଅନୁସାରେ ୨୦୨୩-୨୪ରେ ରାଜ୍ୟରେ ବେକାରୀ ହାର ଥିଲା ୩.୧ ପ୍ରତିଶତ । ପୂର୍ବ ଆର୍ଥିକ ବର୍ଷରେ ଏହା ୩.୯ ପ୍ରତିଶତ ଥିବାବେଳେ ୦.୮ ପ୍ରତିଶତ ହ୍ରାସ ପାଇଥିବା ଗତ ଫେବ୍ରୁଆରୀରେ ଗୃହରେ ଉତ୍ତର ରଖିଥିଲେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସଂପଦ ସ୍ୱାଇଁ ।

### ବଦଳିଗଲା କି ବିଜେଡିର...

ଯେଉଁ ବୈଠକ ଡାକିଛି ସେଥିରେ ଯୋଗ ଦେବାକୁ ନବୀନଙ୍କୁ ନିମନ୍ତ୍ରଣ କରିଛନ୍ତି ଦୁଇ ନେତା । ଆଉ ନବୀନ ମଧ୍ୟ ଏହି ବୈଠକକୁ ସମର୍ଥନ ଜଣାଇଛନ୍ତି । ବିଜେଡି କହିଛି ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କରାଗଲେ ଓଡ଼ିଶା ବି କ୍ଷତିଗ୍ରସ୍ତ ହେବ। ଆନୁପାତିକ ଭାବେ ଯେତିକି ବିଧାନସଭା ଓ ସଂସଦୀୟ କ୍ଷେତ୍ରରେ ସିଟ୍ ମିଳିବ କଥା ମିଳିବ ନାହିଁ। ୨୦୨୬ରେ ଜନସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଛି । ଯାହାକୁ ତାମିଲନାଡୁ ସମେତ ଦକ୍ଷିଣ ଭାରତର କିଛି ରାଜ୍ୟ ବିରୋଧ କରୁଛନ୍ତି । ଯୁକ୍ତି ଦର୍ଶାଉଛନ୍ତି ଏହା ହେଲେ ଜନସଂଖ୍ୟା ନିୟନ୍ତ୍ରଣ କରୁଥିବା ରାଜ୍ୟଗୁଡିକରେ ସିଟ୍ ସଂଖ୍ୟା କମିବ ଏବଂ ଜନସଂଖ୍ୟା ବହୁଳ ରାଜ୍ୟରେ ସିଟ୍ ବଢିବ । ଯେଉଁଥିପାଇଁ ଷ୍ଟାଲିନ୍ କେନ୍ଦ୍ରର ଏହି ଆଭିମୁଖ୍ୟକୁ ବିରୋଧ କରି ଓଡ଼ିଶା ସମେତ ପ୍ରଭାବିତ ହେବାକୁ ଥିବା ୭ ରାଜ୍ୟର ସହଯୋଗ ଲୋଡୁଛନ୍ତି । ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, କର୍ଣ୍ଣାଟକ, କେରଳ ଓ ତେଲେଙ୍ଗାନାର ରାଜନୈତିକ ଦଳ ଓ ସରକାରୀ ଦଳକୁ ମଧ୍ୟ ବୈଠକକୁ ନିମନ୍ତ୍ରଣ କରିଛନ୍ତି ଷ୍ଟାଲିନ । ବିଜେଡି କ୍ଷମତାରୁ ଯିବା ପରେ ଏବେ ଏହି ପ୍ରକ୍ରିୟାକୁ ବିରୋଧ ଆରମ୍ଭ କରିଛି। ଦଳର ଯୁକ୍ତି ଏହାଦ୍ୱାରା ଗଣତନ୍ତ୍ରର ହତ୍ୟା ହେବ। ବର୍ତ୍ତମାନ ସମୟରେ ସମଦୂରତା ଅପେକ୍ଷା ସମ୍ବିଧାନ ରକ୍ଷା ଗୁରୁତ୍ୱପୂର୍ଣ୍ଣ। ସେପଟେ ବିଜେପି, ନବୀନଙ୍କ ଏ ନିଷ୍ପତ୍ତି ପଛରେ ପାଣ୍ଡିଆନ୍ ବୋଲି ପରୋକ୍ଷରେ କହି କଡା ସମାଲୋଚନା କରିଛି। ବିଜୁ ବାବୁ ସୀମା ପୁନର୍ନିର୍ଦ୍ଧାରଣକୁ ସମର୍ଥନ କରୁଥିଲେ। କିନ୍ତୁ ନବୀନ ବାବୁ ଏହାକୁ ବିରୋଧ କରିବା ଭିନ୍ନ ଅର୍ଥ ଦର୍ଶାଉଛି। ରାଜନୈତିକ ସମୀକ୍ଷକଙ୍କ ମତ ହେଲା ବିଜେଡି ୨୦୨୪ ପରେ ଆଉ ସମଦୂରତା ନୀତି ଅବଲମ୍ବନ କରୁନାହିଁ।

### ଗିରଫ ହେବ ବିଜେଡି ...

ଦୁର୍ନୀତି କରିବ ଦଣ୍ଡ ପାଇବ ବୋଲି କହି ବିଜେଡିକୁ ଘେରିଥିଲେ ମମତା ମହାନ୍ତ । ଅନ୍ୟପଟେ ମମତାଙ୍କ ଏହି ଆରୋପର ଜବାବ ରଖିଥିଲେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ । ସେ କହିଛନ୍ତି- ମାମଲା ତଦନ୍ତ ଚାଲିଛି, ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବ ସରକାର ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ।

### ୨ଦିନ ନିଆଁ ...

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଜି ବି ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ହେବ। ଅଧା ଓଡ଼ିଶାରେ ପାରଦ ୪୦ ଡିଗ୍ରୀ ପାର କରିବା ସମ୍ଭାବନା ରହିଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ଭିତରେ ଯେତେଦୂର ସମ୍ଭବ ଘରୁ ପଦାକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ପରିସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏଥିସହ ଆସନ୍ତା ୪ ଦିନ ଭିତରେ ଆଭ୍ୟନ୍ତରୀଣ ଓଡ଼ିଶାରେ ବଢିବ ତାତି। ସୂଚନା ଅନୁସାରେ ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ଉପର ମୁହାଁ ହୋଇଛି ପାରଦ । ମାର୍ଚ୍ଚ ମାସ ଯେତିକି ବଢୁଛି, ରାଜ୍ୟରେ ଖରାର ପ୍ରକୋପ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାତି ଛୁଇଁଛି ୩୯ ଡିଗ୍ରୀ । ଝାରସୁଗୁଡାରେ ମାର୍ଚ୍ଚ ୪ ତାରିଖରେ ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ସେହିଭଳି ଅନ୍ୟ ସହରରେ ବି ତାପମାତ୍ରା ଉପରମୁହାଁ ହୋଇଛି ।

### ବାଂଲାଦେଶୀଙ୍କ ଉପରେ...

ଅନୁପ୍ରବେଶ କରି ରାଜଧାନୀ ଭୁବନେଶ୍ୱର ଆଖପାଖରେ ଡେରା ପକାଉଥିବା ବାଂଲାଦେଶୀଙ୍କ ଉପରେ ପୁଲିସ କଡ଼ା ନଜର ରଖିଛି । ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ କଡ଼ା ପାଟ୍ରୋଲିଂ ସହ ଛଦ୍ମବେଶୀଙ୍କୁ ସ୍କାନରରେ ରଖିବା ପାଇଁ ଏସପିମାନଙ୍କୁ ପୁଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି । ଅନୁପ୍ରବେଶୀ ଓ ଜଳଦସ୍ୟୁଙ୍କୁ ଜଗିବ ଡ୍ରୋନ୍ । ଜଳପଥରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଓଡ଼ିଶା ପୁଲିସ ପ୍ରସ୍ତୁତି କରୁଛି । ଉପକୂଳରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ । ରାଜ୍ୟରେ ୪୮୦ କିଲୋମିଟର ଉପକୂଳରେ ୧୮ଟି ମେରାଇନ ଥାନା ଥିବା ବେଳେ ୧୫ଟି ବୋଟ୍ ପାଟ୍ରୋଲିଂ ପାଇଁ ରହିଛି । ୧୦ଟି ନୂଆ ଫିସିଂ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି । ଇଣ୍ଟରସେପ୍ଟର ବୋଟ ମଧ୍ୟ ବ୍ୟବହାର କରାଯିବ । ଅନୁପ୍ରବେଶୀ ବାଂଲାଦେଶୀଙ୍କ ଦ୍ୱାରା ନିଶା କାରବାର, ବନ୍ଧୁକ ଚାଲାଣ, ଜାଲ ନୋଟ ବ୍ୟବହାର ଆଦି ବଢୁଥିବାରୁ ଏହାର ମୁକାବିଲା ପାଇଁ ଓଡ଼ିଶା ପୁଲିସ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ।

# ଲଙ୍ଗଳେଶ୍ୱରଠାରେ ବ୍ଲକ ପ୍ରତିଷ୍ଠା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀଙ୍କୁ ଦାବିପତ୍ର ପ୍ରଦାନ

ଲଙ୍ଗଳେଶ୍ୱର ୧୨/୩(ନିପ୍ର) ବାଲେଶ୍ୱର ଜିଲ୍ଲାର ଲଙ୍ଗଳେଶ୍ୱର ଠାରେ ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ବାଲିଆପାଳ ଓ ବସ୍ତା ବ୍ଲକ ଅନ୍ତର୍ଗତ ୧୮ ଟି ପଞ୍ଚାୟତର ଶତାଧିକ ଲୋକମାନେ ଏକତ୍ରିତ ହୋଇ ଦାବି କରିଆସୁଛନ୍ତି। ଲଙ୍ଗଳେଶ୍ୱର ପଞ୍ଚାୟତ ସମିତି ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଭୁବନେଶ୍ୱର ଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। କମିଟି ପକ୍ଷରୁ ଦେବେନ୍ଦ୍ର ଗିରି, ଡଃ ଅରବିନ୍ଦ



ବେଜ, ତୁଷାରକାନ୍ତ ବେହେରା, ମହେଶ୍ୱର ଜେନା, ଗଗନ ବିହାରୀ ସାହୁ, ସରପଞ୍ଚ ଧରଣୀଧର ମଲ୍ଲିକ, ରାଧାବଲ୍ଲଭ ମଣ୍ଡଳ, ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଅଶ୍ୱିନୀ ଜେନା, ମନମୋହନ ସେଠୀ, ଘନଶ୍ୟାମ ପଟାୟତ,ଶଚିନ୍ଦ୍ର ପାତ୍ର, ବ୍ରହ୍ମାନନ୍ଦ ମୈକାପ ପ୍ରମୁଖ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ନୂତନ ବ୍ଲକ ଗଠନ ପାଇଁ କମିଶନ ଗଠନ ହେଲେ ଲଙ୍ଗଳେଶ୍ୱର ଠାରେ ବ୍ଲକ ପ୍ରତିଷ୍ଠା କରିବାପାଇଁ ସହଯୋଗ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୁଜାରୀ କହିଛନ୍ତି।

**OFFICE OF THE SUPERINTENDING ENGINEER,**
**M.I.DIVISION, JASHIPUR**
**AT/P.o.-Khairi-Jashipur, Dist.-Mayurbhanj, PIN-757091**
**Email :eemijashipur@yahoo.com**

**Corrigendem Notice to e-TCN-08/MIDJSP/2024-25**

The Tender invited vide e-TCN no.08/MIDJSP/2024-25 dated 04.03.2025 of M.I. Division Jashipur is hereby cancelled due some unavoidable circumstances.

*Yours faithfully,*
**OIPR: 32282/11/0009/2425**
**Superintending Engineer**
**M.I. Division, Jashipur**

# ଜାକଜମକରେ ସରିଲା ବଟେଶ୍ୱର ହରିହର ମେଳନ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ଖଇରା, ୧୨/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଟେଶ୍ୱର ବୁଢା ମହାଦେବ ମନ୍ଦିର ପ୍ରାଙ୍ଗଣରେ ୨୪ବର୍ଷ ଧରି ପାଳୀତ ହୋଇ ଆସୁଥିବା ହରିହର ମେଳନ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ବୁଧବାର ସଂଧ୍ୟାରେ ଜାକଜମକରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ନୃତ୍ୟଗୀତ ପ୍ରତିଯୋଗିତା ଉଦ୍‌ଘାଟନୀ ସଭାରେ କମିଟି ସଭାପତି ସନ୍ତୋଷ କୁମାର ଶତପଥି ପୌରହିତ୍ୟ କରିଥିଲେ । ତହସିଲଦାର ଅମିତ କୁମାର ହୋତା ମୁଖ୍ୟଅତିଥି, ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ମୁଖ୍ୟବକ୍ତା, ଖଇରା ଦୁର୍ଗାପୂଜା କମିଟି ସମ୍ପାଦକ ରାଧାକାନ୍ତ ପାତ୍ର, ସାମ୍ବାଦିକ ଅନାମ ଚରଣ ପଣ୍ଡା ଓ ଉତ୍କଳବନ୍ଧୁ ପଣ୍ଡା, ବିଚାରକ କିଶୋର କୁମାର ରାଉତ ଓ ବସନ୍ତ କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଆନନ୍ଦ କୁମାର ଦାସ ମଞ୍ଚ ପରିଚାଳନା ଓ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ବେଦପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଶିଷ୍ଟ ଲୋକପ୍ରତିନିଧି ମାନେ ଯୋଗ ଦେଇ ନୃତ୍ୟଗୀତରେ ସଫଳତା ଲାଭ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ବିଭିନ୍ନ ଅଞ୍ଚଳରୁ ସୁସଜ୍ଜିତ ଦୋଳ ବିମାନ ବାଜା ରୋଷଣି, ଭାଜନ ସଙ୍କିର୍ତ୍ତନ ର ତାଳେ ତାଳେ ମେଳା ମଣ୍ଡପକୁ ବିଜେ କରିଥିଲେ । ସମ୍ପାଦକ ମାନସ କୁମାର ଜେନା, ସହ ସମ୍ପାଦକ ରାମଚନ୍ଦ୍ର ବେହେରା, କୋଷାଧକ୍ଷ ଅତୁଲ୍ୟ ଦାଶ, ବରିଷ୍ଠ ସଦସ୍ୟ ଭୋଳାନାଥ ମହାପାତ୍ର, ବସନ୍ତ କୁମାର ମହାପାତ୍ର, ପଦ୍ମଲୋଚନ ମହାପାତ୍ର, ଦେବବ୍ରତ ଦାସ, ରାମଚନ୍ଦ୍ର ଜେନା, ଜୟନ୍ତ କୁମାର ବେହେରା, ସତ୍ୟଜିତ ଦାସ, ପ୍ରଫୁଲ୍ଲ ମହପାତ୍ର, ପ୍ରଦୀପ କୁମାର ମହାପାତ୍ର, ସିଲୁ ମିଶ୍ର, ରଞ୍ଜନ ବୈଶାଖ, ଦିପକ କମାର ବେହେରା, ଓମ ଦାସ, ସମ୍ଭୁନାଥ ନାୟକ, ମଣ୍ଟୁ ମହାପାତ୍ର, ବିଷ୍ଣୁ ମହପାତ୍ର, କାହ୍ନୁ ଦେଉରୀ, ଡମ୍ବରୁ ଜେନାଙ୍କ ସମେତ କଣ୍ଟାପଡା ଶାସନ ଓ ବଟେଶ୍ୱର ଗ୍ରାମବାସୀ ସହଯୋଗ କରିଥିଲେ ।

# ତୃତୀୟ ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବ ଉଦ୍ଘାଟିତ

ନୀଳଗିରି , ୧୨/୩ (ନି.ପ୍ର): ନୀଳଗିରି ମାଟିର ସର୍ବବୃହତ ତଥା ପ୍ରତିଷ୍ଠିତ ମହୋତ୍ସବ ସ୍ୱର୍ଣଚୁଡ ଯୁବମହୋତ୍ସବ ୨୦୨୫ଏକ ବର୍ଣ୍ଣାଢ୍ୟ ସନ୍ଧ୍ୟାରେ କେ.ସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ସନ୍ଧ୍ୟାରେ ଚାନ୍ଦିପୁର ଡିଆରଡିଓ ର ନିର୍ଦ୍ଦେଶକ ସୁବୋଧ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବଶକ୍ତି ଦେଶର ମେରୁଦଣ୍ଡ କହିବା ସହିତ ଏକ ସଶକ୍ତ ଯୁବପୀଢ଼ି ସମାଜଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଉଦବୋଧନ ଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଅତିଥି ଆହ୍ୱାନ ସହିତ ସ୍ୱାଗତ ସଙ୍ଗୀତର ମୂର୍ଚ୍ଛନାରେ ଜଗତରନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପାଞ୍ଜଳି ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାରେ ବିଶିଷ୍ଟଅତିଥି ପିଏକ୍ସଇ ଚାନ୍ଦିପୁରର କର୍ଣ୍ଣେଲ ଗୁଣାକର ବାରିକ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପାଇଁ ନୀଳଗିରି ଯୁବସମାଜକୁ ଧନ୍ୟବାଦ ଦେବା ସହ ଆଗାମୀ ପିଢ଼ିକୁ ଦିଗ୍ଦର୍ଶନ ଦେବବୋଲି ବକ୍ତବ୍ୟ ରଖିଥିଲେ । ନୀଳଗିରିର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଦୈନିକ ଖବରକାଗଜ ସମାଜ ନୀଳଗିରି ପ୍ରତିନିଧି ଅତୁଲ କୁମାର ସ ଯୋଗଦେଇଥିଲେ । ଏହି ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଗାୟକ, କଳାକାର ଯୋଗଦେଇ ଉତ୍ସବକୁ ରଙ୍ଗୀନ କରିଥିବା ବେଳେ ସ୍ଥାନୀୟ ଛୋଟଛୋଟ ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ ପ୍ରମୁଖ ଯୋଗଦେଇ ସେମାନଙ୍କର କଳାନୈପୂର୍ଣ୍ଣ ପ୍ରଦର୍ଶନ କରିଥିଲେ । ପରେ କମିଟି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ବ୍ଲକସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର

ଭଦ୍ରକ, ୧୨/୩ (ନି.ପ୍ର): ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ବ୍ଲକ ସ୍ତରୀୟ ପରାମର୍ଶଦାତା କାଉନ୍‌ସିଲର ପ୍ରଶିକ୍ଷଣ ଶିବିର ବିନ୍ଦୁ ମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଭଦ୍ରକ, ବନ୍ତ ଓ ବାସୁଦେବପୁର ବ୍ଲକ୍‌ର ୧୦୫ଟି ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ପରାମର୍ଶ ଦାତା ଶିକ୍ଷକମାନେ ଯୋଗଦାନ କରିଥିଲେ । ଏଥିରେ ରେଡ଼କ୍ରସର ଇତିହାସ ଓ ହେନେରି ଡୁନାଣ୍ଟଙ୍କ ଜୀବନି, ପ୍ରାଥମିକ ଉପଚର, ସଡ଼କ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଶିଶୁ ସୁରକ୍ଷା ସହିତ ବ୍ଲକ୍ ସ୍ତରୀୟ ତଥ୍ୟ ସଂଗ୍ରହ ପ୍ରସ୍ତୁତି କରାଯାଇଥିଲା । ଏହାର ଉଦ୍‌ଘାଟନି ସଭା ଭଦ୍ରକ ଜୁନିୟର ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ, ଚଣ୍ଡିଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାଝି, ବାଗୁରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ । ବାସୁଦେବପୁର ବ୍ଲକ୍ ସଂଯୋଜକ ମହେଶ୍ୱର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ବନ୍ତ ବ୍ଲକ ସଂଯୋଜକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ଓ ଭଦ୍ରକ ବ୍ଲକ ସଂଯୋଜକ ଅଜୟ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ । ସାଧନ କର୍ମୀ ଭାବରେ ତରଣୀ ସେନ ଜେନା, ଲିଜା ଦାସ, ସୁଶାନ୍ତ କୁମାର ବିଶ୍ୱାଳ ଯୋଗଦାନ କରିଥିଲେ । ଶାନ୍ତିଲତା ପଣ୍ଡା, ରୁପାଲି ମଧୁଛନ୍ଦା ଜେନା, ସୁକାନ୍ତ ଜେନା, ରିନା ରାଉଳ ଉକ୍ତ କାଯ୍ୟକ୍ରମ ପରିଚ୍ଛଳନାରେ ସହଯୋଗ କରିଥିଲେ ।

## ଜେଜେଙ୍କ ଦଶାହ ଦିନ ପାଣିରେ ବୁଡି ନାତି ମୃତ

ଖଇରା, ୧୨/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ନୂଆଗାଁବଡ ଗ୍ରାମରେ



ଜେଜେଙ୍କ ଦଶାହ କାର୍ଯ୍ୟ ନସୁରୁଣୁ ପାଣିରେ ବୁଡି ମୃତ୍ୟୁ ବରଣ କରିବା ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଗାଁର ଉପେନ୍ଦ୍ର ଲେଙ୍କାଙ୍କ ମୃତ୍ୟୁ ପରେ ବୁଧବାର ଦଶାହ ପାଇଁ ଗାଁ ପୋଖରୀ ତୁଠରେ ବନ୍ଧୁବାନ୍ଧବ ଶୁଦ୍ଧିକ୍ରିୟା ପାଇଁ ଏକଜୁଟ ହୋଇଥିଲେ । ଘଟଣାକ୍ରମେ ଉପେନ୍ଦ୍ରଙ୍କ ନାତି ଜଗନ ମୋହନ(୨୦) ଲଣ୍ଡା ହେବା ପରେ ପୋଖରୀ ଭିତରକୁ ଯାଇଥିଲେ । ହେଲେ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ । ପରେ ସେ ଦିର୍ଘସମୟଧରି ଉପରକୁ ନଆସିବାରୁ ଖବରପାଇ ଔପଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଗନମୋହନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଇରା ମେଡିକାଲକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଜଗନମୋହନ ଏବେ ଖଇରା ମହବିଦ୍ୟାଳୟର +୩ ପ୍ରଥମ ବର୍ଷରେ ଛାତ୍ର ଅଟନ୍ତି ।

# ମା’ ଭଗବତୀ ପିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ମହାପାତ୍ର ଫାଇଟର ଚାମ୍ପିୟନ

ବସ୍ତା, ୧୨/୩ (ନି.ପ୍ର): ବସ୍ତା ବ୍ଲକ କୁଡିଆ ପଞ୍ଚାୟତ ଅନ୍ତର୍ଗତ ପେଗରପଡା ଖେଳ ପଡିଆରେ ମା ଭଗବତୀ କ୍ଲବ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ପିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଅଛି । ଆଠଦିନ ଧରି ଟୁର୍ଣ୍ଣାମେଣ୍ଟ ଚାଲୁଥିବାବେଳେ ୭ଟିଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲରେ ଅମରନାଥ ଫାଇଟର କ୍ରିକେଟ ଟିମ ୧୫ ଓଭରରେ ୮ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲେ ।ଜବାବରେ ମହାପାତ୍ର ଫାଇଟର କ୍ରିକେଟ ଟିମ ୧୩ ଓଭରରେ ୨ଟି ଉଇକେଟ ହରାଇ ୧୪୦ରନ କରି ବିଜୟ ହାସଲ କରିଥିଲେ । ଉଦଯାପନୀ ସମାରୋହରେ ମୂଖ୍ୟ ଅତିଥି ଭାବେ ପରିବେଶବିତ ତଥା



ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ସୁମନ୍ତ କୁମାର ଜେନା, ମୁଖ୍ୟ ବକ୍ତା କୁଡିଆ ପଞ୍ଚାୟତ ର ସମିତିସଭ୍ୟ ଜୟ ପ୍ରକାଶ ବେହେରା, ଦୁଷ୍ମନ୍ତ ଜେନା, ଅଶୋକ ପଣ୍ଡା ,ଦନାର୍ଦ୍ଦନ ଦାସ ,ବୌଦ୍ୟନାଥ ପାତ୍ର ,ଶ୍ରୀକାନ୍ତ ଦାସ, ତପନଧଳ, କୌସିକ ରଣା, କାଳିଆ ସ୍ୱାଇଁ ,ତପନପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଜେତା ମହାପାତ୍ର ଫାଇଟରସ୍ କୁ ନଗଦ ୨୦ହଜାର ଟଙ୍କା ସହ ଟ୍ରଫି ମୂଖ୍ୟ ଅତିଥି ଶ୍ରୀଜେନା ଦେଇଥିବା ବେଳେ ରନର୍ସଅପ୍ ଅମରନାଥ ଫାଇଟସ୍ କୁ ୧୭ହଜାର ଟଙ୍କା ସମ୍ମାନୀତ ଅତିଥିଶ୍ରୀ ବେହେରା ପ୍ରଦାନ କରିଥିଲେ । ମେନ ଅଫ ଦି ମେଚ ନିପୁନ ପାତ୍ର, ରେଫେରୀ ଲାଲା ଘୋଷ ହିତେଶଜେନା. ଧାରାବିବରଣୀ ଅରୁଣଦୋୟ ପାତ୍ର କରିଥିଲେ କ୍ଲବର ସମସ୍ତ ସଦସ୍ୟ ପରିଚାଳନା ଦାଇତ୍ୱ ବହନ କରିଥିଲେ । ଫାଇନାଲ ମ୍ୟାଚ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା ।

# ଜିଲ୍ଲାପାଳଙ୍କୁ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ସ୍ମାରକପତ୍ର

ବାଲେଶ୍ୱର , ୧୨/୩ (ନି.ପ୍ର): ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ଜିଲ୍ଲାପାଳଙ୍କୁ ଭେଟି ୩ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗତ ଦୁଇବର୍ଷ ତଳେ ବିଗତ ସରକାର ଚୁକ୍ତିଭିର୍ତିକ ପ୍ରଥା ଉଛେଦ କରିଥିଲେ କିନ୍ତୁ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ ପାଇଁ ପଦକ୍ଷେପ ନେଇ ନଥିଲେ । ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟପରେ ପୂର୍ବ ସରକାର ପ୍ରତିଶ୍ରୁତି ଦେଇ ମଧ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ଦେଇନାହାନ୍ତି, ନିର୍ବାଚନର କିଛି ମାସ ତଳେ ୨୫ ପ୍ରତିଶତ ଦରମା ବୃଦ୍ଧି କରିଥିଲେ କିନ୍ତୁ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଏଯାଏ ମିଳିନାହିଁ । ଛଟେଇ କର୍ମଚାରୀଙ୍କୁ



ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡେଲିଓ୍ୱେଜେସ୍ କର୍ମଚାରୀଙ୍କୁ ସମାନ ଆର୍ଥିକ ଓ ଆନୁଷଙ୍ଗିକ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଆଜିର ମହଙ୍ଗା ବଜାରରେ ୮-୧୦ ହଜାର ଟଙ୍କାରେ ଚଳିବା କଷ୍ଟସାଧ, ତେଣୁ ରାଜ୍ୟ ସରକାର ଅବିଳମ୍ବେ ସମାନ କାମକୁ ସମାନ ଦରମା ଦେବା ସହ ସମସ୍ତ ଦାବିକୁ ପାଳନ କରନ୍ତୁ ବୋଲି ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି । ଯଦି ରାଜ୍ୟ ସରକାର ମାର୍ଚ୍ଚ ୧୯ ତାରିଖ ପୂର୍ବରୁ ଦାବୀ ପୂରଣ ନ କରନ୍ତି ତାହେଲେ ବାଧ ହୋଇ ମାର୍ଚ୍ଚ ୨୪ ତାରିଖରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ବସିବୁ ବୋଲି ରାଜ୍ୟ ଗଣମାଧମ ସଂଯୋଜକ ସାନୁ କୁମାର ଶାସମଲ କହିଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ ଜିଲ୍ଲା ଉପସଭାପତି ଦେବାଶିଷ ଜେନା, ଜିଲ୍ଲା ଗଣମାଧମ ସଂଯୋଜକ ସତ୍ୟଗୋପାଲ ଓଝା, ସତ୍ୟଜିତ ଦତ୍ତ, ମାନସ ଜେନା, ମିତା ରାଣୀ ମାଇତି, ଦେବକୀ ବେହେରା, ପ୍ରିୟଙ୍କା ନାୟକ, ବିଜୟ କୃଷ୍ଣ ପାଲ ସମେତ ବିଭିନ୍ନ ବିଭାଗର ଆଉଟସୋର୍ସିଂ କର୍ମଚାରୀ ଯୋଗ ଦେଇଥିଲେ ।

# ସୁବର୍ଣ୍ଣରେଖା ମହୋତ୍ସବ ଓ ୩୨ ବେଶର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମ

## କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତାଙ୍କ ଗୀତରେ ନାଚିଲେ ଦର୍ଶକ

ଜଳେଶ୍ୱର, ୧୨/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ସାନରାଉତପଡ଼ା ଗ୍ରାମର ସୁବର୍ଣ୍ଣରେଖା ନଦୀ ପଠାରେ ଆୟୋଜିତ ସୁବର୍ଣ୍ଣରେଖା ମହୋତ୍ସବ ଓ ୩୨ ବେଶର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରତି ଦିନ ଭଳି ଜଗନ୍ନାଥଙ୍କ ୩୨ ବେଶରେ ସନ୍ଧ୍ୟା ଆଳତି ପରେ ମଞ୍ଚରେ ଏକ ସଭା ଆହୋଜନ କରା ଯାଇଥିଲା । ଉକ୍ତ ସଭାରେ ସମାଜସେବୀ ତଥା ମହୋତ୍ସବ କମିଟିର କର୍ମକର୍ତ୍ତା କାଳିଚରଣ ଦାସଙ୍କ ମଞ୍ଚ ଆହ୍ୱାନରେ ମୁଖ୍ୟ ଅତିଥି ସିଦ୍ଧେଶ୍ୱର ମହା ବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ପରିଡ଼ା, ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟର ଓଡ଼ିଆ ଅଧାପକ ଡକ୍ଟର ନିଳକଣ୍ଠ ଖଣ୍ଡା, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଭୂପତି କୁମାର ପରିଡ଼ା ଓ କୋଟସାହି କ୍ଷିରୋଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତପନ କୁମାର ସାହୁ ଉପସ୍ଥିତ ହୋଇ ଏଭଳି ଜଗନ୍ନାଥଙ୍କ ୩୨ ବେଶ ନଦୀ ପଠାରେ ବେଶ ଉଚ୍ଚ କୋଟିର ହେବା ସହିତ ସତରେ ଏହା ସରଧା ବାଲିରେ ପରିଣତ ହୋଇ ଯାଇଛି । ଏଥିପାଇଁ ମୁଖ୍ୟ ଆୟୋଜକ ବ୍ରଜ ମୋହନ ପ୍ରଧାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ଶିକ୍ଷକ ତପନ କୁମାର ସାହୁ ସମସ୍ତ ଅତିଥି ଓ ଦର୍ଶକ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।୩୨ ବେଶରେ ଗୋଟିଏ ଗୋଟିଏ ବେଶ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନଙ୍କ ଦ୍ୱାରା ମଞ୍ଚରେ ସମ୍ବର୍ଦ୍ଧିତ କରା ଯାଇଥିଲା । ପରେ ସୁନାମଧନ୍ୟ କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତାଙ୍କ ଗୀତରେ ଦର୍ଶକ ମତୁଆଲା ହୋଇ ନାଚିବାକୁ ଲାଗିଥିଲେ । ତାଙ୍କ ସହ ବଙ୍ଗଳା କଣ୍ଠଶିଳ୍ପୀ ଅର୍ଣ୍ଣବ ରୟ ହିନ୍ଦୀ ବଙ୍ଗଳା ଭାଷାରେ ସୁନ୍ଦର ଭାବରେ ଗୀତ ପରିବେଷଣ କରିଥିଲେ । ମୁଖ୍ୟ ଆୟୋଜକ ବ୍ରଜ ମୋହନ ପ୍ରଧାନ ଉଭୟ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଗୀତ ଶୁଣିବା ପାଇଁ ହଜାର ହଜାର ଦର୍ଶକ ମଞ୍ଚ ସମ୍ମୁଖରେ ବସି ରହିଥିଲେ ।




# ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ

ବାସୁଦେବପୁର, ୧୨/୩ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାର୍ଯ୍ୟାଳୟ ରେ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଏହି ଶିବିର ରେ ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା, କାନାଡା ବ୍ୟାଙ୍କ୍ ମ୍ୟାନେଜର ସୁରେଶ ଚନ୍ଦ୍ର ପ୍ରଧାନ, ଶିଳ୍ପ ବିକାଶ ଅଧିକାରୀ ଶଶି ଶେଖର ବେହେରା, କବି ଓ ଶିକ୍ଷାବିତ୍ ରତ୍ନାକର ବାରିକ୍ ପ୍ରମୁଖ ଏହି ଶିବିରରେ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । କୋଡ଼ିନେଟର ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ୩୦ ଜଣ ପୁରୁଷ ଓ ମହିଳା ଯୋଗ ଦେଇ ତାଲିମ୍ ନେଇଥିଲେ । ବିଭିନ୍ନ ବ୍ୟକ୍ତିଙ୍କୁ ଏହି ଶିବିରରେ ପ୍ରମାଣ ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।



# ଦ୍ୱାଦଶତମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ପାଳନ ଅବସରରେ ଶାସ୍ତ୍ରୀୟ ଭାଷା ଓଡିଆ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର , ୧୨/୩ (ନି.ପ୍ର): ଓଡ଼ିଆ ଭାଷା ସର୍ବଭାରତୀୟ ସ୍ତରରେ ଶାସ୍ତ୍ରୀୟ ସ୍ୱୀକୃତି ପାଇସାରିଛି, ମାତ୍ର ଶିକ୍ଷାକ୍ଷେତ୍ରରେ ପାଠ୍ୟପୁସ୍ତକ ଭାବରେ ଏ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇ ନାହିଁ । ଏପରିକି ଓଡ଼ିଶାର ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ, ସାମାଜିକ ତଥା ଭାଷା ଓ ସାହିତ୍ୟର ତଥ୍ୟଭିତ୍ତିକ ଇତିହାସ ଏ ପର୍ଯ୍ୟନ୍ତ ଲେଖା ଯାଉନାହିଁ । ତେଣୁ ଶାସ୍ତ୍ରୀୟତା ଆଧାରରେ ଓଡ଼ିଶା ଇତିହାସ ପୁନଃଲିଖନର ଆବଶ୍ୟକତା ଅଛି ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଚନ୍ତି । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଓଡ଼ିଆ ଭାଷାପାଇଁ ସମର୍ପିତ ବ୍ୟକ୍ତିତ୍ୱ ଡକ୍ଟର ସୁବ୍ରତ କୁମାର ପୃଷ୍ଟିଙ୍କ ଅବଦାନକୁ ଏ ଜାତି ଚିର ସ୍ମରଣୀୟ ରଖିବା ସହିତ ଆଜିର ଏହି ପବିତ୍ର ଦିନରେ ତିନୋଟି ଅମୂଲ୍ୟ ଗ୍ରନ୍ଥ ଶାସ୍ତ୍ରୀୟତା ଏକ ସଂଘର୍ଷ, ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ, ଏବଂ ଶାସ୍ତ୍ରୀୟ ଭାଷା ଓଡ଼ିଆ ପୁସ୍ତକ ଉନ୍ମୋଚିତ କରି ନିଜକୁ ଗର୍ବିତ ମନେ କରୁଛି । ଡକ୍ଟର ପୃଷ୍ଟିଙ୍କର ଭାଷା, ଇତିହାସ, ସଂସ୍କୃତିକୁ ଖୋଜି ଉପଯୁକ୍ତ ତଥ୍ୟ ଆଧାରରେ ଅଢେଇ ବର୍ଷର ଭାଷା ବୋଲି ପ୍ରମାଣିତ ହେବା ଆମପାଇଁ ଗୌରବ ଆଣି ଦେଇଛି । ଅଥଚ ଏହି ଗୌରବ ଆଣିଥିବା ଡକ୍ଟର ପୃଷ୍ଟି ପ୍ରଚ୍ଛଦପଟ୍ଟରୁ ହଜିଯିବା ଏ ଜାତିର ଦୁର୍ଭାଗ୍ୟକୁ ସୁଚାଉଛି । ବର୍ତ୍ତମାନ ଓଡ଼ିଶା ସରକାର ଏ ଦିଗରେ ବିଭିନ୍ନ ପଦକ୍ଷେପ ନେବାପାଇଁ ଉଦ୍ୟମ କରୁଛନ୍ତି । ଲୋକାର୍ପି ହୋଇଥିବା ତିନୋଟି ପୁସ୍ତକର ଆଲୋଚନା କରି ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ଗାଳ୍ପିକ ଦେବ ପ୍ରସାଦ ଦାସ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଶାସ୍ତ୍ରୀୟତା ପ୍ରାପ୍ତିର ପ୍ରାକ୍ ଇତିହାସ ସହିତ ଓଡ଼ିଶାର ଲୁକ୍କାୟିତ ଇତିହାସକୁ ଉନ୍ମୋଚନ କରିଥିଲେ । ସଭାର ଉଦ୍ଘାଟକ ଭାବରେ ପଦ୍ମଶ୍ରୀ କୁମକୁମ ମହାନ୍ତି, ଡକ୍ଟର ପୃଷ୍ଟିଙ୍କ ଉଦ୍ୟମକୁ ପ୍ରଶଂସା କରିଥିବା ବେଳେ ଶାସ୍ତ୍ରୀୟତା ରାଜନୈତିକ ରୂପ ଦେଇ ସଫଳତା ଆଣିଥିବା ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପଞ୍ଚାନନ କାନୁନ୍ ? ?ଗୋ ଶାସ୍ତ୍ରୀୟତା ସଂଗ୍ରାମର ସ୍ମୃତିଚାରଣ କରି ସୁବ୍ରତ ପୃଷ୍ଟିଙ୍କ ଏକଜିଦିଆ ଗୁଣପାଇଁ ବାରମ୍ବାର ଗାଳି ଦେଉଥିଲେ ବି ଏହା କିପରି ଓଡିଆ ଭାଷାକୁ ଶାସ୍ତ୍ରୀୟମାନ୍ୟତା, ଓଡିଆ ବିଶ୍ୱବିଦ୍ୟାଳୟ, ସ୍ଥାପନା, ଓଡିଆରେ ଉଚ୍ଚଶିକ୍ଷା, ଓଡିଆରେ ନିଯୁକ୍ତି ପରୀକ୍ଷାର ବାଟ ଫିଟାଇ ପାରିଛି, ତାହା ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୀର ଅହମ୍ମଦ ଅଲ୍ଲୀ, ନିରଦ ବରଣ ଖୁଣ୍ଟିଆ, ମନମୋହନ ସାହୁ, ତୁଳସୀ ବିଶ୍ୱାଳ, ରଶ୍ମିତା ଗିରି, ମନୋଜ ସାହୁ ଓ ଦେବେନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଓଡ଼ିଶାର ବିଶିଷ୍ଟ ପ୍ରକାଶକ ବିକେ ପ୍ରକାଶନୀର ବିଜୟ କୁମାର ମହାପାତ୍ର, ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ଏମସ୍ ସେଟେଲାଇଟ ସେଣ୍ଟର ପୁର୍ଣ୍ଣ କାର୍ଯ୍ୟକ୍ଷମ ହେବ

ବାଲେଶ୍ୱର, ୧୨/୩ (ନି.ପ୍ର): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିରନ୍ତର ପ୍ରୟାସ ଯୋଗୁଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ପ୍ରଥମେ ପ୍ରତ୍ର ଓ ପରବର୍ତ୍ତୀ ସମୟରେ ଫୋନ ମାଧମରେ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏମସ୍ ସେଟେଲାଇଟ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ପାଇଁ ଆବଶ୍ୟକୀୟ ଅର୍ଥ ଓ ଅନ୍ୟାନ୍ୟ ବ୍ୟବସ୍ଥା ଶିଘ୍ର କରାଯିବ ବୋଲି ଉଲ୍ଲେଖ କରିଛନ୍ତି । ଏହା କାର୍ଯ୍ୟକ୍ଷମ ହେଲେ ବାଲେଶ୍ୱର ଜିଲ୍ଲା ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଲୋକେ ଉପକୃତ ହେବେ ବୋଲି ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି ।

# କବି ଡ଼. ନୀଳକଣ୍ଠ ମିଶ୍ରଙ୍କ ଜନ୍ମୋତ୍ସବ ପାଳିତ

ବାରିପଦା , ୧୨/୩ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଭୂମିପୁତ୍ର ସମ୍ମାନରେ ସମ୍ମାନିତ କବି ଡ. ନୀଳକଣ୍ଠ ମିଶ୍ରଙ୍କ ୭୯ତମ ଜନ୍ମୋତ୍ସବ ଶିକ୍ଷକ ସମାଜ ତରଫରୁ ପାଳିତ ହୋଇଯାଇଛି । ଶିକ୍ଷକ ସମାଜର ସଭାପତି ପ୍ରତାପ ଚନ୍ଦ୍ର ଧଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ଯୋଗ ଦେଇ ଡ଼. ନୀଳକଣ୍ଠ ମିଶ୍ରଙ୍କ ଲିଖିତ ବିଭିନ୍ନ କାବ୍ୟ କବିତା ତଥା ସାରସ୍ୱତ ସୃଷ୍ଟି ସଂପର୍କରେ ଆଲୋକପାତ କରିଥିଲେ । ପୃଷ୍ଠପୋଷକ ସଦସ୍ୟ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ ଡ଼. ମିଶ୍ରଙ୍କ ଲିଖିତ ଚବିଶଟି ପୁସ୍ତକ ପାଠକୀୟ ସ୍ୱୀକୃତି ଲାଭ କରିଛି । ଶିକ୍ଷକ ମହେଶ ସେଠୀ, ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତ, ଅନିଶା ବେହେରା, ନିବେଦିତା ମହାନ୍ତ, ଲକ୍ଷ୍ମୀ କୁମାରୀ, ସୁମିତ୍ରା ତରେଇ, ମିଲି ମହାନ୍ତ, ଶିକ୍ଷା କର୍ମଚାରୀ ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ ଡ଼. ମିଶ୍ରଙ୍କ ଲିଖିତ କବିତା ଆବୃତ୍ତି କରିବା ସହ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସର ରେ ଚଳିତ ବର୍ଷ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଡ଼. ନୀଳକଣ୍ଠ ମିଶ୍ର ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା. କାର୍ଯ୍ୟକ୍ରମରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ, କବି, କବୟିତ୍ରୀ ଯୋଗଦେଇଥିଲେ ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida